R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୦୭
ତିଥି : ଦ୍ୱିତୀୟା
୦୩ ମେ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

Vol. - XXX, No. 207
03 May 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ

# ପାସ୍ ହାର ୯୫.୩୩%




କଟକ, ୨।୫ (ସବ୍ୟୁ) : ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଚଳିତବର୍ଷ ଦଶମରେ ୫ ଲକ୍ଷ ୧୯ ହଜାର ୨୫୧ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଙ୍କ ଠାରୁ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ୨ ଲକ୍ଷ ୫୬ ହଜାର ୨୯ ଜଣ ଛାତ୍ର ଓ ୨ ଲକ୍ଷ ୬୩ ହଜାର ୨୨୨ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟରେ ମୋଟ୍ ପାସ୍‌ହାର ୯୫.୩୩ ପ୍ରତିଶତ ହୋଇଛି। ଗଜପତି ଜିଲାରେ ସର୍ବାଧିକ ୯୯.୩୧ ପ୍ରତିଶତ ପାସ୍ ହାର ରହିଥିବା ବେଳେ କେନ୍ଦୁଝରରେ ସର୍ବନିମ୍ନ ୯୪.୩୫ ପ୍ରତିଶତ ପାସ୍ ହାର ରହିଛି। ୩୩୧୦ ବିଦ୍ୟାଳୟରେ ଶତ ପ୍ରତିଶତ ଫଳାଫଳ ହୋଇଥିବାବେଳେ ଏବଂ ୩ ବିଦ୍ୟାଳୟରେ ଜଣେ ହେଲେ ବି ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇପାରିନାହାନ୍ତି। ସେହିପରି ସଂସ୍କୃତ ମଧ୍ୟମାରେ ୩୩୫୮ ଜଣ ଫର୍ମ ପୂରଣ କରିଥିବା ବେଳେ ୨୯୮୨ ଜଣ ପରୀକ୍ଷା ଦେଇଥିଲେ। ୨୯୩୧ କୃତକାର୍ଯ୍ୟ ହୋଇଥିବାବେଳେ ପାସ୍‌ହାର ରହିଛି ୮୭.୩ %। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ୧୦୦୪୩ ଜଣ ପରୀକ୍ଷା ଦେଇଥିବା ବେଳେ ୭୪୦୫ ଜଣ ପାସ୍ କରିଛନ୍ତି। ପାସ୍‌ହାର ୫୯.୮୨% ରହିଛି। ଛାତ୍ରଛାତ୍ରୀମାନେ ବୋର୍ଡ ୱେବ୍‌ସାଇଟ୍‌ରୁ ସେମାନଙ୍କ ପରୀକ୍ଷା ଫଳ ଜାଣିପାରିବେ। ତିନି ଦିନ ମଧ୍ୟରେ ଡିଜିଟାଲ (୯ ପୃଷ୍ଠାରେ)

- ଏଥର ବି ଛାତ୍ରୀମାନେ ଆଗରେ
- ୩୩୧୦ ସ୍କୁଲ୍‌ରେ ଶତ ପ୍ରତିଶତ ପାସ୍
- ତିନୋଟି ବିଦ୍ୟାଳୟରେ ଫଳ ଶୂନ
- ଗଜପତିରେ ସର୍ବାଧିକ, କେନ୍ଦୁଝରରେ ସର୍ବନିମ୍ନ
- ଏ -୧ ଗ୍ରେଡ୍‌ରେ ୨୪୫୬ ଜଣ ବିଦ୍ୟାର୍ଥୀ
- ମଧ୍ୟମା ପାସ୍ ହାର ୮୭.୩ %
- ଉଭୟ ଓଡ଼ିଆ ଓ ଇଂରାଜୀରେ ମିଳିବ ସାର୍ଟିଫିକେଟ

# ଆଇଇଡି ବିସ୍ଫୋରଣରେ ୪ ଯବାନ ସହିଦ



ମାଲକାନଗିରି, ୨।୫ (ସବ୍ୟୁ): ଓଡ଼ିଶା-ଛତିଶଗଡ଼ର ସୀମାନ୍ତ ନିକଟ କାଙ୍କେର ଜିଲ୍ଲାରେ ଶନିବାର ଆଇଇଡି (ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍) ବିସ୍ଫୋରଣରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡର ୪ ଜଣ ଯବାନ ସହିଦ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ଇନ୍ସପେକ୍ଟର ଅଛନ୍ତି । ସହିଦ ଯବାନମାନେ ହେଉଛନ୍ତି ଇନ୍ସପେକ୍ଟର ସୁଖରାମ ବଟ୍ଟୀ, କନଷ୍ଟେବଲ କୃଷ୍ଣ କୋମରା, କନଷ୍ଟେବଲ ସଞ୍ଜୟ ଗଡପାଲେ ଓ କନଷ୍ଟେବଲ ପରମାନନ୍ଦ କୋମରା। ଇନ୍ସପେକ୍ଟର ସୁଖରାମ ବଟ୍ଟୀ ଓ ଦୁଇ କନଷ୍ଟେବଲ କୃଷ୍ଣ କୋମରା ଓ ସଞ୍ଜୟ ଗଡପାଲେଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ଗୁରୁତର ଆହତ ହୋଇଥିବା ପରମାନନ୍ଦ କୋମରାଙ୍କୁ ରାୟପୁରକୁ ଏୟାରଲିଫ୍ଟ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ମିଳିଥିବା ସୂଚନା ଅନୁଯାୟୀ, କାଙ୍କେର ଓ ନାରାୟଣପୁର ଜିଲ୍ଲା ସୀମାରେ ଥିବା ଛୋଟେବେଟିୟା ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି । ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ କରିବା ସହିତ ପୂର୍ବରୁ ମାଓବାଦୀମାନେ ବିଛାଇ ରଖିଥିବା ଲ୍ୟାଣ୍ଡମାଇନ୍ ଓ ଆଇଡି ଗୁଡ଼ିକୁ ନିଷ୍କ୍ରିୟ କରିବା ପାଇଁ ଡିଆରଜିର ଏକ ଟିମକୁ ମୁତୟନ କରାଯାଇଥିଲା। ଶନିବାର ଏହି ଯବାନମାନେ ଏକ ଆଇଇଡିକୁ ଠାବ କରିବା ପରେ ନିଷ୍କ୍ରିୟ କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା ।

ଗତ ମାର୍ଚ୍ଚ ୩୧ ତାରିଖରେ ଦେଶକୁ ମାଓ ମୁକ୍ତ ଘୋଷଣା କରାଯାଇଥିବା ବେଳେ ଏହା ହେଉଛି ମାଓଙ୍କ ସହିତ ଜଡ଼ିତ ପ୍ରଥମ ଆଇଇଡି ବିସ୍ଫୋରଣ। ବସ୍ତର ରେଞ୍ଜ ପୁଲିସ ଆଇଜି ସୁନ୍ଦରରାଜ ପଟ୍ଟିଲିଙ୍ଗମ କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ମାଓ କ୍ୟାଡର ଓ ଗୁଇନ୍ଦା ରିପୋର୍ଟ ଆଧାରରେ ଗତ କିଛି ମାସ ହେଲା ସୁରକ୍ଷାକର୍ମୀମାନେ କାଙ୍କେର ସମେତ ବସ୍ତର ରେଞ୍ଜର ୭ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ଶତାଧିକ ଆଇଇଡି ଠାବ କରାଯାଇ ସେଗୁଡ଼ିକୁ ନିଷ୍କ୍ରିୟ କରାଯାଇଛି । ଏହି ଆଇଇଡି ଗୁଡ଼ିକୁ ପୂର୍ବରୁ ମାଓବାଦୀମାନେ ପୋତି ଥିଲେ। ଆଜି ଯେଉଁ ଘଟଣା ଘଟିଛି, ତାହା ଦୁର୍ଭାଗ୍ୟପୂର୍ଣ୍ଣ । ପୁଲିସ୍ ଟିମ୍ ତାକୁ ନିଷ୍କ୍ରିୟ କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଆଜିର (୯ ପୃଷ୍ଠାରେ)

# ୧୧ ରୁ ୧୫ ମଧ୍ୟରେ ଲଘୁଚାପ !

ଭୁବନେଶ୍ୱର, ୨।୫ : ଆସନ୍ତା ୧୧ରୁ ୧୫ ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ବର୍ତ୍ତମାନର ପାଣିପାଗ ମଡେଲ ଅନୁସାରେ ବଙ୍ଗୋପ ସାଗରରେ ଏକ ସକ୍ରିୟ ପରିବେଶ ସୃଷ୍ଟି ହୋଇଛି। ଏହି ସମୟରେ ସମୁଦ୍ର ପୃଷ୍ଠର ତାପମାତ୍ରା ପ୍ରାୟ ୩୦ ରୁ ୩୧ ଡିଗ୍ରୀ ସେଲ୍‌ସିୟସ ରହିଥିବାରୁ ବାତ୍ୟା ସୃଷ୍ଟି ପାଇଁ ଏହା ଅନୁକୂଳ। ଲଘୁଚାପ ସୃଷ୍ଟି ହେବାପାଇଁ ଆବଶ୍ୟକୀୟ ଉପାଦାନ ଗୁଡ଼ିକ ଏକତ୍ରିତ ହେବାକୁ ସମୟ ନେଉଛନ୍ତି। ଜିଏଫ୍‌ଏସ୍ ପକ୍ଷରୁ ଏକ ଶକ୍ତିଶାଳୀ ବାତ୍ୟାର ଚିତ୍ର ଦେଖାଯାଉଛି। ଏହାର ପ୍ରମୁଖ କାରଣ ହେଉଛି ଏମ୍‌ଜେଓର ପ୍ରଭାବ ।

ଭାରତ ମହାସାଗରରେ ଏମ୍‌ଜେଓ ଅଧିକ ସକ୍ରିୟ ରହିବ। ଯାହା ବାୟୁ ମଣ୍ଡଳକୁ ଅଧିକ ଶକ୍ତି ପ୍ରଦାନ କରିବ। ଜିଏଫ୍‌ଏସ୍ ଅନୁସାରେ ବାୟୁମଣ୍ଡଳର ନିମ୍ନଭାଗରେ ଘୂର୍ଣ୍ଣନ ଶକ୍ତି ବୃଦ୍ଧି ପାଇବ। ଉର୍ଦ୍ଧ୍ୱ ଭାଗରେ ପବନ ଗତିର ପାର୍ଥକ୍ୟ କମିବ ଓ ମଧ୍ୟଭାଗରେ ଆପେକ୍ଷିକ ଆର୍ଦ୍ରତା ୮୦%ରୁ ଅଧିକ ରହିବା ଯୋଗୁ ବାତ୍ୟା ଘନିଭୂତ ହେବାର ସମ୍ଭାବନା ରହିଛି। ଯଦି ପବନର ଗତି ଅନୁକୁଳ ରହେ ତେବେ ଏହି ତାପମାତ୍ରା ଲଘୁଚାପକୁ ଅତିଶୀଘ୍ର ବାତ୍ୟାରେ ପରିଣତ କରିବାର କ୍ଷମତା ରଖିବ। ଇସିଏମ୍‌ଡବ୍ଲ୍ୟୁଏଫ୍ ମଡେଲ ଦର୍ଶାଉଛି ଯେ ଏହି ମଡେଲ ଏବେ ଭାରତୀୟ ସ୍ଥଳଭାଗରୁ ଆସୁଥିବା ଶୁଷ୍କ ପବନ ବାତ୍ୟାର ଗତିରୋଧ କରିବ। ଫଳରେ ଏହା କେବଳ ବର୍ଷା ପ୍ରଦାନକାରୀ ଲଘୁଚାପରେ ସୀମିତ ରହିପାରେ। ସମୁଦ୍ର ଏବେ ବାତ୍ୟା ପାଇଁ ପ୍ରସ୍ତୁତ ଅଛି। କିନ୍ତୁ ବାୟୁମଣ୍ଡଳ ପରିସ୍ଥିତି ଏହାକୁ ସମର୍ଥନ କରିବ କି ନାହିଁ ଆସନ୍ତା ମେ' ୬ ତାରିଖ ସୁଦ୍ଧା ସ୍ପଷ୍ଟ ହେବ। (୯ ପୃଷ୍ଠାରେ)



## ଚତୁର୍ଥ ପର୍ଯ୍ୟାୟ ପିଏମ୍‌ଜିଏସ୍‌ୱାଇ-ଆଇଭି ଆରମ୍ଭ

# ୧୭୦୦ କୋଟିର ପ୍ରକଳ୍ପ ଅନୁମୋଦିତ

ଭୁବନେଶ୍ୱର/ରାୟଗଡା, ୨।୫ (ସବ୍ୟୁ) : ରାଜ୍ୟର ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ-ଆଇଭି)ର ଶୁଭାରମ୍ଭ ହୋଇଯାଇଛି।

ରାୟଗଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ପିଏମ୍‌ଜିଏସ୍‌ୱାଇ-୪ରେ ଓଡ଼ିଶାର ୮ଟି ଜିଲ୍ଲା ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ବରାଦ କରାଯିବ। ଏଥିରେ ୮୯୮ଟି ଗାଁରେ ୧୭୦୨ କିଲୋମିଟର ପକ୍କାରାସ୍ତା ନିର୍ମାଣ କରାଯିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ ଜିଲ୍ଲା ପାଇଁ ଅନେକ ନୂତନ ସଡ଼କ ପ୍ରକଳ୍ପ ଘୋଷଣା କରିବା ସହ ଏକାଧିକ ପାନୀୟ ଜଳ ଓ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ କରିଛନ୍ତି।



ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିକୁ ସାକାର କରିବା ପାଇଁ ରାଜ୍ୟ ସରକାର ପିଏମ୍‌ଜିଏସ୍‌ୱାଇ-ଆଇଭି ମାଧ୍ୟମରେ ଅଣ-ସଂଯୋଜିତ ଗ୍ରାମଗୁଡ଼ିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଏହି ପର୍ଯ୍ୟାୟରେ କନ୍ଧମାଳ,

**ଓଡ଼ିଶା ଆସିବେ ବୈଜ୍ଞାନିକ ଦଳ, ଗଢ଼ାହେବ ସିଡ୍ ଭିଲେଜ୍ : ଚୌହାନ**

**ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ହେବ ମିଶନ ପାୱାର : ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, ଗ୍ରାମାଞ୍ଚଳର ବିକାଶ ବିନା ... କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, (୯ ପୃଷ୍ଠାରେ)

# କଙ୍କାଳ ଘଟଣାକୁ ନେଇ ସୀତାରମଣଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର, ୨।୫ : କେନ୍ଦୁଝରର ଜିତୁ ମୁଣ୍ଡା କଙ୍କାଳ ବୋହିବା ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଛନ୍ତି। ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ନବୀନ ଉଲ୍ଲେଖ କରିଛନ୍ତି ଯେ ଗତ ୨୭ ତାରିଖରେ ମଲିପୋଷି ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଗରିବ ଆଦିବାସୀ ନାଗରିକ ଜିତି ମୁଣ୍ଡାଙ୍କୁ ତା'ର ଭଉଣୀର କଙ୍କାଳକୁ ମୃତ୍ୟୁର ପ୍ରମାଣ ଦେବାପାଇଁ ବ୍ୟାଙ୍କ ଯାଏ ବୋହି ଆଣିବାକୁ ପଡ଼ିଥିଲା। ବାରମ୍ବାର ବ୍ୟାଙ୍କକୁ ଯାଇ ସେ ତା' ଭାଉଣୀର ଅର୍ଥରାଶି ପାଇବାକୁ ସକ୍ଷମ ହୋଇନଥିଲା। ଏହି ଘଟଣାରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜିତୁର ନିବେଦନକୁ ଶୁଣିନଥିଲେ। ଏହା ଆର୍‌ବିଆଇ ଗାଇଡ୍‌ଲାଇନ୍‌ର (୯ ପୃଷ୍ଠାରେ)

# ଓଲଟିଲା ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍

ଭୁବନେଶ୍ୱର, ୨।୫ (ସବ୍ୟୁ) : ଫାୟାର ଷ୍ଟେସନ ଓଭର ବ୍ରିଜ୍ ନିକଟରେ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ସିଲିଣ୍ଡରଗୁଡ଼ିକ ରାସ୍ତାରେ ଗଡ଼ିଥିଲା। ଯାହାଫଳରେ ଯାତାୟାତ ପ୍ରଭାବିତ ହେଲା। ଖବର ପାଇ ପୋଲିସ, ଟ୍ରାଫିକ୍ କର୍ମଚାରୀ ଓ ଫାୟାର କମାଣ୍ଡୋମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ମୁକାବିଲା କରିଥିଲେ।

ଗ୍ୟାସ୍ ସିଲିଣ୍ଡର (୯ ପୃଷ୍ଠାରେ)



# ପୁଣି ଆରମ୍ଭ ହେବ ଇରାନ-ଆମେରିକା ଯୁଦ୍ଧ

ନୂଆଦିଲ୍ଲୀ, ୨।୫ : ଆମେରିକା ଓ ଇରାନ ମଧ୍ୟରେ ପୁଣି ଯୁଦ୍ଧ ଆରମ୍ଭ ହୋଇପାରେ। ଉଭୟ ପକ୍ଷରୁ ଯେଉଁ ବିବୃତ୍ତି ଦିଆଯାଉଛି ତାହାକୁ ନେଇ ଉତ୍ତେଜନା ବଢ଼ୁଛି। ଇରାନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଚୁକ୍ତିକୁ ଆମେରିକା ସମ୍ମାନ ଦେଉନାହିଁ। ଆମେରିକା ଚୁକ୍ତି ଲାଗି କୌଣସି ପ୍ରତିବଦ୍ଧତା ଦେଖାଉନାହିଁ ବୋଲି ଇରାନ କହିଛି। ଇରାନର ସେନା ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଆମେରିକା ଅଧିକାରୀମାନଙ୍କର ବର୍ତ୍ତମାନ ଯେଉଁ ପ୍ରତିକ୍ରିୟା ଆସୁଛି ସେଥିରେ କୂଟନୈତିକ ବୁଝାମଣା ପାଇଁ କୌଣସି ପ୍ରତିବଦ୍ଧତା ଥିବା ଉଲ୍ଲେଖ କରାଯାଉନାହିଁ।

ଇରାନର ସେନା ପୁରା ଆଲର୍ଟରେ ରହିଛି ଓ ଯେ କୌଣସି ମୁକାବିଲା ପାଇଁ ପ୍ରସ୍ତୁତ ଅଛି। ଆମେରିକାର ବୋକାମିକୁ ଜବାବ ଦେବାପାଇଁ ସେନା ପ୍ରସ୍ତୁତ ରହିଛି। ଇରାନ ପକ୍ଷରୁ ଯେଉଁ ବୁଝାମଣା ପାଇଁ ଟ୍ରମ୍ପ ପ୍ରସ୍ତାବ ଦେଇଥିଲେ ତାହାକୁ ସେମାନେ ଗ୍ରହଣ (୯ ପୃଷ୍ଠାରେ)

# ଗଣତି ପୂର୍ବରୁ ମମତାଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଝଟ୍‌କା

ନୂଆଦିଲ୍ଲୀ, ୨।୫ : ପଶ୍ଚିମବଙ୍ଗ ଭୋଟ୍ ଗଣତି ପୂର୍ବରୁ ଟିଏମ୍‌ସି ନେତ୍ରୀ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସୁପ୍ରିମ୍‌କୋର୍ଟରୁ ଝଟ୍‌କା ଲାଗିଛି। ଭୋଟ୍ ଗଣତି କେନ୍ଦ୍ରରେ କେନ୍ଦ୍ର ସରକାରଙ୍କ ଅଧିକାରୀ ଓ କର୍ମଚାରୀ ନିୟୋଜିତକୁ ମମତା ବିରୋଧ କରିଥିଲେ। ଗଣତିବେଳେ କେନ୍ଦ୍ର ସରକାରଙ୍କ କର୍ମଚାରୀ ରହିବା ଅନୁଚିତ୍ ବୋଲି ମମତା ଦାବି କରିଥିଲେ। ପ୍ରଥମେ ହାଇକୋର୍ଟ ଯାଇଥିବାବେଳେ ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଥିଲେ। ଏହାପରେ ସେ ସୁପ୍ରିମ୍‌କୋର୍ଟ ଯାଇଥିଲେ। ସୁପ୍ରିମ୍‌କୋର୍ଟ ମଧ୍ୟ ଭୋଟ୍ ଗଣତି କେନ୍ଦ୍ରରେ କେନ୍ଦ୍ର ସରକାରୀ କର୍ମଚାରୀ ନିଯୁକ୍ତି ନିୟମର ଉଲ୍ଲଂଘନ ନୁହେଁ ବୋଲି ଉଲ୍ଲେଖ କରିଥିଲେ।



- ଗଣତି କେନ୍ଦ୍ରରେ କେନ୍ଦ୍ରୀୟ କର୍ମଚାରୀଙ୍କ ମୁତୟନକୁ କରିଥିଲେ ବିରୋଧ
- କେନ୍ଦ୍ର କର୍ମଚାରୀଙ୍କ ସହ ରହିବେ ରାଜ୍ୟ କର୍ମଚାରୀ

ନିର୍ବାଚନ କମିଶନଙ୍କ ପକ୍ଷରୁ ପକ୍ଷ ରଖି ଆଡ୍‌ଭୋକେଟ୍ ଦାମ ଶେଷାଦ୍ରୀ ପକ୍ଷ ରଖିଥିଲେ ଯେ ଭୋଟ୍ ଗଣତି ସମୟରେ ରାଜ୍ୟ ସରକାରଙ୍କର ପ୍ରତିନିଧିମାନେ ମଧ୍ୟ ରହିବେ। ଜଷ୍ଟିସ୍ ପିଏସ୍ ନରସିମ୍ହା ଓ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ସୁପ୍ରିମ୍‌କୋର୍ଟ ମଧ୍ୟ ଇଏସ୍‌ଆଇଙ୍କ ଓକିଲଙ୍କ ବୟାନକୁ ରେକର୍ଡ କରିଥିଲେ। ତେବେ କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ କୌଣସି ରାୟ ଦେଇନଥିଲେ। କୋର୍ଟ କହିଥିଲେ ଯେ ନାଇଡୁ ଯାହା କହିଛନ୍ତି ତାହା ଇସିଆଇଙ୍କୁ ଲେଟର ଅଫ୍ ସ୍ପିରିଟ୍‌ରେ କାର୍ଯ୍ୟକାରୀ କରିବାକୁ କୁହାଯିବ। ମେ' ୪ ତାରିଖ ଦିନ ଯଦି ଏହା ନ ହୁଏ ତେବେ ଏହି ଘଟଣାର ତ୍ୱରିତ ଶୁଣାଣି କରାଯିବ। ଟିଏମ୍‌ସି ପକ୍ଷରୁ ପକ୍ଷ ରଖି ଆଇନଜୀବୀ କପିଲ ଶିବଲ କହିଥିଲେ ଯେ ପ୍ରତି ଟେବୁଲରେ ଅତିକମ୍‌ରେ ରାଜ୍ୟ ସରକାରଙ୍କ ଜଣେ କର୍ମଚାରୀ ରହିବା ଆବଶ୍ୟକ। ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ। ଇସିଙ୍କ ଠାରୁ କୌଣସି ନ୍ୟାୟ ମିଳିବ ନାହିଁ ବୋଲି ସେ କହିବାସହ ସବୁ ଗଣତି ଟେବୁଲରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ନିଯୁକ୍ତି ନେଇ ମଧ୍ୟ ପ୍ରଶ୍ନ କରିଥିଲେ। ନିୟମରେ ଉଭୟେ କେନ୍ଦ୍ର ଓ ରାଜ୍ୟ କର୍ମଚାରୀ ନିଯୁକ୍ତି ନେଇ ବ୍ୟବସ୍ଥା ରହିଛି। କପିଲ ଶିବଲ ଅଭିଯୋଗ (୯ ପୃଷ୍ଠାରେ)

# ପ.ବଙ୍ଗର ଫାଲ୍‌ଟା ନିର୍ବାଚନମଣ୍ଡଳୀର ସବୁ ବୁଥ୍‌ରେ ପୁନଃ ଭୋଟ୍

ନୂଆଦିଲ୍ଲୀ, ୨।୫ : ପଶ୍ଚିମବଙ୍ଗର ଫାଲ୍ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମସ୍ତ ବୁଥରେ ପୁନଃ ଭୋଟ୍ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨୯ରେ ଏଠାରେ ଭୋଟ୍ ଗ୍ରହଣ ବେଳେ ଗଣତାନ୍ତ୍ରିକ ପ୍ରକ୍ରିୟାର ଅପବ୍ୟବହାର ହୋଇଥିବା ଅଭିଯୋଗ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୁଥ ଗୁଡିକରେ ମେ ୨୧ରୁ ସକାଳ ୭ରୁ ସନ୍ଧ୍ୟା ୬ ଯାଏଁ ଓ ମେ ୨୪ ତାରିଖରେ ଭୋଟ୍ ଗଣତି କରାଯିବ। ଏହି ନିର୍ବାଚନ ମଣ୍ଡଳୀରେ ବ୍ୟାପକ ଉଲ୍ଲଂଘନ ହୋଇଥିଲା। ଏଥିଲାଗି ନିର୍ବାଚନ କମିଶନ ୨୮୫ ବୁଥରେ ପୁନଃ ଭୋଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବାଣିଜ୍ୟିକ ସିଲିଣ୍ଡର ୯୯୩ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ, ୨।୫ : ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡରର ଦାମ୍ ୯୯୩ ଟଙ୍କା ବୃଦ୍ଧି ପାଇଛି। ପଶ୍ଚିମବଙ୍ଗ ସମେତ ୫ ରାଜ୍ୟର ନିର୍ବାଚନ ସରିବା ପରେ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ସାଧାରଣ ଲୋକ ବିଶେଷ କରି ବ୍ୟବସାୟୀମାନଙ୍କୁ ଆଘାତ ଦେଇଛି। ଏହାର ପ୍ରଭାବ ସିଧାସଳଖ ହୋଟେଲ, ରେଷ୍ଟୁରାଣ୍ଟ ଓ ଛୋଟ ବ୍ୟସାୟୀଙ୍କୁ ପ୍ରଭାବିତ କରିବ। ଏହି ସିଲିଣ୍ଡରର ମୂଲ୍ୟ ଦିଲ୍ଲୀରେ ୩୦୭୧ ଟଙ୍କା ୫୦ ପଇସା ହୋଇଛି। ପୂର୍ବରୁ ମୁଦ୍ରାସ୍ଫିତିରେ ପୀଡିତ ଲୋକମାନେ ବଡ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ହଠାତ୍ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ଛୋଟ ବ୍ୟବାସୟୀଙ୍କୁ ବେଶ୍ ପ୍ରଭାବିତ କରିବ। ରେଷ୍ଟୁରାଣ୍ଟ, ଢ଼ାବା, କ୍ୟାଟରିଂ ସେବାଗୁଡ଼ିକ ସେମାନଙ୍କ ଖର୍ଚ୍ଚ ପରିଚାଳନାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ତେବେ ଏଲ୍‌ପିଜି ଘରୋଇ ସିଲିଣ୍ଡର ମୂଲ୍ୟ ବୃଦ୍ଧି ନ ହେବା ସାଧାରଣ ଉପଭୋକ୍ତାଙ୍କୁ ଆଶ୍ୱସ୍ତ କରିଛି। ତେବେ ଏହି ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ବୃଦ୍ଧି ପରୋକ୍ଷରେ ସାଧାରଣ ଲୋକଙ୍କୁ ମଧ୍ୟ ପ୍ରଭାବିତ କରିବ। ଆଗାମୀ ଦିନରେ ହୋଟେଲ, ରେଷ୍ଟୁରାଣ୍ଟଗୁଡ଼ିକରେ ଖାଦ୍ୟର ମୂଲ୍ୟ ବୃଦ୍ଧି ହୋଇପାରେ। ସିଲିଣ୍ଡର ମୂଲ୍ୟ ବୃଦ୍ଧିକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସୋସିଆଲ ମିଡ଼ିଆରେ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଗୋଟିଏ ଦିନରେ ସର୍ବାଧିକ ବୃଦ୍ଧି ହୋଇଛି। ନିର୍ବାଚନ ପରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ସିଲିଣ୍ଡର ବଢ଼ିବ ବୋଲି ଉଲ୍ଲେଖ କରିଥିଲେ। ଆଜି ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ବୃଦ୍ଧି ଘଟିଛି। ୩ ମାସରେ ୮୧% ବୃଦ୍ଧି ଘଟିଛି। ମିଠା ଦୋକାନୀ ଭଳି ଛୋଟ ବ୍ୟବସାୟ ଉପରେ ପ୍ରଭାବ ପଡ଼ିବ ଓ ଅତିରିକ୍ତ ଘରୋଇ ଖର୍ଚ୍ଚ ବୃଦ୍ଧି ପାଇବ। ପରବର୍ତ୍ତୀ ଆକ୍ରମଣ ପେଟ୍ରୋଲ ଓ ଡିଜେଲ ଉପରେ ହେବ।

# ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ଯାହା ପ୍ରତିବର୍ଷ ମେ ୩ ତାରିଖରେ ପାଳନ କରାଯାଏ। ଏହା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ସମ୍ମାନ ଜଣାଇବା ଏବଂ ସାମ୍ବାଦିକମାନଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ଅଟେ। ୧୯୯୧ ମସିହାରେ ଆଫ୍ରିକୀୟ ସାମ୍ବାଦିକମାନଙ୍କ ଦ୍ୱାରା ୟୁନେସ୍କୋର ଏକ ସେମିନାରରେ ଆଗତ 'ୱିଣ୍ଡହୋକ ଘୋଷଣାନାମା'ରୁ ଏହାର ପାଳନ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ୧୯୯୩ରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଥିଲା। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରଙ୍କୁ ସୂଚନା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରତି ସେମାନଙ୍କର ପ୍ରତିବଦ୍ଧତା ମନେ ପକାଇଦେବା। ଏହାସହ ଯେଉଁ ସାମ୍ବାଦିକମାନେ ସତ୍ୟ ପ୍ରକାଶ କରିବାକୁ ଯାଇ ନିଜର ଜୀବନ ବଳିଦାନ ଦେଇଛନ୍ତି, ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା। ଆଜିର



ସମୟରେ ଯେତେବେଳେ ମିଥ୍ୟା ଖବର ଏବଂ ଏଆଇ ଜନିତ ଅପପ୍ରଚାର ବଢ଼ିବାରେ ଲାଗିଛି, ସେତେବେଳେ ଏକ ନିରପେକ୍ଷ ଏବଂ ସ୍ୱାଧୀନ ଗଣମାଧ୍ୟମର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। କାରଣ ଏହା ହିଁ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଜବାବଦେହିତା ବଜାୟ ରଖିପାରିବ। ଏହି ଦିବସକୁ ପାଳନ କରିବା ପାଇଁ ବିଭିନ୍ନ ବିଦ୍ୟାଳୟ ଓ କଲେଜରେ ସେମିନାର ଆୟୋଜନ କରାଯାଇଥାଏ। ଏହାସହ ସାମାଜିକ ଗଣମାଧ୍ୟମରେ ସାମ୍ବାଦିକତା ସପକ୍ଷରେ ସଚେତନତା ସୃଷ୍ଟି କରାଯିବାସହ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ସାମ୍ବାଦିକମାନଙ୍କ କାର୍ଯ୍ୟଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥାଏ।



# ଖରାରେ ରୁହନ୍ତୁ ସଚେତନ

ଭାରତରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସତର୍କ ରହିବାର ଆବଶ୍ୟକତା ଅଛି। ସମ୍ପ୍ରତି ଦେଶର ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି, ଯାହା ଫଳରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ସେହିଭଳି ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏନସିଆରବି ରିପୋର୍ଟ ଅନୁଯାୟୀ, ୨୦୦୦ ରୁ ୨୦୨୦ ମଧ୍ୟରେ ପ୍ରବଳ ଖରା ଯୋଗୁଁ ପ୍ରାୟ ୨୦,୬୧୫ ଜଣ ପ୍ରାଣ ହରାଇଛନ୍ତି। ଅତ୍ୟଧିକ ଖରାରେ କାମ କରିବା ଦ୍ୱାରା ଶରୀରର ତାପମାତ୍ରା ନିୟନ୍ତ୍ରଣ ପ୍ରଣାଳୀ ବିଗିଡ଼ିଯାଏ, ଯାହା ଫଳରେ ହିଟ୍ ଷ୍ଟ୍ରୋକ୍, ଡିହାଇଡ୍ରେସନ ଏବଂ ଅତ୍ୟଧିକ ଝାଳ ଯୋଗୁଁ ଇଲେକ୍ଟ୍ରୋଲାଇଟ୍ସର ଅଭାବ ଦେଖାଦିଏ। ତେଣୁ ଉଚ୍ଚ ତାପମାତ୍ରାରେ ଦୀର୍ଘ ସମୟ କାମ କଲେ ହୃଦୟ ଉପରେ ଅତିରିକ୍ତ ଚାପ ପଡ଼ିଥାଏ ଏବଂ ଜଳୀୟ ଅଂଶ କମିବା ଯୋଗୁଁ କିଡନୀର କାର୍ଯ୍ୟଦକ୍ଷତା ମଧ୍ୟ ପ୍ରଭାବିତ ହୁଏ।

**ହାଇଡ୍ରେସନ-** ଡିହାଇଡ୍ରେସନରୁ ବଞ୍ଚିବା ପାଇଁ ଦିନକୁ ଅତିକମରେ ୩-୪ ଲିଟର ପାଣି ପିଇବା ଉଚିତ, ବିଶେଷ କରି ବାହାରେ କାମ କରୁଥିବା ବ୍ୟକ୍ତିମାନେ ଅଧିକ ପାଣି ପିଇବା ଆବଶ୍ୟକ। କେବଳ ସାଧା ପାଣି ଯଥେଷ୍ଟ ନୁହେଁ; ଶରୀରରେ ଲବଣ ଓ ମିନେରାଲ୍ସ ସନ୍ତୁଳନ ରଖିବା ପାଇଁ ଦହି, ନଡ଼ିଆ ପାଣି, ଲେମ୍ବୁ ପାଣି କିମ୍ବା ଓଆରଏସ୍ ଗ୍ରହଣ କରିବା ଜରୁରୀ।

**ପୋଷାକ-** ଖରାକୁ ବାହାରିବା ପୂର୍ବରୁ ଖାଲି ପେଟରେ ନ ଯାଇ ହାଲୁକା ପୌଷ୍ଟିକ ଜଳଖିଆ ଖାଇବା ଉଚିତ ଏବଂ ଶରୀରକୁ ଥଣ୍ଡା ରଖିବା ପାଇଁ ହାଲୁକା ରଙ୍ଗର ଢିଲା ସୂତା କପଡ଼ା ପିନ୍ଧିବା ଆବଶ୍ୟକ। ଟାଇଟ ପୋଷାକଠାରୁ ଏହି ସମୟରେ ଦୂରରେ ରୁହନ୍ତୁ।

**ସତର୍କତା -** କାମ ମଝିରେ ସମୟ ସମୟରେ ଛାଇ କିମ୍ବା ଥଣ୍ଡା ସ୍ଥାନରେ ବିଶ୍ରାମ ନେବା ଉଚିତ ଏବଂ ମୁଣ୍ଡକୁ ଟୋପି କିମ୍ବା ଗାମୁଛାରେ ଢାଙ୍କି ରଖିବା ଜରୁରୀ। କଳା ଚଷମା ପିନ୍ଧି ଖରାରେ ବାହାରକୁ ବାହାରିବାର ଆବଶ୍ୟକତା ରହିଛି। ୫୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ମଧୁମେହ ରୋଗୀ ଏବଂ ହୃଦୟ କିମ୍ବା କିଡନୀ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଖରାରେ ବାହାରକୁ ଯିବା ସମୟରେ ବିଶେଷ ସାବଧାନତା ଅବଲମ୍ବନ କରିବା ଉଚିତ।

# ସାଇକେଲ ଚଳାଇବାକୁ ଲାଇସେନ୍ସ

ସାଧାରଣତଃ ଯେ କୌଣସି ଗାଡି ଚଳାଇବା ପାଇଁ ଲାଇସେନ୍ସର ଆବଶ୍ୟକତା ପଡିଥାଏ। ହେଲେ ଏଭଳି ଏକ ସମୟ ଥିଲା ଯେତେବେଳେ ଭାରତର ସହରଗୁଡ଼ିକରେ ସାଇକେଲ ଚଳାଇବା ପାଇଁ ମଧ୍ୟ ଲାଇସେନ୍ସର ଆବଶ୍ୟକତା ପଡୁଥିଲା। ପ୍ରାୟ ୭୦-୮୦ ବର୍ଷ ପୂର୍ବେ ବ୍ରିଟିଶ ଶାସନ କାଳରେ ପୌରପାଳିକାଗୁଡ଼ିକ ସାଇକେଲ ଉପରେ 'ହୁଇଲ୍ ଟ୍ୟାକ୍ସ' ବା ଚକ୍ର କର ଲାଗୁ କରୁଥିଲେ। ଯେଉଁଥିପାଇଁ ପ୍ରତିବର୍ଷ ୨ ଟଙ୍କା ଦେଇ ପଞ୍ଜିକରଣ କରିବାକୁ ପଡୁଥିଲା, ଯାହା ସେହି ସମୟରେ ଏକ ବଡ଼ ଅଙ୍କର ଅର୍ଥ ଥିଲା। ପଞ୍ଜିକରଣ ପରେ କାଗଜ ପରିବର୍ତ୍ତେ ପିତଳ ବା ଆଲୁମିନିୟମର ଏକ ଛୋଟ ବିଲ୍ଲା ବା ଟୋକନ୍ ଦିଆଯାଉଥିଲା। ଯାହାକୁ ସାଇକେଲର ଫ୍ରେମରେ ଲଗାଇବା ବାଧ୍ୟତାମୂଳକ ଥିଲା। ଏହାସହ ଘଣ୍ଟି କିମ୍ବା ଲାଇଟ୍ ନଥାଇ ସାଇକେଲ ଚଳାଇଲେ ଦଣ୍ଡବିଧାନର ବ୍ୟବସ୍ଥା ମଧ୍ୟ ରହିଥିଲା। ୧୯୪୦ ରୁ ୧୯୬୦ ଦଶକ ମଧ୍ୟରେ ଅନେକ ରାଜ୍ୟରେ ଏହି ନିୟମ କଡ଼ାକଡ଼ି ଭାବେ ପାଳନ କରାଯାଉଥିବା ବେଳେ ୧୯୭୦ ଦଶକ ପରେ ଏହି ବ୍ୟବସ୍ଥା ଧୀରେ ଧୀରେ ବନ୍ଦ ହୋଇଗଲା। କାରଣ ଟିକସରୁ ମିଳୁଥିବା ଆୟ ତୁଳନାରେ ଖର୍ଚ୍ଚ ଯଥେଷ୍ଟ ଅଧିକ ହୋଇଥିଲା।



# ଇତିହାସ

୧୦୬୭- ଫ୍ରିଉଲିର ସଂସଦର ସ୍ଥାପନା।
୧୫୫୯- ଫ୍ରାନ୍ସ ଓ ସ୍ପେନ୍ ଭିତରେ ଲେ କାଟେୟୁ କେମ୍ବ୍ରିସିସ୍‌ର ଦ୍ୱିତୀୟ ଟ୍ରେଟି ସ୍ୱାକ୍ଷରିତ।
୧୭୭୬-ହାଭାର୍ଡ କଲେଜରୁ ଜର୍ଜ ୱାଶିଂଟନଙ୍କୁ ଏଲ୍‌ଆଇଡି ଡିଗ୍ରୀ ପ୍ରଦାନ କରାଯାଇଥିଲା।
୧୯୨୨- ଭ୍ଲାଦିମିର ଲେନିନ୍ ଜୋସେଫ୍ ଷ୍ଟାଲିନ୍‌ଙ୍କୁ ଋଷିଆନ କମ୍ୟୁନିଷ୍ଟ ପାର୍ଟିର ଜେନେରାଲ ସେକ୍ରେଟାରୀ ଭାବେ ଦାୟିତ୍ୱ ଦେଇଥିଲେ।
୧୯୪୮- ଆମେରିକାର ପ୍ରଥମ ଫିଗର ସ୍କେଟିଂ ଚାମ୍ପିଅନସିପ୍ ଆୟୋଜିତ।
୧୯୫୭-ୟୁଏସ୍‌ଏସ୍‌ଆର୍‌ର ଆଣବିକ ପରୀକ୍ଷଣ।

# ସୋସିଆଲ କୋଟ୍ସ

ରକି ଓ ରାନିକୀ ପ୍ରେମ କାହାଣୀରେ ରଣବୀରଙ୍କ ସହ କାମ କରି ମୋତେ ଖୁବ ଖୁସି ଲାଗିଲା। ତାଙ୍କ ସହ ମୁଁ ବହୁତ କାଜୁଆଲ ଭାବେ ମିଶୁଥିଲି। ସେ ଖୁବ ଜଲଦି ଦିଲ୍ଲୀର କଥା କହିବାର ଶୈଳୀ ଶିଖିଯାଇଥିଲେ।

ୟୁବରାଜ ଦୁଆ, ୟୁଟ୍ୟୁବର





କୋରିଓ ଗ୍ରାଫର ମୋତେ ପୂର୍ବରୁ ଡ୍ୟାନ୍ସର ରିହଲସଲ୍ କରାଇନଥିଲେ। ମୋତେ ଖାଲି ତାଳି ମାରିବାର ଅଛି ବୋଲି କହିଥିଲେ। ହେଲେ ସେଟରେ ଜାଣିଲି ନାଚିବାର ଅଛି, ଯାହା ମୋତେ ନର୍ଭସ କରିଥିଲା।

ସବାନା ଆଜମୀ, ଅଭିନେତ୍ରୀ

ପ୍ରଥମେ ମୁଁ ମାଟରନିଟି ଲିଭ୍‌ରେ ଥିଲି। ହେଲେ ପରେ ମୋ ସ୍ୱାମୀ ତାରକ ମେହେତା କା ଉଲଟା ଚଷମାରୁ ରିଜାଇନ୍ କରିଥିଲେ। ଏହାପରେ ମୋତେ ମଧ୍ୟ ସେଥିରୁ ବିନା ନୋଟିସରେ ବାହାର କରିଦିଆଗଲା।

ପ୍ରିୟା ଅହୁଜା, ଅଭିନେତ୍ରୀ



# ପରିଶ୍ରମ ଦେଇଛି ସଫଳତା

ଅନୁପମ ଖେରଙ୍କ ଚଳଚ୍ଚିତ୍ର 'ତନ୍ୱୀ ଦ ଗ୍ରେଟ୍' ମାଧ୍ୟମରେ ଘରେ ଘରେ ପରିଚିତ ହୋଇଥିବା ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତ ଆଜି ସଫଳତାର ଶିଖର ଛୁଇଁବା ସହ ଏକାଧିକ ସମ୍ମାନଜନକ ପୁରସ୍କାର ହାସଲ କରୁଛନ୍ତି। ହେଲେ ଏହି ସଫଳତା ପଛରେ ରହିଛି ଅନେକ ସଂଘର୍ଷ ଓ କଷ୍ଟ। ଏକ ସାକ୍ଷାତକାରରେ ନିଜ ଅଭିଜ୍ଞତା ବାଣ୍ଟି ଶୁଭାଙ୍ଗୀ କହିଛନ୍ତି ଯେ, କେବେ ଉଚ୍ଚତା ପାଇଁ ତ କେବେ ଚେହେରା ପାଇଁ ତାଙ୍କୁ ୬୦ରୁ ଅଧିକ ଥର ଅଡିସନରୁ ବାଦ୍ ଦିଆଯାଇଥିଲା। ଏପରିକି ଅନେକ ସମୟରେ ବିନା ଅଡିସନରେ ହିଁ ତାଙ୍କୁ ଫେରାଇ ଦିଆଯାଉଥିଲା। ଏକ ମଧ୍ୟବିତ୍ତ ପରିବାରରୁ ଆସିଥିବା ଶୁଭାଙ୍ଗୀ ପିଲାଦିନେ ବାରମ୍ବାର ଘର ଓ ସ୍କୁଲ ବଦଳାଇବା ସହ ଅନେକ ଆର୍ଥିକ ଅନିଶ୍ଚିତତା ଦେଇ ଗତି କରିଥିଲେ ମଧ୍ୟ କେବେ ହାର ମାନିନଥିଲେ। ମାତ୍ର ୧୬ ବର୍ଷ ବୟସରୁ କାମ କରିବା ଆରମ୍ଭ କରିଥିବା ଏହି ଅଭିନେତ୍ରୀ ମାସ ମିଡିଆ ପାଠପଢ଼ା ସହ ମଡେଲିଂ ଦୁନିଆରେ ପାଦ ଦେଇଥିଲେ। ନିଜର ପ୍ରଥମ ବଡ଼ ବ୍ରେକ୍ ସୁପରଷ୍ଟାର ହ୍ରିତିକ ରୋଶନଙ୍କ ବ୍ରାଣ୍ଡ 'ଏଚଆରଏକ୍ସ' ପାଇଁ ପାଇଥିଲେ। ପରବର୍ତ୍ତୀ ସମୟରେ ଅଭିଜ୍ଞତା ବଢାଇବା ପାଇଁ ସେ ଅନୁପମ ଖେରଙ୍କ 'ଆକ୍ଟର ପ୍ରିପେୟାର୍ସ'ରୁ ଅଭିନୟଶିକ୍ଷା କରିଥିଲେ। ଯାହାପରେ ଅନୁପମ ଖେରଙ୍କ ଚଳଚ୍ଚିତ୍ର 'ତନ୍ୱୀ ଦ ଗ୍ରେଟ୍'ରେ ତାଙ୍କୁ ସୁଯୋଗ ମିଳିଥିଲା ଏବଂ ଯାହା ତାଙ୍କୁ ପରିଚୟ ଦେବାରେ ସଫଳ ହୋଇଛି। ତାଙ୍କର ପରିଶ୍ରମ ଫଳରେ ଆଜି ଅଷ୍ଟ୍ରେଲିଆ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍, ଜି ସିନେ ଆୱାର୍ଡ ଓ ଆଇକନିକ୍ ଗୋଲ୍ଡ ଆୱାର୍ଡ ଭଳି ମଞ୍ଚରେ ତାଙ୍କୁ ସମ୍ମାନିତ କରାଯାଉଛି।



# ୟଖନି ମଟନ୍ ପଲାଉ

**ସାମଗ୍ରୀ-** ୫୦୦ ଗ୍ରାମ ଚର୍ବିଯୁକ୍ତ ମଟନ, ୪ଟି ବଡ଼ ଅଳେଇଚ, ୫ଟି ଗୁଜୁରାତି, ୧ ଚାମଚ ଗୋଲମରିଚ, ୧/୨ ଚାମଚ ଲବଙ୍ଗ, ୧ ଖଣ୍ଡ ଡାଲଚିନି, ୨ ଚାମଚ ଜିରା, ୪ ଚାମଚ ଧନିଆ ଗୋଟା, ୧ ଚାମଚ ପାନମଧୁରୀ, ୨ଟି ତେଜପତ୍ର, ୨ ଇଞ୍ଚ ଅଦା, ୧୦ କୋଳା ରସୁଣ, ୧ଟି କଟା ପିଆଜ ଏବଂ ସ୍ୱାଦ ଅନୁସାରେ ଲୁଣ। ୟଖନି ପେଷ୍ଟ ପାଇଁ : ୧/୨ ଇଞ୍ଚ ଅଦା, ୧୨ କୋଳା ରସୁଣ, ୨ ଚାମଚ ପାନମଧୁରୀ ଏବଂ ୨ଟି ଗୁଜୁରାତି ମଞ୍ଜି। ୩ ଚାମଚ ଘିଅ, ୨ଟି କଟା ପିଆଜ ଏବଂ ୧ ଚାମଚ ଅଜିନୋମୋଟୋ, ୩ଟି ଟମାଟୋ, ୨ଟି କଟା ପିଆଜ, ୧/୨ କପ୍ ଧନିଆ ପତ୍ର, ୪ଟି କଟା କଞ୍ଚାଲଙ୍କା, ଲୁଣ ଏବଂ ୧ ଚାମଚ ଗୋଲମରିଚ ଗୁଣ୍ଡ, ୨ ଚାମଚ ଘିଅ, ୫୦୦ ଗ୍ରାମ ଭିଜାଯାଇଥିବା ବାସ୍ମତୀ ଚାଉଳ ଏବଂ ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତି ପ୍ରଣାଳୀ-** ଏକ ପ୍ରେସର କୁକରରେ ମଟନ୍, ପାଣି, ତେଜପତ୍ର, ଲୁଣ ଏବଂ ଏକ ପତଳା କପଡ଼ାରେ ବନ୍ଧା ହୋଇଥିବା ପୋଟଲି ମସଲା ପକାନ୍ତୁ। ମଧ୍ୟମ ଆଞ୍ଚରେ କୁକରକୁ ୫ଟି ସିଟି ବାଜିବା ପାଇଁ ଛାଡ଼ିଦିଅନ୍ତୁ। ଅଦା, ରସୁଣ, ପାନମଧୁରୀ ଏବଂ ଗୁଜୁରାତି ମଞ୍ଜିକୁ ବାଟି ଏକ ସୂକ୍ଷ୍ମ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ପ୍ୟାନରେ ଘିଅ ଗରମ କରି ପିଆଜକୁ ଗୋଲ୍ଡେନ ହବା ଯାଏ ଭାଜନ୍ତୁ। ଭଜା ପିଆଜକୁ ବାହାର କରି ଅଲଗା ରଖିଦିଅନ୍ତୁ। କୁକର ଖୋଲି ମଟନ୍ ପିସ୍‌ଗୁଡ଼ିକୁ ବାହାର କରନ୍ତୁ ଏବଂ ସେହି ପ୍ୟାନରେ ଥିବା ବଳକା ଘିଅରେ ତାକୁ ଭାଜନ୍ତୁ। ମଟନ୍ ସିଝିବା ପରେ ରହିଯାଇଥିବା ପାଣିକୁ ଛାଣି ରଖନ୍ତୁ ଏବଂ ମସଲାଗୁଡ଼ିକୁ ବାହାର କରି ଦିଅନ୍ତୁ। ଏକ ମୋଟା ପାତ୍ରରେ ଘିଅ ଗରମ କରି ବାଟି ରଖିଥିବା ଅଦା-ରସୁଣ-ପାନମଧୁରୀ-ଗୁଜୁରାତି ପେଷ୍ଟକୁ ଦେଇ କଷନ୍ତୁ ଯେପର୍ଯ୍ୟନ୍ତ ମସଲାରୁ ତେଲ ଅଲଗା ହୋଇନାହିଁ। ବର୍ତ୍ତମାନ ଭିଜାଯାଇଥିବା ଚାଉଳ ଏବଂ ଲୁଣ ଦିଅନ୍ତୁ ଏବଂ ମଟନ୍ ଷ୍ଟକ୍



(ପାଣି) ବ୍ୟବହାର କରି ଚାଉଳ ୫୦ ପ୍ରତିଶତ ସିଝିବା ଯାଏ ରୋଷେଇ କରନ୍ତୁ। ଏବେ ଭଜା ମଟନ୍ ଏବଂ ଅଜିନୋମୋଟୋ ପକାଇ ଗୋଳାଇ ଦିଅନ୍ତୁ। ପାଣି ସମ୍ପୂର୍ଣ୍ଣ ଶୁଖିବା ଏବଂ ଚାଉଳ ସିଝିବା ପର୍ଯ୍ୟନ୍ତ ରୋଷେଇ କରନ୍ତୁ। ଶେଷରେ ଉପରେ ଭଜା ପିଆଜ ଦେଇ ସଜାଇ ଦିଅନ୍ତୁ। ସାଲାନ୍ ପ୍ରସ୍ତୁତ ପାଇଁ ଟମାଟୋକୁ ସିଝାଇ ତା'ର ଚୋପା ଛଡ଼ାଇ ଦିଅନ୍ତୁ ଏବଂ ଥଣ୍ଡା ହେବା ପରେ ସେହି ପାଣି ସହ ଏହାକୁ ବାଟି ଦିଅନ୍ତୁ। ଏହି ଟମାଟୋ ପେଷ୍ଟରେ କଟା ପିଆଜ, ଧନିଆ ପତ୍ର, କଞ୍ଚାଲଙ୍କା, ଲୁଣ ଏବଂ ଗୋଲମରିଚ ଗୁଣ୍ଡ ମିଶାନ୍ତୁ। ବର୍ତ୍ତମାନ ଏହି ସ୍ୱାଦିଷ୍ଟ ଟମାଟୋ ସାଲାନ୍ ସହିତ ୟଖନି ମଟନ୍ ପୁଲାଓ ପରଷନ୍ତୁ।



**ମେଷ:** ମାନସିକ ଅବସାଦ, ଦୂରଯାତ୍ରା, ବାଣିଜ୍ୟରେ ସ୍ୱଳ୍ପଲାଭ, ଅମୂଲ୍ୟବସ୍ତୁଲାଭ, ବନ୍ଧୁଲାଭ, ନ୍ୟାୟିକ ବ୍ୟବସ୍ଥାରେ ଖୁସି, ଅର୍ଥସମସ୍ୟା ଦୂର, ଭୂସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସହଯୋଗ, ବିଦ୍ୟାଲାଭ, ଶରୀର ସୁସ୍ଥ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୪, ଆରାଧନା-ଭଗବାନ ଶଙ୍କର।

**ବୃଷ:** ଯାନବାହନେ ସତର୍କ, ବ୍ୟବସାୟରେ ମାନ୍ଦା, କାର୍ଯ୍ୟ ଅସଫଳ, ଥଣ୍ଡାଜନିତ ରୋଗ, ଶତ୍ରୁ ଉପଦ୍ରବ, ଅଳ୍ପ ସମସ୍ୟା ସମାଧାନ, ପିଲାଙ୍କଖୁସି, ଅଧିକ ଖର୍ଚ୍ଚ, ମିଷ୍ଟାନ୍ନ ପ୍ରାପ୍ତି, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୩, ଆରାଧନା- ପ୍ରଭୁ ଜଗନ୍ନାଥ।

**ମିଥୁନ:** ଲୋକସମ୍ପର୍କ ବୃଦ୍ଧି, ଶତ୍ରୁନାଶ, ବିଦ୍ୟାରେ ଉନ୍ନତି, ପାରିବାରିକ ଖୁସି, ବନ୍ଧୁମନାନ୍ତର, ହଠାତ୍ ଦୂରଯାତ୍ରା, କିଛି ସମସ୍ୟା ସମାଧାନ, ତୀର୍ଥାଟନ, ବ୍ୟବସାୟରେ ସ୍ୱଳ୍ପଲାଭ, ମାମଲା ସମାଧାନ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ।

**କର୍କଟ:** ଲୋକସମ୍ପର୍କ, ଅନୁରାଗ ବୃଦ୍ଧି, ଜନସେବା, କର୍ମକ୍ଷେତ୍ରେ ଲାଭ, ଉଚ୍ଚପଦବୀ, ମାନସିକ ଅବସାଦ, ଭୂସମ୍ପତ୍ତି କ୍ରୟ, ବ୍ୟବସାୟରେ ଲାଭ, ଅର୍ଥଆଗମନ, ନୂତନ କାର୍ଯ୍ୟ ପ୍ରତି ଉତ୍ସାହ, ଶରୀର ସୁସ୍ଥ, ଶତ୍ରୁ ପରାଭବ, ଆୟବ୍ୟୟ ସମାନ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା-ମହାଲକ୍ଷ୍ମୀ।

**ସିଂହ:** କଳହ, ମାନସିକ ଅବସାଦ, ଦ୍ୱନ୍ଦ୍ୱ, ଶତ୍ରୁ ଲାଗିରହିବେ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଅର୍ଥସମସ୍ୟା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଦୂରଯାତ୍ରା, ବିଦ୍ୟାରେ ଅବନତି, ବନ୍ଧୁ ସାହାଯ୍ୟ, ମୋକଦ୍ଦମାରେ ପଡ଼ିବେ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ବଗଳାମୁଖୀ।

**କନ୍ୟା:** କାର୍ଯ୍ୟରେ ସଫଳ, ଅବସାଦରୁ ମୁକ୍ତି, ଅର୍ଥଲାଭ, ଭୂସମ୍ପତ୍ତିଲାଭ, ବାଣିଜ୍ୟରେ ଲାଭ, ଦୂରଯାତ୍ରା, ଶତ୍ରୁ ପରାଜିତ, ସ୍ୱାସ୍ଥ୍ୟ ସମସ୍ୟା, କିଛି ଶୁଭଖବର ରହିବ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୨, ଆରାଧନା-କୁବେର ଭଗବାନ।

**ତୁଳା:** ବିଶିଷ୍ଟ ବ୍ୟକ୍ତିଙ୍କ ସହ ସମ୍ପର୍କ, ଅର୍ଥସମସ୍ୟାରୁ ମୁକ୍ତି, ଲୋକସମ୍ପର୍କବୃଦ୍ଧି, ବ୍ୟବସାୟରେ ଉନ୍ନତି, ଶରୀର ସୁସ୍ଥ, କାର୍ଯ୍ୟ ସଫଳ, ରାଜଦଣ୍ଡରୁ ମୁକ୍ତି, ଶତ୍ରୁ ପରାଜିତ, ଅଳ୍ପ ସମସ୍ୟା, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧, ପ୍ରତିକାର- ଭଗବାନ ଆଶୁତୋଷ।

**ବିଛା:** ଆକସ୍ମିକ ଲାଭ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ରହିବେ, ରାଜଦଣ୍ଡ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ବାଣିଜ୍ୟରେ ସ୍ୱଳ୍ପଲାଭ, ଆଶା ପୂରଣ, ଆର୍ଥିକ ସମସ୍ୟା, ଶରୀର ସୁସ୍ଥ, କର୍ମପ୍ରତି ଆଗ୍ରହ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ମା' ଭଗବତୀ।

**ଧନୁ:** ଦ୍ରବ୍ୟପ୍ରାପ୍ତି, ଆର୍ଥିକ ଉନ୍ନତି, ବ୍ୟବସାୟରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ବିଦ୍ୟାରେ ଲାଭ, ଦୂରସ୍ଥାନକୁ ଯାତ୍ରା, ପରୋପକାର, ଦାମ୍ପତ୍ୟ ଖୁସି, ଶତ୍ରୁ ରହିବେ, ଶରୀର ସୁସ୍ଥ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୨, ଆରାଧନା-ଲକ୍ଷ୍ମୀନାରାୟଣ।

**ମକର:** ପ୍ରୀତିହାନି, ମାନସିକ ଅବସାଦ, ବ୍ୟବସାୟ ମଧ୍ୟମ, ଶତ୍ରୁ ପରାଭବ, ଗାଡ଼ିଚାଳନାରେ ସାବଧାନ, ଶରୀର କଷ୍ଟ, କାର୍ଯ୍ୟରେ ବିଳମ୍ବ, ଜମିଜମା ଗଣ୍ଡଗୋଳ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ।

**କୁମ୍ଭ:** ବନ୍ଧୁସାହାଯ୍ୟ,ଅର୍ଥ ସମସ୍ୟା, ଆକସ୍ମିକ ଦୁର୍ଘଟଣା, ବାଣିଜ୍ୟରେ ଲାଭ, ତୀର୍ଥାଟନ, ବିଦ୍ୟାରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ସନ୍ତାନଖୁସି, ଶରୀର ଅସୁସ୍ଥ, ଚାଷ କରିବେ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା-ବୈଦ୍ୟନାଥ ଅଶ୍ୱିନୀ କୁମାର।

**ମୀନ:** କର୍ମକ୍ଷେତ୍ରେ ସହଯୋଗ, ବନ୍ଧୁଦର୍ଶନ, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, ଗୃହଶତ୍ରୁ ରହିବେ, କାର୍ଯ୍ୟ ପ୍ରତି ଏକାଗ୍ରତା, କିଛି କାର୍ଯ୍ୟରେ ବିରୋଧ, ନୂତନ ନିଯୁକ୍ତି, ବିବାଦିତ ରହିବେ, ସନ୍ତାନପ୍ରୀତି ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ।

ବୈଶାଖ କୃଷ୍ଣପକ୍ଷ, ଦ୍ୱିତୀୟା
୩.୫.୨୦୨୬ ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ଏନ୍‌ଇପି-୨୦୨୦: ଓଡ଼ିଶାକୁ 'ନଲେଜ୍ କ୍ୟାପିଟାଲ୍' ଭାବେ ଗଢ଼ିବା ପାଇଁ ଜାତୀୟସ୍ତରୀୟ କର୍ମଶାଳା

# ଶିକ୍ଷାକୁ ବିଶ୍ୱସ୍ତରୀୟ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦) ର କାର୍ଯ୍ୟାନ୍ୱୟନ ନେଇ ସ୍ଥାନୀୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ 'ବୈପ୍ଲବିକ ପରିବର୍ତ୍ତନ'ର ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବହୁ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ଥିବା ଜଡ଼ତାକୁ ଦୂର କରିବା ଆମ ସରକାରଙ୍କ ପ୍ରାଥମିକତା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ପ୍ରଣୀତ ଏହି ଶିକ୍ଷା ନୀତି କେବଳ ଏକ ସରକାରୀ ଦସ୍ତାବିଜ୍ ନୁହେଁ, ବରଂ ଏହା ଭାରତକୁ ବିଶ୍ୱର 'ନଲେଜ୍ କ୍ୟାପିଟାଲ୍' ଭାବେ ପ୍ରତିଷ୍ଠିତ କରିବାର ଏକ ମହତ୍ ମିଶନ। ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ପ୍ରଗତିର ମୂଳଦୁଆ। ଆମ ପିଲାମାନେ ଯେପରି 'ଇଣ୍ଡଷ୍ଟ୍ରି ରେଡି ' ହେବେ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରିବେ, ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିକ୍ଷାକୁ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଭାବେ ଦର୍ଶାଇ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଶିକ୍ଷା କ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମତରେ, ଏହି ପୁଞ୍ଜି ବିନିଯୋଗ ଓଡ଼ିଶାର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ମଜବୁତ ମୂଳଦୁଆ ସଦୃଶ ହେବ। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟର ଶିକ୍ଷା ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଥିବା ଶୈକ୍ଷିକ ପାର୍ଥକ୍ୟକୁ ଦୂର କରିବା ପାଇଁ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ୧୨,୦୦୦ କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ରାଜ୍ୟର ୬,୭୯୪ଟି ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହି ବିଦ୍ୟାଳୟଗୁଡ଼ିକରେ ସହରାଞ୍ଚଳ ଭଳି ଉନ୍ନତ ଶ୍ରେଣୀଗୃହ, ବିଜ୍ଞାନାଗାର ଓ ଉନ୍ନତ କ୍ରୀଡ଼ା ସୁବିଧା ଉପଲବ୍ଧ ହେବ, ଯାହା ଗାଁର ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଜ ଅଞ୍ଚଳରେ ହିଁ ଗୁଣାତ୍ମକ ଶିକ୍ଷା ପାଇବାରେ ସହାୟକ ହେବ। ସରକାରଙ୍କର ଏହି ପଦକ୍ଷେପ ଗ୍ରାମାଞ୍ଚଳ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।

ସାମାଜିକ ନ୍ୟାୟ ଏବଂ ସମାନତାକୁ ଗୁରୁତ୍ୱ ଦେଇ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ଉଚ୍ଚଶିକ୍ଷା ନିମନ୍ତେ ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏହା ବ୍ୟତୀତ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ଛାତ୍ରଛାତ୍ରୀଙ୍କ ପାଠପଢ଼ା ଛାଡ଼ିବା ହାର ବା 'ଡ୍ରପ୍-ଆଉଟ୍' ରୋକିବା ପାଇଁ 'ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ସାମାଜିକ ସଂସ୍କାର ମୂଳକ ପଦକ୍ଷେପ ସମାଜର ଶେଷ ଧାଡ଼ିରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଆଦିକବି ସାରଳା ଦାସ, ବ୍ୟାସକବି ଫକୀରମୋହନ ଓ ସନ୍ଥକବି ଭୀମ ଭୋଇଙ୍କ ଭଳି ମହାପୁରୁଷଙ୍କ ଦର୍ଶନ ଓଡ଼ିଶାକୁ ଏକ ସଭ୍ୟ ସମାଜ ଭାବେ ବିଶ୍ୱ ଦରବାରରେ ପରିଚିତ କରିଛି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିଛନ୍ତି। ଏହି କର୍ମଶାଳା କେବଳ ଏକ ଆଲୋଚନା ଚକ୍ର ନୁହେଁ, ବରଂ ଏହା ବିକଶିତ ଓଡ଼ିଶା ଗଠନ ପାଇଁ ଏକ 'ଚିନ୍ତନ ଶିବିର' ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୁବପିଢ଼ି ଓ ଛାତ୍ରୀମାନଙ୍କ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ଇଣ୍ଟର୍ନସିପ୍ ନିର୍ଦ୍ଦେଶିକା ପୁସ୍ତକ ଉନ୍ମୋଚନ କରିବା ସହ 'ଶକ୍ତିଶ୍ରୀ' ମୋବାଇଲ୍ ଆପ୍‌ର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷାବିତ, କୁଳପତି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ରାଜପଥ ଓ ଆର୍‌ଓବି ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା ବୈଠକ

## ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ରାସ୍ତାଘାଟ ଏବଂ ଭିତ୍ତିଭୂମି ସୁଦୃଢ଼ୀକରଣ ଜରିଆରେ ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ଲାଗି ଅର୍ଥର ଅଭାବ ନାହିଁ । ତେବେ ଜାତୀୟ ରାଜପଥ ଠାରୁ ଆରମ୍ଭ କରି ରାଜ୍ୟ ରାଜପଥ ଏବଂ ରେଲେଓ୍ୱ ଓଭର ବ୍ରିଜ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟ ତ୍ୱରିତ ବେଗରେ ଆଗେଇ ନେଇ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଶେଷ କରିବା ଉପରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଗୁରୁତ୍ୱ ଦେଇଛନ୍ତି । ଆଜି ଲୋକସେବା ଭବନସ୍ଥିତ ନିର୍ମାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପୃଥକ ପୃଥକ ବୈଠକରେ ସମୀକ୍ଷା କରି ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ରାଜ୍ୟରେ କାର୍ଯ୍ୟକାରୀ ଜାତୀୟ ରାଜପଥ ପ୍ରକଳ୍ପ, ରାଜ୍ୟ ରାଜପଥ ପ୍ରକଳ୍ପ ଏବଂ ରେଲେଓ୍ୱ ଓଭର ବ୍ରିଜ ପ୍ରକଳ୍ପର ସମୀକ୍ଷା କରିଥିଲେ । ବୈଠକରେ କ୍ୟାପିଟାଲ ରିଜିୟନ୍ ରିଂ ରୋଡ୍, ସମ୍ବଲପୁର ବାଇପାସ୍, ଚଣ୍ଡିଖୋଲ-ପାରାଦୀପ ରାସ୍ତା, ଡୁବୁରୀ-ଚଣ୍ଡିଖୋଲ ରାସ୍ତା, ଉପକୂଳ ରାଜପଥର ସମୀକ୍ଷା କରିଥିଲେ । ସେହିଭଳି ଭଞ୍ଜନଗର-ଆସ୍କା ଜାତୀୟ ରାଜପଥ, ବ୍ରହ୍ମପୁର ବାଇପାସ୍, ଖୋର୍ଦ୍ଧା ବାଇପାସ୍, ନୟାଗଡ଼ ଟାଉନ୍ ବାଇପାସ୍, ଜୟପୁର ବାଇପାସ୍, କନ୍ଦରପୁର-ବାଲିକୁଦା ରାସ୍ତା, କୋଟପାଡ଼ ବାଇପାସ୍, ବାଘମାରି ବାଇପାସ୍, ବଲାଙ୍ଗିର ଟାଉନ୍ ବାଇପାସ୍ ସହ କୁଆଖିଆ-ମଙ୍ଗଳପୁର ରାସ୍ତାର ପ୍ରଶସ୍ତିକରଣ, ଝରିକେଲା-ପାନ୍‌ପୋସ ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ, ନବରଙ୍ଗପୁର ବାଇପାସ୍ ରୋଡ୍, ଧର୍ମଗଡ଼ ବାଇପାସ୍, ବୋରିଗୁମ୍ମା ବାଇପାସ୍ ସହ ବୈତରଣୀ, ତେଲ ଆଦି ନଦୀ ସମେତ ବିଭିନ୍ନ ସ୍ଥାନରେ ହାଇଲେବଲ୍ ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ଜମି ଅଧିଗ୍ରହଣ, ଜଙ୍ଗଲଜମି ଅଧିଗ୍ରହଣ ଏବଂ ୟୁଟିଲିଟି ସିଫଟିଂ ସମସ୍ୟାର ତୁରନ୍ତ ସମାଧାନ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଆନ୍ତର୍ଜାତିକ ଶ୍ରମିକ ଦିବସ ୨୦୨୬ ସମାରୋହ

## ଶ୍ରମିକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗ ଆମ ଦେଶ ତଥା ରାଜ୍ୟକୁ ଆଗକୁ ବଢ଼ିବାରେ ସହାୟକ ହେଉଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଆଜି ଭୁବନେଶ୍ୱର, ଓୟୁଏଟି କୃଷି ଶିକ୍ଷା ସଦନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଶ୍ରମିକ ସମାଜର ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗକୁ ଗଭୀର ସମ୍ମାନ ଜଣାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶ୍ରମିକମାନେ ମାନବ ସଭ୍ୟତାର ପ୍ରକୃତ ନିର୍ମାତା ଏବଂ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗ ଆମ



ଦେଶ ତଥା ରାଜ୍ୟକୁ ଆଗକୁ ବଢ଼ିବାରେ ସହାୟକ ହେଉଛି । ତେଣୁ ସେମାନଙ୍କୁ ଉଚିତ ପାରିଶ୍ରମିକ ପ୍ରଦାନ ସହିତ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ନ୍ୟାୟୋଚିତ ଅଧିକାର, ସାମାଜିକ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ । ମୁଖ୍ୟମନ୍ତ୍ରୀ ମଇ ଦିବସର ଐତିହାସିକ ପ୍ରସଙ୍ଗକୁ ସ୍ମରଣ କରି ଏହି ଦିନ ଶ୍ରମିକମାନଙ୍କ ଏକତା, ସଂଘର୍ଷ ଓ ଅଧିକାରର ପ୍ରତୀକ ଭାବେ ପରିଚିତ ବୋଲି କହିଥିଲେ ।

ସେ ପୁଣି କହିଥିଲେ ଆମ ସରକାର ଶ୍ରମିକମାନଙ୍କ ସାମଗ୍ରିକ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ନୂତନ ଭାବେ ପଞ୍ଜିକରଣ କରାଯାଇଥିବା ବେଳେ ୫୪୧ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରାଯାଇଛି । ଏହା ସହିତ ଅଣସଂଗଠିତ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଦେବା ପାଇଁ ବିଶେଷ ପଦକ୍ଷେପ ଗ୍ରହଣ ହୋଇଥିବା ସେ ଉଲ୍ଲେଖ କରିଥିଲେ । 'ଶ୍ରମିକ ସାଥୀ' ମୋବାଇଲ ଆପ୍ ମାଧ୍ୟମରେ ଶ୍ରମିକମାନଙ୍କୁ ସହଜରେ ସେବା ଯୋଗାଇ ଦିଆଯାଉଥିବା ବିଷୟରେ ସେ ଖୁସିବ୍ୟକ୍ତ କରିଥିଲେ । ଶ୍ରମିକମାନଙ୍କୁ ଉଚିତ ମଜୁରୀ ଓ କାର୍ଯ୍ୟକ୍ଷେତ୍ରରେ ସମ୍ମାନଜନକ ପରିବେଶ ଯୋଗାଇବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ପାଇଁ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା ଦୈନିକ ୧୦ ଟଙ୍କା ବୃଦ୍ଧି ଘୋଷଣା କରିଥିଲେ । ଏହା ଅପ୍ରେଲ ୧ ତାରିଖରୁ ପିଛଲା ଭାବରେ ଲାଗୁ ହେବ । ଏହା ଫଳରେ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ଦୈନିକ ମଜୁରି ୪୭୨ ଟଙ୍କା, ଅର୍ଦ୍ଧକୁଶଳୀଙ୍କ ପାଇଁ ୫୨୨ ଟଙ୍କା, କୁଶଳୀଙ୍କ ପାଇଁ ୫୭୨ ଟଙ୍କା ଏବଂ ଉଚ୍ଚକୁଶଳୀଙ୍କ ପାଇଁ ୬୨୨ ଟଙ୍କାକୁ ବୃଦ୍ଧି ପାଇବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ଡିଭିଜନାଲ ଶ୍ରମ ଆୟୁକ୍ତ ଓ ସହକାରୀ ଶ୍ରମ ଅଧିକାରୀ ମାନଙ୍କ ପାଇଁ ୫୦ଟି ନୂତନ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ସହିତ ଶ୍ରମିକ ନେତାମାନଙ୍କ ଅବଦାନକୁ ସମ୍ମାନ ଜଣାଇ ୫ ଜଣ ବିଶିଷ୍ଟ ଶ୍ରମିକ ନେତା ଭଦ୍ରକ ଜିଲ୍ଲାର ସୁମିତା ମହାପାତ୍ର, କଟକ ଜିଲ୍ଲାର କିଶୋର ଚନ୍ଦ୍ର ଜେନା, ସମ୍ବଲପୁର ଜିଲ୍ଲାର ଗୋକୁଳ ମେହେର, ଭୁବନେଶ୍ୱରର ମଦନ ମୋହନ ଧଳ ଏବଂ ସମ୍ବଲପୁର ବୁର୍ଲାର ପ୍ରଶାନ୍ତ କୁମାର ପାଢ଼ୀଙ୍କୁ "ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ" ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘର ଦେବା ପ୍ରତିଶ୍ରୁତିରେ ୭ଲକ୍ଷ ୬୦ ହଜାର ଠକେଇ, ମହିଳା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଘର ଦେବା ପ୍ରତିଶ୍ରୁତିରେ ୭ଲକ୍ଷ ୬୦ହଜାର ଟଙ୍କା ଠକି ନେଇଥିବା ଜଣେ ମହିଳାଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୋଲିସ। ଜିତେନ୍ଦ୍ର ମଲ୍ଲିକଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ ସୋନାଲି ମଧୁସ୍ମିତା ଶତପଥୀ (୪୬) ରଘୁନାଥପୁର କମଳିନୀ ଆପାର୍ଟମେଣ୍ଟରେ ଘର ଦେବାକୁ କହି ଟଙ୍କା ନେଇଥିଲେ। ତାଙ୍କ ପ୍ରତିଶ୍ରୁତିକୁ ବିଶ୍ୱାସ କରି ଜିତେନ୍ଦ୍ର ଅନ୍‌ଲାଇନ୍‌ରେ ମୋଟ ୭ଲକ୍ଷ ୬୦ ହଜାର ଦେବାପରେ ସେ ଘର ଯୋଗାଇ ପାରି ନଥିଲେ। ଘର ପାଇଲି ନାହିଁ କିମ୍ବା ଟଙ୍କା ଫେରି ପାଇଲେ ନାହିଁ ଜିତେନ୍ଦ୍ର। ସେଥିପାଇଁ ଉଭୟଙ୍କ ମଧ୍ୟରେ ବାରମ୍ବାର ବାକ୍‌ବିତଣ୍ଡା ହେବାରୁ ଦୁହିଁଙ୍କ ମଧ୍ୟରେ ଥାନାରେ ସମାଧାନ ହୋଇଥିଲା।

ଥାନା ସମାଧାନ ଅନୁଯାୟୀ ସୋନାଲି ମଧୁସ୍ମିତା କିସ୍ତିରେ ଟଙ୍କା ଫେରାଇବାକୁ ଜିତେନ୍ଦ୍ରଙ୍କୁ ଚେକ୍ ଦେଇଥିଲେ। ଯେଉଁ ଚେକ୍ ପରେ ବାଉନ୍ସ ହୋଇଯାଇଥିଲା। ଏଥିପାଇଁ ଉଭୟଙ୍କ ମଧ୍ୟରେ ପୁଣି ଝଗଡ଼ା ହେଲା। ଝଗଡ଼ା ପେର ଅଭିଯୁକ୍ତା ମହିଳା ଲକ୍ଷେ ଟଙ୍କା ଫେରାଇଲେ। ପ୍ରତିଶ୍ରୁତି ଅନୁଯାୟୀ ଅବଶିଷ୍ଟ ଟଙ୍କା ଦେଇପାରିଲେ ନାହିଁ। ଟଙ୍କା ଦେବା ତ ଦୂରର କଥା, ଜିତେନ୍ଦ୍ରଙ୍କୁ ଅଭିଯୁକ୍ତା ମହିଳା ହତ୍ୟା ଧମକ ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ତାଙ୍କ ଏତଲାକୁ ଆଧାର କରି ପୋଲିସ ସତ୍ୟାସତ୍ୟ ଜାଣିବା ପରେ ସୋନାଲି ମଧୁସ୍ମିତାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଉଛି। ତାଙ୍କ ପାଖରୁ ପୋଲିସ କେତେକ କାଗଜପତ୍ର ଜବତ କରିଛି । ସୋନାଲିଙ୍କ ଘର ଚନ୍ଦକା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମରେ।






ଏସ୍‌ଆଇ ନିଯୁକ୍ତି ଘୋଟାଲା

## ୮ ଜଣଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି

ଭୁବନେଶ୍ୱର, (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି ଘୋଟାଲାର ସିବିଆଇ ତଦନ୍ତ ଜାରି ରହିଥିବାବେଳେ ୮ ଜଣ ଦଲାଲଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଛି ତଦନ୍ତକାରୀ ଟିମ୍। ବାରମ୍ବାର ସେମାନଙ୍କୁ ନୋଟିସ କରି ହାଜର ହେବାକୁ କୁହାଯାଇଥିଲେ ମଧ୍ୟ ୮ଜଣ ହାଜର ହୋଇ ନଥିଲେ। ଯାହାଫଳରେ ସେମାନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଛି। ଦୁଇଜଣ ପ୍ରଶାସନିକ ଅଧିକାରୀଙ୍କ ଏହି ସ୍କାମ୍‌ରେ ହାତ ଥିବା ସିବିଆଇ ଜାଣିବାକୁ ପାଇଛି।

ଏସ୍‌ଆଇ ନିଯୁକ୍ତି ଘୋଟାଲାରେ ୧୩୩ ଜଣ ଗିରଫ ହୋଇଥିବାବେଳେ ୧୬ ଜଣ ଦଲାଲଙ୍କ ବିରୋଧରେ ଚାର୍ଯସିଟ୍ ଦାଖଲ କରିଛି ସିବିଆଇ। ଗିରଫ ଦଲାଲ ଓ ଫେରାର ଥିବା ଅଭିଯୁକ୍ତମାନେ ଚାକିରୀ ଆଶାୟୀଙ୍କଠାରୁ ୨୫ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ପ୍ରଭୃତି ସଂଗ୍ରହ କରୁଥିଲେ। ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିବା ୮ ଜଣ ଦଲାଲଙ୍କ ମଧ୍ୟରୁ ତିନିଜଣ ବିହାରର। ସେମାନେ ବିହାରରେ ରହୁଥିଲେ ମଧ୍ୟ ଓଡ଼ିଶାରେ ତାଙ୍କର ନେଟ୍‌ୱାର୍କ ମଜଭୁତ ଥିଲା। ସେମାନେ ମଧ୍ୟ ଟଙ୍କା ଓ ସାର୍ଟିଫିକେଟ ଆଶାୟୀଙ୍କଠାରୁ ସଂଗ୍ରହ କରୁଥିଲେ। ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିବା ବିହାରର ୩ଜଣ ହେଲେ ଆଶିଷ ଓ ତା'ର ଦୁଇ ସହଯୋଗୀ। ଓଡ଼ିଶାର ୫ ଜଣ ହେଲେ ଧର୍ମେନ୍ଦ୍ର ପ୍ରଧାନ, ଗୋବିନ୍ଦ ତ୍ରିପାଠୀ ଓ ଅନ୍ୟ ୩ ସହଯୋଗୀ। ଏମାନେ କେଉଁଆଡ଼େ ଫେରାର ହୋଇଯାଇଛନ୍ତି, ସିବିଆଇ ତଦନ୍ତକାରୀ ଟିମ୍ ତଥ୍ୟ ସଂଗ୍ରହ କରିବାରେ ସମର୍ଥ ହୋଇପାରି ନାହିଁ। ଏନ୍‌ବିଡବ୍ଲ୍ୟୁ ଜାରି ହେବା ପରେ ସେମାନେ କୋର୍ଟରେ ହାଜର ହେଉଛନ୍ତି କି ନାହିଁ ତାହା ଜଣାପଡ଼ିବ। ଯଦି ସେମାନେ କୋର୍ଟରେ ହାଜର ହୁଅନ୍ତି, ତେବେ ସିବିଆଇ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିପାରେ।

ଏସ୍‌ଆଇ ନିଯୁକ୍ତିକୁ ନେଇ ଦଲାଲମାନେ ସାରା ରାଜ୍ୟର ଚାକିରୀ ଆଶାୟୀଙ୍କଠାରୁ ୨୫ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ପ୍ରଭୃତି ସଂଗ୍ରହ କରୁଥିଲେ। ୨୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଅଗ୍ରୀମ ଦେଉଥିଲେ, ଅବଶିଷ୍ଟ ୧୫ ଲକ୍ଷ ନିଯୁକ୍ତିପତ୍ର ପାଇବା ପରେ ଦେବା ପାଇଁ ଦଲାଲମାନେ ତାଙ୍କୁ ପରାମର୍ଶ ଦେଇଥାନ୍ତି। ନିଯୁକ୍ତି ଆଶାୟୀ ବସ୍‌ରେ ଯାଉଥିବାବେଳେ ବ୍ରହ୍ମପୁର ପୋଲିସ ସେମାନଙ୍କୁ ପ୍ରଥମେ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରୁଥିଲାବେଳେ ସିବିଆଇ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ବ୍ରହ୍ମପୁର ପୋଲିସ ଓ କ୍ରାଇମବ୍ରାଞ୍ଚ ପାଖରୁ ସମସ୍ତ କାଗଜପତ୍ର ନେଇ ସିବିଆଇ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତମାନଙ୍କୁ ଝାରପଡ଼ା ଜେଲ୍‌କୁ ଆଣିଥିଲା। କାରଣ ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ଦୁଇଜଣ ସରକାରୀ ଅଫିସରଙ୍କ କଥା ଜାଣିବାକୁ ପାଇଥିଲା। ତଥ୍ୟ ସଂଗ୍ରହ ପରେ ୧୬ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଛି। ୮ ଜଣ ଦଲାଲଙ୍କୁ ହାଜର ହେବାକୁ ନୋଟିସ କରାଯାଉଥିବା ବେଳେ ସେମାନେ ଆଦୌ ହାଜର ହେଲେ ନାହିଁ। ଯାହାଫଳରେ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଛି ବୋଲି ସୂଚନା ମିଳିଛି।

## ବିଶ୍ୱ ଶ୍ରମିକ ଦିବସ ପାଳନ

ଭଦ୍ରକ,(ସବ୍ୟୁ): ଭଦ୍ରକ ସହର ସ୍ଥିତଭାଗବତ କଲ୍ୟାଣ ମଣ୍ଡପରେ ଏଆଇସିସିଟିୟୁ ଭଦ୍ରକ ଶାଖା ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ପ୍ରଫେସର ଅଟଳ ବିହାରୀ ନାୟକ ଲାଲ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ପରେ ଏଆଇସିସିଟିୟୁ ସମ୍ପାଦକ ସମର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ସାହିତ୍ୟକ ସୁବାଷ ନାୟକ,ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ଜିଲା ସମ୍ପାଦିକାଜୟନ୍ତୀ ବିଶ୍ୱାଳ,ଶ୍ରମିକ ନେତା ବଳରାମ ରାଉତ,ସିପିଆଇଏମଏଲ ତିହିଡି ବ୍ଲକ ସମ୍ପାଦିକା ଗାୟତ୍ରୀ ବେହେରା ଯୋଗ ଦେଇ ୧୮୮୬ରେ ଆମେରିକା ଚିକାଗୋ ସହରର ହେ ମାର୍କେଟରେ କାର୍ଯ୍ୟ ସମୟ ୮ ଘଣ୍ଟା କରିବା ପାଇଁ ଦାବି କରି ହଜାର ହଜାର ଶ୍ରମିକ ଏକତ୍ରିତ ହୋଇଥିଲେ । ମାଲିକ ଓ ପୋଲିସ ମିଶି ଆନ୍ଦୋଳନକୁ ଦମନ କରିବା ପାଇଁ ଶ୍ରମିକ ମାନଙ୍କ ଉପରେ ଆକ୍ରମଣ କରିଥିଲେ । ଏଥିରେ ଅନେକ ଶ୍ରମିକ ଶହୀଦ ହୋଇଥିଲେ ।

## ଭୁବନେଶ୍ୱରରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ସମ୍ପର୍କିତ କର୍ମଶାଳା "ପ୍ରଜ୍ଞା ପ୍ରେରଣା"

# ସ୍ୱାୟତ୍ତତା, ଗବେଷଣା ମାଧ୍ୟମରେ ଭାରତବର୍ଷ ପାଇଁ ମଡେଲ୍ ହେଉ ଓଡ଼ିଶାର ଶିକ୍ଷାନୁଷ୍ଠାନ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ପାରମ୍ପରିକ ଶିକ୍ଷାଦାନରେ ସୀମିତ ନ ରହି ସ୍ୱାୟତ୍ତତା(ଅଟୋନୋମୀ), ନବାଚାର(ଇନୋଭେସନ) ଓ ଗବେଷଣା(ରିସର୍ଚ୍ଚ) ମାଧ୍ୟମରେ ସାରା ଦେଶ ପାଇଁ ଏକ ଆଦର୍ଶ ମଡେଲ୍ ସାଜନ୍ତୁ । ଜାତୀୟ ଶିକ୍ଷା ନୀତିକୁ ଆଧାର କରି ବିଶ୍ୱବିଦ୍ୟାଳୟଗୁଡ଼ିକ ଏପରି 'ବେଷ୍ଟ ପ୍ରାକ୍ଟିସେସ୍' ଆରମ୍ଭ କରନ୍ତୁ, ଯାହା ସ୍ଥାନୀୟ ସମସ୍ୟାର ସମାଧାନ କରିବା ସହ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନରେ ସହାୟକ ହେବ । ଶନିବାର ଭୁବନେଶ୍ୱର ଠାରେ ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ ସମ୍ପର୍କିତ ଦୁଇଦିନିଆ କର୍ମଶାଳା "ପ୍ରଜ୍ଞା ପ୍ରେରଣା"ର ଉଦଘାଟନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ଶିକ୍ଷାବିତ୍ ଏବଂ ପ୍ରାଧ୍ୟାପକମାନେ



ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ଓଡ଼ିଶାକୁ ଏକ 'ଜ୍ଞାନ ଭୂମି' ଭାବେ ବର୍ଣ୍ଣନା କରି କହିଛନ୍ତି ଯେ, ଅନାଦି କାଳରୁ ଓଡ଼ିଶା ସାରା ବିଶ୍ୱକୁ ପଥ ପ୍ରଦର୍ଶନ କରିଆସିଛି । କଳିଙ୍ଗ ଯୁଦ୍ଧ କେବଳ ରକ୍ତାକ୍ତ ସଂଗ୍ରାମ ନଥିଲା, ବରଂ ଏହା ମାନବିକତାର ବିଜୟ ଓ ଶାନ୍ତିର ବାର୍ତ୍ତା ଥିଲା । ଓଡ଼ିଶା ଆରମ୍ଭରୁ ହିଁ ଶିକ୍ଷା ଅନୁରାଗୀ ଓ ଶିକ୍ଷା ଦ୍ୱାରା ଚାଳିତ ହେଉଥିବା ଗୋଟେ ଅଞ୍ଚଳ ଥିଲା । ସାରଳା ମହାଭାରତ, ଚଣ୍ଡୀ ପୁରାଣ ଓ ବିଲଙ୍କା ରାମାୟଣ ଭଳି କାଳଜୟୀ କୃତି ଏହାର ଜ୍ୱଳନ୍ତ ପ୍ରମାଣ । ପଠାଣି ସାମନ୍ତ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଫକୀର ମୋହନ ସେନାପତି ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ମନୀଷୀମାନେ ଓଡ଼ିଆ ଜାତି ଓ ସଭ୍ୟତାର ବୌଦ୍ଧିକ ଶ୍ରେଷ୍ଠତାର ପ୍ରତୀକ ଅଟନ୍ତି । ତେଣୁ ଆମର ପାଠ୍ୟକ୍ରମ ଓଡ଼ିଶାର ନିଜସ୍ୱ ଆବଶ୍ୟକତା, ୪୫୦ କିମି ବେଳାଭୂମି ଓ ଖଣିଜ ସମ୍ପଦକୁ ଭିତ୍ତି କରି ପ୍ରସ୍ତୁତ ହେବା ଉଚିତ୍ । ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ 'ଭବନ ନିର୍ମାଣ' ନୁହେଁ, ବରଂ 'ଭାବନା ନିର୍ମାଣ' ବା ଉନ୍ନତ ଚିନ୍ତାଧାରା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

ଭାରତ ଆଜି ଏକ 'ଜ୍ଞାନ ଭିତ୍ତିକ ସମାଜ' ଭାବେ ବିଶ୍ୱର ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ଓଡ଼ିଶାର ସାଢ଼େ ଚାରି କୋଟି ଜନସଂଖ୍ୟା ମଧ୍ୟରୁ ପ୍ରାୟ ୪୭ ଭାଗ ନାଗରିକ ଜନ୍ମରୁ ୨୪ ବର୍ଷ ବୟସ ମଧ୍ୟରେ ଅଛନ୍ତି, ଯାହା ରାଜ୍ୟର ବିକାଶ ପାଇଁ ସବୁଠାରୁ ବଡ଼ ପୁଞ୍ଜି ଓ ସମ୍ଭାବନା ଅଟେ । ଯଦି ଆମେ ସମାଜର କାର୍ଯ୍ୟ କରିବାର ବୟସ (୪୪-୪୫ ବର୍ଷ) କୁ ବିଚାରକୁ ନେବା, ତେବେ ଓଡ଼ିଶାର ପାଖାପାଖି ୭୦ ଭାଗରୁ ଅଧିକ ଲୋକ ଏହି ବୟସ ସୀମା ମଧ୍ୟରେ ରହିଛନ୍ତି, ଯାହା ଶିକ୍ଷା କ୍ଷେତ୍ରରେ ଆମର ଦାୟିତ୍ୱକୁ ଆହୁରି ବଢ଼ାଇ ଦେଉଛି । ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁଯାୟୀ କେବଳ ଡିଗ୍ରୀ ଅପେକ୍ଷା ଦକ୍ଷତା ଉପରେ ଗୁରୁତ୍ୱ ଦେବା ପାଇଁ ଜାତୀୟ ଶିକ୍ଷା ନୀତିରେ 'ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡ଼ିଟ୍' ଓ 'ଅପାର ଆଇଡି' ଭଳି ବ୍ୟବସ୍ଥା କରାଯାଇଛି । ଶ୍ରୀ ଜଗନ୍ନାଥ ସଂସ୍କୃତିରୁ ପ୍ରେରଣା ପାଇ ଆମକୁ ଓଡ଼ିଆ ସ୍ୱାଭିମାନ ସହ ବୈଶ୍ୱିକ ଦାୟିତ୍ୱ ଓ ରାଷ୍ଟ୍ରବାଦର ତତ୍ତ୍ୱକୁ ଶିକ୍ଷା ବ୍ୟବସ୍ଥାରେ ଆତ୍ମସାତ କରିବାକୁ ପଡ଼ିବ । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ଓ ୨୦୪୭ ସୁଦ୍ଧା ଭାରତ ସ୍ୱତନ୍ତ୍ରତାର ଶତବାର୍ଷିକୀ ପାଳନ କରିବ । 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ଲକ୍ଷ୍ୟ ପୂରଣ କରିବାକୁ ହେଲେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏବେଠାରୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ହେବ । ଏ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଆଜିର କର୍ମଶାଳା ଏକ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

## ୪ ଗୋରୁ ମାଫିଆ ଗିରଫ

# ପିସ୍ତଲ ସହ ଖଣ୍ଡା, ଗୋରୁ ବୋଝେଇ ସ୍କର୍ପିଓ ଜବତ

ପୁରୀ, (ସବ୍ୟୁ): ଜିଲ୍ଲାରେ ହେଉ ଥିବା ଗୋରୁ ଚୋରୀ ଓ ଚୋରା ଚାଲାଣକୁ ରୋକିବା ପାଇଁ ପୁରୀ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଗୋରୁ ଚୋରୀ କରୁ ଥିବା ଏକ ମୁସଲମାନ ମାଫିଆ ଗ୍ୟାଙ୍ଗକୁ ଧରିବାରେ ବଡ ସଫଳତା ମିଳିଛି ପୁରୀ ପୋଲିସକୁ । ଗାଇ ଚୋରୀ ଓ ଚୋରା ଚାଲାଣ ଅଭିଯୋଗରେ ଚନ୍ଦନପୁର ଥାନା ଠାରୁ ପୋଲିସ ଏକ ଗୋଟି ୭.୫ ଏମ୍ଏମ୍ ଦେଶୀ ପିସ୍ତଲ, ଏକ ଧଳା ରଙ୍ଗର ସ୍କୋର୍ପିଓ , ପାଞ୍ଚ ଗୋଟି ମୋବାଇଲ ଫୋନ, ଲୁହା ରଡ୍, ଖଣ୍ଡା, କାଠ ଗୋଟାଲି ଆଦି ଜବତ କରିଛି । ସବ ଇନ୍ସପେ୍କଟରଙ୍କ ପ୍ରଫୁଲ୍ଲ କୁମାର ଅଭାବୁବୁଦ୍ଧିଙ୍କ ଅଭିଯୋଗ କ୍ରମେ ଚନ୍ଦନପୁର ଥାନା ଆଇଆଇସି କେଶ ନମ୍ବର ୯୭/୨୬ କ୍ରମେ ବିଏନଏସ ଓ ପ୍ରାଣୀ



ନିଷ୍ଠୁରତା ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି । ଶନିବାର ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପୁରୀ ଏସପି ପ୍ରତୀକ ସିଂ କହିଥିଲେ ଚଳିତ ମେ ମାସ ୧/୨ ତାରିଖ ବିଳମ୍ବିତ ରାତ୍ରିରେ ଚନ୍ଦନପୁର ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ କେତେକ ଅସାମାଜିକ ଯୁବକ ମାରଣାସ୍ତ୍ର ସହ ଏକ ଧଳା ରଙ୍ଗର ସ୍କୋର୍ପିଓ ଓ ଏକ ମହିନ୍ଦ୍ରା ଏକ୍ସୟୁଭି ଗାଡ଼ିରେ ନୂଆବାଳିଆ ଓଣ୍ଡର ୱାର୍ଲ୍ଡ ପାର୍କ ନିକଟରେ ଥିବା ନିଛାଟିଆ ସ୍ଥାନରେ କିଛି ବଡ ଧରଣର ଅପରାଧ ଘଟାଇବା ପାଇଁ ଏକତ୍ରିତ ହୋଇଛନ୍ତି । ଉକ୍ତ ତଥ୍ୟ ଅନୁସାରେ ଚନ୍ଦନପୁର ଥାନାର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସେଠାରେ ଅତର୍କିତ ଭାବେ ଚଢ଼ାଉ କରି ଥିଲା । ଚଢ଼ାଉ ସମୟରେ ପୋଲିସ ଘଟଣା ସ୍ଥଳରୁ ଏକ ସ୍କୋର୍ପିଓ ଗାଡ଼ିରେ ଓ ସେଥିରେ ଏକ ଗାଇ ଥିବା ଦେଖିବାକୁ ଥିଲା । ପୋଲିସ ଘଟଣା ସ୍ଥଳରୁ ଗିରଫ ହୋଇ ଥିବା ଅଭିଯୁକ୍ତ ମାନେ ଧରା ପଡି ଥିଲେ । ତେବେ ପୋଲିସକୁ ଦେଖି ସେଠାରେ ଥିବା ଅନ୍ୟ ଏକ ଧଳା ରଙ୍ଗର ଏକ୍ସୟୁଭି ଗାଡ଼ି ସହ ସେଥିରେ ଥିବା ୩ ଜଣ ଯୁବକ ଦ୍ରୁତ ବେଗରେ ଗାଡି ଚଳାଇ ଫେରାର ହୋଇ ଯାଇଥିଲେ । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି ପୁରୀ ଏସପି ଶ୍ରୀ ସିଂ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ଦାୟିତ୍ୱରେ ଥିବା ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର ଓ ଚନ୍ଦନପୁର ଥାନା ଅଧିକାରୀ ଉପସ୍ଥିତ ଥିଲେ ।

ପୋଲିସ ୪ ଜଣ ଅସାମାଜିକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇ ଥିବା ଅଭିଯୁକ୍ତମାନେ ହେଲେ ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧିନ ବଳଙ୍ଗା, ନୂଆଗୋପାଳପୁର ଗ୍ରାମର ସାଏଦ ଅଲି (୧୯), ଏସ. କେ. ସଲମନ (୨୫), ଗୁଲ୍ଲୁ ଓରଫ ସାଦିକ୍ ଶାହା (୨୫) ଓ ରିଙ୍କୁ ଓରଫ ଜମାଲ ଶାହା (୧୯) । ଅଭିଯୁକ୍ତଙ୍କ

## ମାଲବାହୀ ଯାନରେ ଯାତ୍ରୀ ପରିବହନ ବିରୋଧରେ ରାଜ୍ୟବ୍ୟାପୀ ଚଢ଼ାଉ

# ତିନି ଦିନରେ ୨୨୬ଟି ଯାନ ଅଟକ, ୯୩ ଜବତ

କଟକ, (ସବ୍ୟୁ): ସଡ଼କ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମାଲବାହୀ ଯାନରେ ବେଆଇନ ଯାତ୍ରୀ ପରିବହନ ବିରୋଧରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଗତ ୨୯ ଏପ୍ରିଲରୁ ରାଜ୍ୟବ୍ୟାପୀ ବିଶେଷ ଅଭିଯାନ ଜାରି ରହିଛି । ଏହି ଅଭିଯାନର ପ୍ରଥମ ତିନି ଦିନରେ ସାରା ରାଜ୍ୟରେ ମୋଟ ୩,୦୩୪ଟି ଯାନ ଯାଞ୍ଚ କରାଯାଇଥିବା ବେଳେ ୩୨୬ଟି ମାମଲାରେ ନିୟମ ଉଲ୍ଲଂଘନ ଚିହ୍ନଟ କରାଯାଇ ଚାଲାଣ ଜାରି କରାଯାଇଛି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ସ୍ୱରୂପ ପ୍ରଥମ ତିନି ଦିନରେ ହିଁ ୨୨୬ଟି ଯାନକୁ ଅଟକ ରଖାଯାଇଥିବା ବେଳେ ୯୩ଟି ଯାନକୁ ଜବତ କରାଯାଇଛି । ଏହାସହ ୨୭୧ଟି ଯାନର ପଞ୍ଜୀକରଣ (RC) ରଦ୍ଦ ପାଇଁ ନୋଟିସ୍ ଜାରି କରାଯାଇଥିବା ସହ ୧୮୯ଟି ଡ୍ରାଇଭିଂ ଲାଇସେନ୍ସ (DL) ସସପେଣ୍ଡ କରାଯାଇଛି ।

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (RTO) ଓ୍ୱାରୀ ତଥ୍ୟ ଅନୁସାରେ ଯାନ ଜବତ କ୍ଷେତ୍ରରେ ଭୁବନେଶ୍ୱର(୧) ଆରଟିଓ ସର୍ବାଧିକ ୧୯ଟି ଗାଡ଼ି ଜବତ କରିଥିବା ବେଳେ, କୋରାପୁଟ ୧୭ଟି ଏବଂ ଭୁବନେଶ୍ୱର(୨) ୧୧ଟି ଗାଡ଼ି ଜବତ କରିଛନ୍ତି । ଏହା ବ୍ୟତୀତ ସମ୍ବଲପୁର ୮, ରାଉରକେଲା ୭ ଏବଂ ସୁନ୍ଦରଗଡ଼ ଆରଟିଓ ୬ଟି ଗାଡ଼ି ଜବତ କରିଛନ୍ତି । ଯାନ ଅଟକ କ୍ଷେତ୍ରରେ ବଲାଙ୍ଗିର ଆରଟିଓ ପକ୍ଷରୁ ୨୫ଟି ଗାଡ଼ି ଅଟକ ରଖାଯାଇଥିବା ବେଳେ ଭୁବନେଶ୍ୱର-୧ ଆରଟିଓ ୨୪ ଟି, କୋରାପୁଟ ଆରଟିଓ ୨୦ ଟି ଏବଂ କଟକ ଆରଟିଓ ପକ୍ଷରୁ ୧୫ ଟି ଗାଡ଼ି ଅଟକ ରଖାଯାଇଛି ।ଏହି ରାଜ୍ୟବ୍ୟାପୀ ଅଭିଯାନରେ ବଲାଙ୍ଗୀର, କଟକ, ଭୁବନେଶ୍ୱର-୧ ଓ କୋରାପୁଟ ଆଦି ଅଞ୍ଚଳରେ ଅଧିକ ସଂଖ୍ୟାରେ ନିୟମ ଉଲ୍ଲଂଘନ ଚିହ୍ନଟ ହୋଇଛି ।

ରାଜ୍ୟ ପରିବହନ ପ୍ରାଧିକରଣ ସ୍ପଷ୍ଟ କରିଛି ଯେ, ମାଲବାହୀ ଯାନରେ ଯାତ୍ରୀ ପରିବହନ କରିବା ଏକ ଦଣ୍ଡନୀୟ ଅପରାଧ ଓ ଏହା ସାଧାରଣ ଜନସାଧାରଣଙ୍କ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି କରେ । ସଚେତନତା ସୃଷ୍ଟି ସହ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଏହି ବିଶେଷ ଅଭିଯାନ ୮ ମଇ ୨୦୨୬ ପର୍ଯ୍ୟନ୍ତ ଜାରି ରହିବ ।ସମସ୍ତ ଗାଡ଼ି ମାଲିକ ଓ ଚାଳକମାନଙ୍କୁ ମୋଟର ଯାନ ଆଇନ୍ କଠୋରତାର ସହ ପାଳନ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସତର୍କ କରାଯାଇଛି ।

# କ୍ୟାପିଟାଲ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର, (ସବ୍ୟୁ): ୟୁନିଟ୍-୩ ସ୍ଥିତ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାଗଣ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଗଣଙ୍କ ସହିତ କଟକ ଓ ଭୁବନେଶ୍ୱର ମହାନଗର ନିଗମର ଅନେକ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ । ଉକ୍ତ



ସଭାରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ଓ ପ୍ରାଚିତନୟା ଗିରି ଉପସ୍ଥିତ ଥିଲେ । ଏମାନଙ୍କ ସହିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସୁଧାଂଶୁ କୁମାର ପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ବୃନ୍ଦାବନ ଶତପଥି, ଜୁନିଅର ରେଡ୍‌କ୍ରସ୍‌ର ସିଇଓ ଲକ୍ଷ୍ମଣ ସ୍ୱାଇଁ ଓ ଭୁବନେଶ୍ୱର ଜିଲ୍ଲା ଭାରତ ସ୍କାଉଟ କମିସନ୍‌ର ଅମ୍ବିକା ପ୍ରସାଦ ଦାସ, ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଓ ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ ଓ ପୁରାତନ ଛାତ୍ର ସଂଘ ସଭ୍ୟ ବିଜୟ ପାତ୍ର ଉପସ୍ଥିତ ଥିଲେ । ସଭାକାର୍ଯ୍ୟକୁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସନତ ମିଶ୍ର ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଗୌରଚନ୍ଦ୍ର ମହାପାତ୍ର, ବୁଦ୍ଧିଜୀବୀ ପ୍ରମୁଖ ବିଦ୍ୟାଳୟ ତଥା ପ୍ରଧାନଶିକ୍ଷକଙ୍କ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ । ଶ୍ରୀ ଦାଶଙ୍କ ନିରୋଗ ଜୀବନ କାମନା କରି ସଭାସଙ୍ଗ କରାଯାଇଥିଲା ।

# ପିଠିର ଯନ୍ତ୍ରଣାରୁ ମୁକ୍ତି ପାଇଁ ସଚେତନତା ହିଁ ପ୍ରଥମ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଏଙ୍କିଲୋଜିଂ ସ୍ପୋଣ୍ଡିଲାଇଟିସ୍ ଦିବସ ପାଳନ ଅବସରରେ ଭୁବନେଶ୍ୱରରେ ଓଡିଶା ଆର୍ଥ୍ରାଇଟିସ୍ ଏବଂ ରିୟୁମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଏକ




ବ୍ୟାପକ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା । ଏଙ୍କିଲୋଜିଂ ସ୍ପୋଣ୍ଡିଲାଇଟିସ୍ (ଏ.ଏସ୍.) ଏକ ଦୀର୍ଘସ୍ଥାୟୀ ରିୟୁମାଟିକ୍ ରୋଗ, ଯାହା ଧୀରେ ଧୀରେ ମେରୁଦଣ୍ଡକୁ କଠିନ କରି ଦୈନିକ ଚଳାଚଳକୁ ପ୍ରଭାବିତ କରେ । ଯୁବବର୍ଗ ମଧ୍ୟରେ ଏହା ଅଧିକ ଦେଖାଯାଉଥିବା ସତ୍ତ୍ୱେ ମଧ୍ୟ ସମୟରେ ଚିହ୍ନଟ ନହେବା ଏକ ଚିନ୍ତାଜନକ ପରିସ୍ଥିତି । ଭୁଲ ଧାରଣା ଓ ସୂଚନାର ଅଭାବ ଯୋଗୁଁ ଅନେକ ରୋଗୀ ଦୀର୍ଘ ସମୟ ଯନ୍ତ୍ରଣାରେ ରହିଥାନ୍ତି । ବିଶେଷଜ୍ଞମାନେ ଜଣାଇଥିଲେ ଯେ, ଦୀର୍ଘ ସମୟ ଧରି ରହୁଥିବା ପିଠି ଯନ୍ତ୍ରଣା, ସକାଳେ କଠିନତା ଓ ଚଳନରେ ଅସୁବିଧା ଏହି ରୋଗର ପ୍ରମୁଖ ଲକ୍ଷଣ ହୋଇପାରେ । ଏପରି ଲକ୍ଷଣ ଦେଖାଦେଲେ ଶୀଘ୍ର ରିୟୁମାଟୋଲୋଜିଷ୍ଟଙ୍କ ସହ ଯୋଗାଯୋଗ କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ଏହି ଅଭିଯାନର ଅଂଶ ଭାବେ ଏକ ସଚେତନତା ୱାକାଥନ୍ ଆୟୋଜିତ ହୋଇଥିଲା, ଯାହା ସହିଦ ନଗରରୁ ରୁପାଲି ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ସାଧାରଣ ଲୋକଙ୍କ ମଧ୍ୟରେ ସୁସ୍ଥ ଜୀବନ ଓ ସମୟୋପଯୁକ୍ତ ଚିକିତ୍ସାର ସନ୍ଦେଶ ପ୍ରଚାର କରିଥିଲା । ଓଏଆରସିର ମେଡିକାଲ୍ ନିର୍ଦ୍ଦେଶକ ତଥା ରାଜ୍ୟର ଜଣେ ଖ୍ୟାତନାମା ରିଉମାଟୋଲୋଜିଷ୍ଟ୍ ପ୍ରଫେସର ଡାକ୍ତର ଜ୍ୟୋତି ରଞ୍ଜନ ପରିଡା ଓ ଓଏଆରସି ଶୈଳଶ୍ରୀ ବିହାର ଶାଖାର ମୁଖ୍ୟ ପରାମର୍ଶଦାତା, ରିଉମାଟୋଲୋଜିଷ୍ଟ୍ ଡାକ୍ତର ଦେବାଶିଷ ମାଇକାପ୍ ଏହି ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଏହାର ଚିକିତ୍ସାରେ ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ୱାକାଥନର ଉଦଘାଟନ ଭାରତୀୟ ଚିକିତ୍ସକ ସଂଘ (ଓଡିଶା ଶାଖା) ର ସଭାପତି ଡାକ୍ତର ଭରତ ପାଣିଗ୍ରାହୀ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଓ ଭାରତୀୟ ରିୟୁମାଟୋଲୋଜି ସଂଘ (ଓଡିଶା ଶାଖା)ର ପୂର୍ବତନ ସଭାପତି ଡାକ୍ତର ମନୋଜ ଛୋଟରାୟ, ଆମ୍ ଆଦମୀ ପାର୍ଟି ଓଡିଶାର ସଂଯୋଜକ ନିଶିକାନ୍ତ ମହାପାତ୍ର ଯୋଗ ଦେଇଥିଲେ ।

# ପ୍ରଭାତ ବିଶ୍ୱାଳଙ୍କୁ ସାକ୍ଷାତ କଲେ ଦିଲ୍ଲୀପ



କଟକ, (ସ୍ୱପ୍ର) : ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନରେ ସାଂସଦ ଭାବେ ନିର୍ବାଚିତ ହୋଇଥିବା ବିଶିଷ୍ଟ ଉଦ୍ୟୋଗପତି ଦିଲ୍ଲୀପ ରାୟ ଶନିବାର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ତାଙ୍କ ମହାନଦୀବିହାର ସ୍ଥିତ ବାସଭବନରେ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଲକ୍ଷ୍ମୀବିଳାସିନି ବିଶ୍ୱାଳ ଓ ପ୍ରଭାତଙ୍କ ପୁରା ପରିବାର ସଦସ୍ୟ ଉପସ୍ଥିତ ଥିଲେ । କୌଣସି ସୂଚନାରେ ହଠାତ ସାଂସଦ ଶ୍ରୀ ରାୟଙ୍କ ଉପସ୍ଥିତି ସମସ୍ତଙ୍କୁ ଚକିତ କରିଥିଲା । ଏନେଇ ପୂର୍ବତନ ବିଧାୟକ ଡଃ ବିଶ୍ୱାଳ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ବୋଲି କହିଥିଲେ ।

## ସବିତା ହୋତାଙ୍କ କବିତା ପୁସ୍ତକ

# 'କୃଷ୍ଣମୟ' ଓ 'ଭାବଧାରା' କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ସ୍ୱନାମଧନ୍ୟ କବୟିତ୍ରୀ ତଥା ଅଧ୍ୟାପିକା ଶ୍ରୀମତୀ ମହାପାତ୍ର ସବିତା ହୋତାଙ୍କ ରଚିତ ଦୁଇଟି କବିତା ପୁସ୍ତକ 'କୃଷ୍ଣମୟ' ଓ 'ଭାବଧାରା' କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । 'କୃଷ୍ଣମୟ'ରେ ବାଳକୃଷ୍ଣଙ୍କ ଲୀଳାମୟ ଜୀବନୀର ଛନ୍ଦମୟ ପ୍ରତିବେଦନ ପାଠକଙ୍କୁ ନିଶ୍ଚିତଭାବେ ଆତ୍ମତୃପ୍ତି ଦେବ । ସେହିପରି 'ଭାବଧାରା' ମଣିଷ ଚରିତ୍ରର ଭିନ୍ନତା, ଜଗତର ବୈଚିତ୍ର୍ୟ, ସତ୍ୟତା ଏବଂ ଆତ୍ମଶକ୍ତିର ମହତ୍ତ୍ୱକୁ ବର୍ଣ୍ଣନା କରୁଛି । ଉଭୟ କବିତା ପୁସ୍ତକ ସୃଜନୀ ଦୃଷ୍ଟିରୁ ଅତି ସ୍ୱତନ୍ତ୍ର । ଲେଖିକାଙ୍କ ଭକ୍ତିଭାବ, ଆଧାତ୍ମିକ ଓ ମାନବିକତାର ଅନୁଭବକୁ କବିତାର ପ୍ରତ୍ୟେକ ଶବ୍ଦ, ଛନ୍ଦରୁ ଅନୁଭବ କରିହେବ । ଏହା ପୂର୍ବରୁ ଲେଖିକାଙ୍କ ରଚିତ ଅନ୍ୟ ଦୁଇ ପୁସ୍ତକ 'ପଦାରବିନ୍ଦରେ' ଏବଂ 'ଆଦ୍ୟପୁସ୍ତକ' ବେଶ ପାଠକୀୟ ଆଦୃତି ଲାଭ କରିଥିଲା । ଏଥିରେ ପ୍ରତିଫଳିତ ଭକ୍ତିଭାବ ଓ ନାରୀଶକ୍ତିର ପରାକାଷ୍ଠା ପାଠକଙ୍କୁ ସୃଜନୀର ଚମତ୍କାର ଅନୁଭବ ଦେଇଥିଲା । 'କୃଷ୍ଣମୟ' ଓ 'ଭାବଧାରା' ମଧ୍ୟ ସମାନ ପ୍ରଶଂସା ସାଉଁଟିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବାଣୀଚିତ୍ରର ସମ୍ପାଦକ ସ୍ୱନାମଧନ୍ୟ ଲେଖକ ଭାସ୍କର ଜେନା, ଓ ଆଇନଜୀବୀ ନିଳୟ ଆଧାର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ଐତିହାସିକ ମିସିଂ ଲିଙ୍କ୍ ପ୍ରୋଜେକ୍ଟ ନବଯୁଗ ପ୍ରଶଂସିତ

ଭୁବନେଶ୍ୱର (ସବ୍ୟୁ): ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ (ଘରଉଖ) ଐତିହାସିକ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ ମିସିଂ ଲିଙ୍କ ପ୍ରକଳ୍ପର ଅଂଶ ଭାବରେ ହାସଲ କରାଯାଇଥିବା ପ୍ରଶସ୍ତ ଭୂତଳ ସୁଡ଼ଙ୍ଗ ନିର୍ମାଣ ସହିତ ଏହାର ଦ୍ୱିତୀୟ ଗିନିଜ୍ ବିଶ୍ୱ ରେକର୍ଡ ହାସଲ କରିଛି । ଏହି ଅସାଧାରଣ ସଫଳତା ଭାରତର ଭିତିଭୂମି ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ଭାବରେ ଉଭା ହୋଇଛି, ଯାହା ଅତୁଳନୀୟ ସ୍କେଲ୍, ଇଞ୍ଜିନିୟରିଂ ଦକ୍ଷତା ଏବଂ ସୀମା ବାହାରକୁ ନିର୍ମାଣ କରିବା ପାଇଁ ଏକ ସାହସିକ ଦୃଷ୍ଟିକୋଣ ପ୍ରଦର୍ଶନ କରୁଛି । ଦଶନ୍ଧି ଧରି, ସହ୍ୟାଦ୍ରିସ୍ ଦେଇ ମୁମ୍ବାଇ-ପୁଣେ ଯାତ୍ରା ପ୍ରାକୃତିକ କିନ୍ତୁ ଧୀର ଏବଂ ଅପ୍ରତ୍ୟାଶିତ ଥିଲା । ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସଙ୍କ ଦୃଷ୍ଟିକୋଣ ଏବଂ ନେତୃତ୍ୱରେ, ମହାରାଷ୍ଟ୍ର ସରକାର ଏକ ପରିବର୍ତ୍ତନଶୀଳ ସମାଧାନ କଳ୍ପନା କରିଥିଲେ - ୧୩.୩ କିଲୋମିଟର ମିସିଂ ଲିଙ୍କକୁ ସେତୁ କରିବା, ଯାହାକୁ ମହାରାଷ୍ଟ୍ର ରାଜ୍ୟ ସଡ଼କ ବିକାଶ ନିଗମ ଲିମିଟେଡ୍ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ଦ୍ୱାରା ଜୀବନ୍ତ କରାଯାଇଥିଲା । ମହାରାଷ୍ଟ୍ର ଦିବସରେ ଉଦ୍ଘାଟିତ, ବହୁ ପ୍ରତୀକ୍ଷିତ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ ମିସିଂ ଲିଙ୍କ ଇଞ୍ଜିନିୟରିଂ ଚମତ୍କାରତାର ଏକ ଯୁଗାନ୍ତକାରୀ ଉଦାହରଣ ଭାବରେ ଠିଆ ହୋଇଛି, ଯାହା ଭାରତର ଭିତିଭୂମି ଦିଗନ୍ତକୁ ବିସ୍ତାର କରୁଛି ।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ

# ବିଲ୍‌ଡିଂ ବ୍ରିଜେସ୍ ଫର୍ ଇନ୍‌କ୍ଲୁସିଭିଟି ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ବିଲଡିଂ ବ୍ରିଜ୍ ଫର ଇର୍ନକ୍ଲୁସିଭିଟି (ଆଇସିବିବି ୨୦୨୬) ଉପରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଦୁଇ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଶିକ୍ଷା ତଥା ନିଯୁକ୍ତି କ୍ଷେତ୍ରରେ ଅନ୍ତର୍ଭୁକ୍ତ ପ୍ରଣାଳୀକୁ ମଜବୁତ କରିବା ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞ, ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରକମାନେ ଏକତ୍ରିତ ହୋଇଥିଲେ । ସିକନ୍ଦରାବାଦସ୍ଥିତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ଏମପାୱାରମେଣ୍ଟ ଅଫ୍ ପର୍ସନସ ଅଫ୍ ଉଇଥ ଇଣ୍ଟେଲେକଚ୍ୟୁଆଲ୍ ଡିଜାବିଲିଟି (ଏନ୍‌ଆଇଇପିଆଇଡି) ଓ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ ମିଳିତ ଉଦ୍ୟମରେ ଇଂଲଣ୍ଡର ୟୁନିଭରସିଟି ଅଫ୍ ସସେକ୍ସ ସହଯୋଗରେ ଏହି ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ଭାରତ ସରକାରଙ୍କ ଦିବ୍ୟାଙ୍ଗ ଜନ ସଶକ୍ତିକରଣ ବିଭାଗ ଓ ଓଡ଼ିଶା ସରକାରଙ୍କ ସାମାଜିକ




ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍‌ଏସ୍‌ଇପିଡି) ବିଭାଗ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

ଉଦ୍‌ଘାଟନୀ ଅଧିବେଶନରେ ଉଦବୋଧନ ଦେଇ ସସେକ୍ସ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଥମ୍ପସନ୍ କହିଲେ, ଅନ୍ତର୍ଭୁକ୍ତ ଶିକ୍ଷା ନୀତିଗତ ଢାଞ୍ଚାଠାରୁ ଅଧିକ ହେବ । ସେ କହିଲେ, ଏହାକୁ କେବଳ କଥାରେ କହିଲେ ହେବନାହିଁ, ଏହାକୁ କାମରେ କରି ଦେଖାଇବାକୁ ପଡ଼ିବ । ସ୍ଥାୟୀ ବିଶ୍ୱାସ-ଆଧାରିତ ସହଯୋଗ ଅର୍ଥପୂର୍ଣ୍ଣ ଅନ୍ତର୍ଭୁକ୍ତିକୁ ହାସଲ କରିବାର ଚାବିକାଠି । ପ୍ରକୃତ ଅନ୍ତର୍ଭୁକ୍ତିକୁ ହାସଲ କରିବା ପାଇଁ ଦୟା, ଧୈର୍ଯ୍ୟ ସେମାନଙ୍କ ମଧ୍ୟରେ ଦୂରତାକୁ ଦୂର କରିବା ଉଚିତ ବୋଲି କହିଥିଲେ ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଏଭଳି ସମ୍ମିଳନୀ ବର୍ତ୍ତମାନ ସମୟରେ ଅତି ଗୁରୁତ୍ୱପୂର୍ଣ୍ଣ ଓ ଅନ୍ତର୍ଭୂକ୍ତ ଶିକ୍ଷା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ରହିଛି । କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ହେଉଛି ଦେଶର ଏକମାତ୍ର ଅନୁଷ୍ଠାନ ଯେଉଁଠି ସ୍ୱତନ୍ତ୍ର ପିଲାମାନଙ୍କୁ ଶିକ୍ଷା ଦେଉଥିବା ସେନ ଗ୍ଲୋବ ପଦକ୍ଷେପ ସହିତ ଅନ୍ତର୍ଭୁକ୍ତିକୁ ସମର୍ଥନ କରିଛି । ଏହାର ମାନବ-କେନ୍ଦ୍ରିକ ଆଭିମୁଖ୍ୟ ହେତୁ ଏହା ସଫଳ ହୋଇପାରିଛି ବୋଲି ସେ କହିଥିଲେ । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ ଚେୟରାପର୍ସନ ଡ ମୋନାଲିସା ବଳ ମଧ୍ୟ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ ନିପେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରତି ହୋଇଥିଲା । ବୁଝାମଣା ଅନୁସାରେ ଉଭୟ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ ନିପେଡ୍ ତାଲିମ, ରିସୋର୍ସ ବିନିମୟ, ଜ୍ଞାନର ବିନିମୟ କାର୍ଯ୍ୟ ଜରିଆରେ ଶିକ୍ଷାର ବିକାଶ କରିବେ । ଫଳରେ ଉଭୟ ଅନୁଷ୍ଠାନ ଆନୁଷ୍ଠାନିକ ସହଯୋଗକୁ ବୃଦ୍ଧି କରିପାରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସଭାପତି ଶାଶ୍ୱତି ବଳ, ନିପେଡ୍ ନିର୍ଦ୍ଦେଶକ ଡ. ବି. ଭି. ରାମକୁମାର, ଏସ୍‌ଭିନିରତାର ନିର୍ଦ୍ଦେଶକ ଡ. ପି ପି ମହାନ୍ତି ଉପସ୍ଥିତ ଥିଲେ । ଶେଷରେ ଡ ଶ୍ରାବଣ ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜ ମୌଳିକ ସମସ୍ୟା ନେଇ ରିଲ୍ସ ପ୍ରତିଯୋଗିତା
# କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କଲା ଭଞ୍ଜସେନା




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟା ଯଥା ଚାଷ ଓ ଚାଷୀ ସମସ୍ୟା, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଏବଂ ଶିକ୍ଷା ସମସ୍ୟା ଗୁଡ଼ିକୁ ନେଇ ଭଞ୍ଜସେନା ପକ୍ଷରୁ ହୋଇଥିବା ରିଲ୍ସ ପ୍ରତିଯୋଗିତାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ମେ ମାସ ୧ତାରିଖ ଶୁକ୍ରବାର ବିଶ୍ୱ ଶ୍ରମିକ ଦିବସ ଅବସରରେ ବାରିପଦା ଦାରଗାଡେଇ ଗୋଲେଇ ସ୍ଥିତ ନର୍ମଦା ବିବାହ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଯୋଗଦାନ କରି ସର୍ବପ୍ରଥମେ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟ ସ୍ଥଳୀ ଗୁଡ଼ିକୁ ନେଇ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଗୁଡିକର ଉଚିତ୍ ବ୍ୟବସାୟୀକରଣ ସହିତ କୁଟୀର ଶିଳ୍ପ ମାଧ୍ୟମରେ ବେକାରୀ ସମସ୍ୟାରେ ଜର୍ଜରିତ ମୟୂରଭଞ୍ଜ ଜିଲ୍ଲାର ବେରୋଜଗାର ମାନଙ୍କୁ ରୋଜଗାରକ୍ଷମ କରିବା ସହିତ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ବାବଦରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ।

ପରେ ମୁଖ୍ୟଅତିଥି, ସମ୍ମାନୀୟ ଅତିଥି ଏବଂ ବରିଷ୍ଠ ସଂଗଠନ କର୍ମକର୍ତ୍ତାଙ୍କ ଦ୍ୱାରା ରିଲ୍ସ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ୫ଟି ବିଜେତା ମାନେ ହେଲେ ମିଷ୍ଟର-ଏମ୍‌ବିଜେ-୨୦୨୪ ପ୍ରଥମସ୍ଥାନ ଅଧିକାର କରି ଟ.୧,୫୦,୦୦୦/-ଙ୍କା ପୁରସ୍କାର ରାଶି ଗ୍ରହଣ କରିଥିବାବେଳେ, ଦ୍ୱିତୀୟ ସ୍ଥାନ ଡବ୍ଲ୍ୟୁଏଚ୍-ପାର୍ଦ-ଅଫିସିଆଲ୍ ଅଧିକାର କରି ଟ.୧,୨୫,୦୦୦/-ଙ୍କା, ତୃତୀୟ ସ୍ଥାନ ଏମ୍‌ବିଜେ-ଷ୍ଟୁଡିଓ ଅଧିକାର କରି ଟ.୧,୦୦,୦୦୦/-ଙ୍କା, ଚତୁର୍ଥ ସ୍ଥାନ ମୟୂରଭଞ୍ଜ-ସୋନା-ସିଙ୍ଗ ଅଧିକାର କରି ଟ.୭୫,୦୦୦/-ଙ୍କା, ପଞ୍ଚମ ସ୍ଥାନ ସିନୁବିଟ୍ରିକ୍ସ ଅଧିକାର କରି ଟ.୫୦,୦୦୦/-ଙ୍କା ପାଇଥିବାବେଳେ ଏମାନଙ୍କ ସହିତ ଅନ୍ୟ ୧୦ଜଣଙ୍କୁ ଟ.୧୦,୦୦୦/- ଙ୍କା ଲେଖାଏଁ ସାନ୍ତ୍ୱନା ମୂଳକ ପୁରସ୍କାର ରାଶି ପ୍ରଦାନ କରିଥିଲେ।

ଏହି ସଭାରେ ପ୍ରଫେସର ରଞ୍ଜିତ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଆଜି ସଂଗଠନ ତରଫରୁ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କର ନେତୃତ୍ୱରେ ବାରିପଦା ଅମ୍ବିକା ମନ୍ଦିର ସମ୍ମୁଖରୁ ଅପରାହ୍ନ ୫ ଘଟିକା ଠାରୁ ଏକ ବାଇକ୍ ରାଲି ବାହାରି ବଡ଼ବଜାର-କେସି ସର୍କଲ-ଟ୍ରାଫିକ ଛକ-ମୁଖ୍ୟ ମାର୍କେଟ-ବିଜୁ ପଟ୍ଟନାୟକ ଛକ-କଚେରୀ ସମ୍ମୁଖ-ଷ୍ଟିଲ ଗୋଲେଇ-ସତ୍ୟସାଇ ଛକ-ବାଘରାରୋଡ-ଦାରଗାଡେଇ ଗୋଲେଇ ଦେଇ ନିକଟସ୍ଥ ନର୍ମଦା ବିବାହ ମଣ୍ଡପରେ ପାଖରେ ପହଞ୍ଚିଥିଲା। ସଂଗଠନ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଆଜିର କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ଅଧକ୍ଷ ସଂଜୀବ ରାଉତ, ସତ୍ୟସ୍ୱରୂପ ଦାଶ, କନିକା ବୋଷ, ଦକ୍ଷିଣା ମହାନ୍ତ, ପିଣ୍ଟୁ ମାଇତି, ବାଜୁନ ହାଁସଦାଃ, ରାକେଶ ବେହେରା, ସାମନ୍ତ ଶେଖର ପାଲ, ରାକେଶ ମହାନ୍ତି, ଜ୍ୟୋତିରଞ୍ଜନ ପୃଷ୍ଟି, ଏସ୍.କେ. ରାଜାଖାନ, ରବିନ୍ ମହାନ୍ତି, ଡଃ ପ୍ରିତମ ପଣ୍ଡା ଓ ସୁନ୍ଦର ମୋହନ ଟୁଡୁ ପ୍ରମୁଖଙ୍କ ସହିତ ରିଲ୍ସ କାର୍ଯ୍ୟକ୍ରମକୁ ସଫଳତାର ସହିତ ଶେଷ୍ କରିଥିବା ରିଲ୍ସ କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସଡ଼ର ଆନ୍ତର୍ଜାତୀୟ ୟୁବ-ଟ୍ୟୁବର ତଥା ବ୍ଲୋଗର ଲବ ହାଁସଦାଃ, ଅଭିନେତା ତାପସ ପାଢ଼ୀ, ସଂଜୀବ ରାଉତ, ରାକେଶ ବେହେରା, ବାଜୁନ ହାଁସଦାଃ, ଜ୍ୟୋତି ରଞ୍ଜନ ପୃଷ୍ଟି, ପଙ୍କଜ କରଣ, ମନୋଜ ପାତ୍ର, ସଞ୍ଜୟ ମହାର୍ଣ୍ଣା, ସଞ୍ଜୟ ମହାନ୍ତ, ଦୀପକ କୁମାର ବେହେରା, ଜିତୁ ସିଂ, ରୁଦ୍ର ପଟ୍ଟନାୟିକ, ରାକେଶ ଆଚାର୍ଯ୍ୟ, ପ୍ରଶାନ୍ତ ଦାସ, ଗୌରାଙ୍ଗ ଘଡେଇ, ପବିତ୍ର ମୋହନ ପାଢ଼ୀ, ମୁଚ୍ଛିକାନ୍ତ ପରିଡା, ପ୍ରଦୀପ ପଣ୍ଡା, ସମିତ ରାଉଳ, ସତ୍ୟ ପୃଷ୍ଟି, ଉମେଶ ପ୍ରଧାନ, ଏମ୍.ଡି ରାଜା, ପ୍ରକାଶ ଦାସ, ସମ୍ପଦ ପୃଷ୍ଟି, ଦୀପରାଜ ମହାନ୍ତ ଓ ବାପୁନ ଦାସ ପ୍ରମୁଖ ମଧ୍ୟ ସାମିଲ ଥିଲେ ବୋଲି ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

## ଜମି ବ୍ୟବସାୟୀ ସୁଧୀର ଅପହରଣ, ହତ୍ୟା ମାମଲା
# ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ କ୍ରାଇମ ସିନ ରିକ୍ରିଏସନ



ବ୍ରହ୍ମପୁର, (ସବ୍ୟୁ): ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ର ଅପହରଣ ଓ ହତ୍ୟା ମାମଲାର ଗିରଫ ହୋଇ ମୁଖ୍ୟ ଷଡଯନ୍ତ୍ରକାରୀ ସମେତ ୯ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ପୋଲିସ ପର୍ଯ୍ୟାୟ କ୍ରମେ ୭ଜଣଙ୍କୁ ଦୁଇଟି ପର୍ଯ୍ୟାୟରେ ରିମାଣ୍ଡରେ ଆଣି ବହୁତ ତଥ୍ୟ ଓଗାଳିଥିଲା । ଗିରଫ ୯ଜଣଙ୍କ ମଧ୍ୟରୁ ପୋଲିସ ସୁଭମ ନାୟକ ଓ ତାଙ୍କ ସହଯୋଗୀ ଶୁଭମ ଗୌଡ଼ଙ୍କୁ ଶନିବାର ଓ ରବିବାର ବ୍ରହ୍ମପୁର ସ୍ଥିତ ଜେଏମଏଫସି (ଗ୍ରାମୀଣ) କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନାଙ୍କ ଅନୁମତି ଅନୁଯାଇ ରିମାଣ୍ଡରେ ନେଇଛି । ପୋଲିସ ଦୁଇ ଦିନିଆ ରିମାଣ୍ଡରେ ନେଇ ପ୍ରଥମ ଦିନ ଶନିବାର ଅପରାହ୍ଣରେ ସୁଧୀର ଅପହରଣର କ୍ରାଇମ ସ୍ପଟରେ ପହଞ୍ଚିଥିଲା । ସେଠାରେ ସୁଭମ ତାଙ୍କ ବୋଲେରୋ ଗାଡି କେଉଁଠାରେ ଲୁଚାଇ ରଖିଥିଲେ । ସେହି ଗାଡିରେ ତାଙ୍କ ସହ ଅନ୍ୟ କେହୁଁ କେଉଁମାନେ ଥିଲେ । ସୁଧୀରଙ୍କୁ ଅପହରଣ ବେଳେ ତାଙ୍କ ମୁଣ୍ଡରେ କିଏ କିଏ ବନ୍ଧୁକ ରଖିଥିଲେ । ସେଠାରୁ ସେମାନେ କେଉଁ ଦିଗରେ ନେଇ ପ୍ରଥମେ କେଉଁ ସ୍ପଟକୁ ଯାଇଥିଲେ ସେ ସବୁର ସିନ ରିକ୍ରିଏସନ ବେଳେ ଶୁଭମ ନାୟକ ପୋଲିସକୁ ଡେମୋ କରି ଦେଖାଇଥିଲା । ରବିବାର ମଧ୍ୟ ପୋଲିସ ଉଭୟ ଶୋଭମଙ୍କୁ ନେଇ ବିଭିନ୍ନ ସ୍ଥାନରେ ସିନ ରିକ୍ରିଏସନ କରିବ ବୋଲି ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡା ସୂଚନା ଦେଇଛନ୍ତି । ଆଜିର ଡେମୋ ପ୍ରଦର୍ଶନୀ ବେଳେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ଥାନାଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

ଘଟଣାରୁ ପ୍ରକାଶ ଯେ ଗତ ଏପ୍ରିଲ ୧୫ ତାରିଖରେ ସୁଧୀର ପାତ୍ର ଭାବିନାରାୟଣପୁର ଗ୍ରାମରେ ଭଲିବଲ ଖେଳି ସନ୍ଧ୍ୟାରେ ଘରକୁ ଫେରୁଥିଲେ । ତାଙ୍କୁ ମାଣ୍ଡିଆପଲି ସ୍ଥିତ ପ୍ରେମ ସଂସ୍ଥା ସମ୍ମୁଖ ରାସ୍ତାରୁ ଅପହରଣ କରାଯାଇଥିଲା । ଏନେଇ ତାଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ୨୧୩/୨୬ ରେ ଏକ ମାମଲା ରୁଜୁ କରିଥିଲା । ଗତ ଏପ୍ରିଲ ୨୨ ରେ ସୋରଡା ଥାନା ଅଞ୍ଚଳରୁ ଏକ ଗଳିତ ମୃତଦେହ ପୋଲିସ ପାଇଥିଲା । ପରେ ସୁଧୀରଙ୍କ ସମ୍ପର୍କୀୟ ପୋଲିସ ଉପସ୍ଥିତିରେ ମୃତଦେହ ଚିହ୍ନଟ କରିଥିଲେ ।

## ଆଇପିଏଲ ବେଟିଂ ମାମଲା, ୨ ଗିରଫ, ୨୦ ଲକ୍ଷ ଫ୍ରିଜ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରରେ ଚାଲିଥିବା ଅନଲାଇନ୍ କ୍ରିକେଟ୍ ବେଟିଂ ଓ ଗେମିଂ ରାକେଟରେ ସମ୍ପୃକ୍ତ ଆଉ ୨ ଜଣଙ୍କୁ ଗିରଫ କରାଯାଇଛି । ବୈଦ୍ୟନାଥପୁର ଥାନା ପୋଲିସ ଗୋସାଇଁ ନୂଆଗାଁ ନେହେରୁ ନଗର ୪ର୍ଥ ଲେନର ଶୁଭମ ପ୍ରଧାନ(୨୧) ନାମକ ଜଣେ ଯୁବକଙ୍କୁ ଗିରଫ କରିଥିବା ବେଳେ ଟାଉନ୍ ଥାନା ପୋଲିସ ଯାଜପୁର ଜିଲା ବଡ଼ଚଣାର ରାଜ କିଶୋର ସାମଲ ଓରଫ ରାଜୁ(୪୬)ଙ୍କୁ ଗିରଫ କରିଛି । ପୋଲିସ ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୨୦ ଲକ୍ଷ ଟଙ୍କା ଫ୍ରିଜ୍ କରିଦେଇଛି । ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁରରେ ରହୁଥିବା ଅଭିଯୁକ୍ତ ଶୁଭମ କୋରାପୁଟ ଅଞ୍ଚଳର ଅସୀମ କୁମାର ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଏଜି-ନୂର-୩୩୩୩ ନାମକ ଏକ ଏକ ଗେମିଂ ଓ୍ୱେବସାଇଟ୍ର ଡିଷ୍ଟ୍ରିବ୍ୟୁଟରସିପ୍ ନେଇ ଆଇପିଏଲ ବେଟିଂ ରାକେଟ ଚଳାଉଥିଲେ । ଗତ ୩ ମାସ ଧରି ସେ ଏହି ନେଟଓ୍ୱାର୍କ ଚଳାଇବା ସହ ପ୍ରାୟ ୭୦ ଜଣ ସବ୍-ୟୁଜର ତିଆରି କରିଥିଲେ । ଆଇପିଏଲ୍ କ୍ରିକେଟ ମ୍ୟାଚ୍ ସମୟରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ସେ ସାଧାରଣ ଲୋକଙ୍କୁ ଏହି ବେଟିଂ ଜାଲରେ ଫସାଉଥିଲେ । ଏହି ଖବର ମିଳିବା ପରେ ବୈଦ୍ୟନାଥପୁର ଥାନା ପୋଲିସ ଅଭିଯୁକ୍ତ ସୁଭମଙ୍କୁ କାବୁ କରିବାକୁ ଯୋଜନା ହୋଇଥିଲା । ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଖୋଡ଼ାସିଂ ଓଭରବ୍ରିଜ୍ ନିକଟରେ ଅଭିଯୁକ୍ତ ସୁଭମ ରାକେଟ ପରିଚାଳନା କରୁଥିବା ଖବର ମିଳିବା ପରେ ସେଠାରେ ଚଢଉ କରଯାଇଥିଲା । ପୋଲିସ ସୁଭମ ନିକଟରୁ ଏକ ଆଇ-ଫୋନ୍ ଓ ଗୋଟିଏ ମୋବାଇଲ ଓ ୨୪ଟି ଗୁରୁତ୍ୱପୂର୍ଣ୍ଣ ସ୍କ୍ରିନସଟ୍ ଜବତ କରିଛି । ସୁଭମଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୨୦ ଲକ୍ଷ ୨୩ ହଜାର ୩୮୮ ଟଙ୍କା ଫ୍ରିଜ୍ କରାଯାଇଛି । ସେଥିମଧ୍ୟରୁ ୭ ଲକ୍ଷ ୩୭ ହଜାର ୩୮ ଟଙ୍କା ସୁଭମଙ୍କ ନିଜର ହୋଇଥିବା ବେଳେ ୧୨ ଲକ୍ଷ ୮୬ ହଜାର ୩୫୦ ଟଙ୍କା ଅନ୍ୟ ସବ୍-ୟୁଜରଙ୍କର ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ସେହିପରି ଟାଉନ ଥାନା ପୋଲିସ ପୂର୍ବରୁ ଗିରଫ କରିଥିବା ଆଇପିଏଲ ବୁକିଂ ରୋହିତ ମାହାନ୍ତିର ନିୟମିତ ଯୋଗାଯୋଗରେ ରହି ଆଇପିଏଲ ବେଟିଂ ପରିଚାଳନା କରୁଥିବା ଯାଜପୁରର ରାଜକିଶୋରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ନଗଦ ଟଙ୍କା ଓ ମୋବାଇଲ ଜବତ କରିଛି। ପ୍ରକାଶଥାଉକି, ଆଜକୁ ୩ ଦିନି ତଳେ ଟାଉନ ଥାନା ଓ ବଡବଜାର ଥାନା ପକ୍ଷରୁ ୨ ଜଣ ଆଇପିଏଲ ବୁକିଂଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରରେ ଥିବା ଲକ୍ଷାଧିକ ଟଙ୍କା ଫ୍ରିଜ କରିଥିଲା ।

## କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ କଳା ବ୍ୟାଚ୍ ପରିଧାନ କରି ଧାରଣା
# ପେନସନ୍, ପ୍ରୋଟେକ୍ସନ ଓ ଆକ୍ରିଡେସନ୍ ଦାବି



ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା ସାମ୍ବାଦିକୟୁନିୟନ ପକ୍ଷରୁ ସାମ୍ବାଦିକ ମାନଙ୍କ ବହୁତ ଦିନର ଦାବି ଯଥା ପେନସନ୍, ପ୍ରୋଟେକ୍ସନ ଓ ଏକ୍ରେଡିସନ୍ ଦାବିରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାର ସମସ୍ତ ସାମ୍ବାଦିକ ମାନେ ମିଳିତ ଭାବେ କଳା ବ୍ୟାଚ୍ ପରିଧାନ କରି ଧାରଣା ଦେଇଥିଲେ ।

ଓଡିଶା ସାମ୍ବାଦିକୟୁନିଅନ (ଓୟୁଜେ)ର ସଭାପତି ପ୍ରସନ୍ନ ମହାନ୍ତିଙ୍କ ଆହ୍ୱାନରେ କନ୍ଧମାଳ ଜିଲ୍ଲା ସାମ୍ବାଦିକୟୁନିଅନ (କେଡିୟୁଜେ) ପକ୍ଷରୁ ଶନିବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲା ସଭାପତି ସୁଜିତ କୁମାର ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ସଦସ୍ୟ ଅଶୋକ କୁମାର ମହାନ୍ତି, ପ୍ରତାପ କେଶର ବେହେରା, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଫିଲି ମୋହନ ନାୟକ, ସୁବାଷ ପ୍ରଧାନ, ଶିବପ୍ରସାଦ ତ୍ରିପାଠୀ, ରଞ୍ଜନ କୁମାର ଦାସ, ହୃରଞ୍ଜନ ସେଠୀ, କାହ୍ନା ପଟ୍ଟନାୟକ ତଥା ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ସାମ୍ବାଦିକ ଯୋଗ ଦେଇଥିଲେ । ଶେଷରେ ସାମ୍ବାଦିକ ମାନଙ୍କର ଦୀର୍ଘ ଦିନର ପେନସନ୍, ପ୍ରୋଟେକ୍ସନ ଓ ଆକ୍ରଡେସନ୍ ଆଦି ପ୍ରମୁଖ ଦାବି ସମେତ ଅନ୍ୟାନ୍ୟ ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦେଶ୍ୟରେ କନ୍ଧମାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

ସାମ୍ବାଦିକ ମାନଙ୍କର ଏହି ଦୀର୍ଘଦିନର ଦାବି ରାଜ୍ୟ ସରକାର ପୂରଣ ନକରି କାଳକ୍ଷେପଣ ନିତି ଆପଣେଇ ଥିବା ଯୋଗୁଁ ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସରକାର ଏହି ଦାବି ପୂରଣ ନକଲେ ଆଗାମି ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ବେହେରା କହିଛନ୍ତି ।

## ମାଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଉଲ୍ଲେଖନୀୟ ପ୍ରଦର୍ଶନ
# ପାସ୍ ହାର-୯୭.୫୨%, ପାର୍ଥସାରଥୀ ମହାନ୍ତ ଜିଲ୍ଲା ଟପ୍ପର

ବାରିପଦା, (ସବ୍ୟୁ) : ଚଳିତବର୍ଷ ମେଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ଚ ଏଥର ଜିଲ୍ଲାର ପାହ୍ ହାର ୯୭.୫୨ ପ୍ରତିଶତ । ଯାହାକି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଢେର୍ ଭଲ ପ୍ରଦର୍ଶନ କରିଛି । ଚଳିତବର୍ଷ ୧୪୬ ଜଣ ଛାତ୍ରଛାତ୍ରୀ ମଧ ଏ ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପାର୍ଥସାରଥୀ ମହାନ୍ତ ( ସରସ୍ୱତ୍ରୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦା) ୫୮୮ ମାର୍କ ରଖି ଜିଲ୍ଲା ଟ୍ଟର ହୋଇଛନ୍ତି ।

ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତ%୦ାବଧାନ ରେ ମେଧାବୀ ମୟୂରଭଞ୍ଜ ଭଳି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ତରଫରୁ ହାତକୁ ନିଆଯାଇଥିଲା । ଏଥିରେ ପ୍ରତ୍ୟେକ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଉଥିଲା ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ମାଗଣା କୋଚିଂ ବ୍ୟବସ୍ଥା କରାଯାଇଥିଲା । ପିଲାଙ୍କ ପାଠ ପଢାରେ ସହାୟକ ହେବା ପରି ବିଭିନ୍ନ ଇ-କଣ୍ଟେଣ୍ଟ ଯୋଗାଇ ଦିଆଯାଇଥିଲା । ଏହାଦ୍ୱାରା ପିଲାମାନେ ଭଲ ଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇପାରିଥିଲେ । ଯାହାଦ୍ୱାରା ସମଗ୍ର ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲା ପାସ୍ ହାରରେ ୧୦ ସ୍ଥାନରେ ରହିଛି । ସେହିପରି ଚଳିତ ବର୍ଷ ଜିଲ୍ଲାର ୨୮୪ଟି ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି ।

## ଠାକୁରାଣୀ ଯାତ୍ରାର ୪ର୍ଥ ଦିନ ନଗର ପରିକ୍ରମାରେ ବଢୁଛି ଜନ ଗହଳି

ଭଞ୍ଜନଗର, (ସବ୍ୟୁ): ଏଠାରେ ଚାଲିଥିବା ଐତିହାସିକ ଠାକୁରାଣୀ ଯାତ୍ରାର ଶନିବାର ମାଆଙ୍କ ୪ର୍ଥ ଦିନର ନଗର ପରିକ୍ରମା ସଂପନ୍ନ ହୋଇଛି । ସେପଟେ କାଳବୈଶାଖୀ ପ୍ରଭାବରୁ ପ୍ରବଳ ଝଡ଼ ବର୍ଷା ଯୋଗୁଁ ପ୍ରଥମ ଦିନର ସାଂସ୍କୃତିକ ସନ୍ଧ୍ୟା ଉଦଘାଟନୀ କାର୍ଯ୍ୟକ୍ରମ ଧୋଇ ହୋଇଯିବାରୁ ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଥିଲା । ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସ୍ୱସ୍ତି ସିଦ୍ଧି ଭଜନ ମଣ୍ଡଳୀ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ପରେ ସହରର ଅନ୍ୟତମ ଅଗ୍ରଣୀ ନୃତ୍ୟାନୁଷ୍ଠାନ ନୃତ୍ୟାୟନ ସଙ୍ଗୀତ ପକ୍ଷରୁ ନୃତ୍ୟ ସଙ୍ଗୀତ ର କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁU କରି ବାନ୍ଧି ରଖିଥିଲା । ଶୁକ୍ରବାର ମାଆ ବ୍ୟାଘ୍ର ଦେବୀ ଓ ମାଆ ଠାକୁରାଣୀ ତୃତୀୟ ଦିନ ନଗର ପରିକ୍ରମା ପୁରୀର ହଳି ଡେ ରିସର୍ଟର ମୁଖ୍ୟ ରାଜ କିଶୋର ପାତ୍ର ଓ ତାଙ୍କ ସହଧର୍ମିଣୀ ପୁଷ୍ପା ପାତ୍ର ନେଇଥିଲେ । ସହରର ମୁଖ୍ୟ ରାସ୍ତା ରେ ଥିବା ରାଜ କିଶୋରଙ୍କ ଶଳା ବି ମହେଶ୍ୱର ପାତ୍ରଙ୍କ ବାସଭବନ ଆଗରେ ଦେବୀ ପୂଜା ଗ୍ରହଣ କରିଥିଲେ । ସେଠାରୁ ଦେବୀଙ୍କ ଭ୍ରମଣ ପଟୁଆର ଆଗକୁ ବଢିବା ସହ ମ୍ୟୁନିସିପାଲଟିର ପୁରୁଣା ପରିବା ମାର୍କେଟ ଗଳି ରେ ଯାଇଥିଲା । ପରେ ମେଦିରି, ସାନ ଧୋବା ସାହି ହୋଇ ଦେବୀଙ୍କ ଶୋଭାଯାତ୍ରା ପୁରୁଣା ବଜାର ସାହି, ବାଟା ଗଳି ଦେଇ ପୁରୁଣା ପୋଷ୍ଟ ଅଫିସ ସାହି ହୋଇ ଶିଗିଡି ସାହି ଦେଇ ମସଜିଦ ଛକକୁ ବାହାରି ସେଠାରୁ ମୁଖ୍ୟ ରାସ୍ତାକୁ ଆସି ରାତି ସାଢେ ୧୨ ଟା ସୁଦ୍ଧା ଗମ୍ଭୀରାରେ ପ୍ରବେଶ କରି ଭୋଗ ଗ୍ରହଣ ଓ ଆଳତୀ ଲାଗି ହେବା ପରେ ଦେବୀଙ୍କ ପହଡ ହେବା ସହ ଦ୍ୱାର ବନ୍ଦ ହୋଇଥିଲା ।

## ଓଡିଶା ଷ୍ଟେଟ୍ ଟାଇକୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଯାପିତ

କଟକ, (ସ୍ୱପ୍ର) : ଓଡ଼ିଶା ଟାଏକ୍ୱାଣ୍ଡୋ ଷ୍ଟେଟ୍ ଚାମ୍ପିଅନସିପ ୨୦୨୬ ସ୍ଥାନୀୟ ଇନ୍ଦୋର ଷ୍ଟାଡିୟମ ଠାରେ ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତା ଏପ୍ରିଲ ୨୮ ରୁ ୩୦ ତାରିଖରେ ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହୋଇଥିଲା ।

ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ସବ୍ ଜୁନିୟର ବିଭାଗରେ ୨୦୦, ଜୁନିୟର ବିଭାଗରେ ୨୫୦, ସିନିୟର୍ ବିଭାଗରେ ୧୦୦, କ୍ୟୋରୁଗୀ (୮ବର୍ଷରୁ ୧୦) ମଧ୍ୟରେ ୧୦୦ ପିଲା ଭାଗ ନେଇଥିଲେ । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନର ସମ୍ପାଦକ ଅଭିଜିତ ପାଲ୍, ଓଡ଼ିଶା ତାଇକ୍ୱାଣ୍ଡୋ ଚେୟାର ପର୍ସନ ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ରାଇଫଲ ଆସୋସିଏସନର ସଭାପତି ଡ.ଗୌରୀ ମହାନ୍ତି, ଓଡ଼ିଶା ତାଇକ୍ୱାଣ୍ଡୋ ଆଡଭାଇଜର ରଞ୍ଜିତା ସ୍ୱାଇଁ, ଓଡିଶା ତାଇକ୍ୱାଣ୍ଡୋ ସଭାପତି ଚିନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଆଜିର ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶା ତାଇକ୍ୱାଣ୍ଡୋ ଉପ ସଭାପତି ଓଡ଼ିଶା ଅଲମ୍ପିକ୍ସ ସଦସ୍ୟ ପ୍ରସନ୍ନ କୁମାର ରାଉତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ପ୍ରତିଯୋଗୀତାରେ ମୁଖ୍ୟ ରେଫ୍ରି ଭାବେ ଆର୍ନ୍ତଜାତୀୟ ରେଫ୍ରି ଗୌରବ ସିଂ, ସ୍ୱଦେଶ ରଞ୍ଜନ ରାଉତ, ଜାତୀୟ ରେଫ୍ରି ଦିଲ୍ଲୀପ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ । ସ୍ୱର୍ଣ୍ଣ ପଦକ ହାସଲ କରିଥିବା କ୍ରୀଡାବିତ ମାନେ ଆଗକୁ ହେବାକୁ ଥିବା ଜାତୀୟ ତାଇକ୍ୱାଣ୍ଡୋ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ ବୋଲି ସମ୍ପାଦକ ଶ୍ରୀ ବେହେରା ସୂଚନା ଦେଇଥିଲେ । ଆଜିର ଉଦଯାପନ ଖେଳରେ ବିଜେତା ଭାବେ ଗଞ୍ଜାମ ଜିଲ୍ଲା ହୋଇଥିଲା ବେଳେ ରନର୍ସ ଅପ୍ ଭାବେ କଟକ ଜିଲ୍ଲା ଘୋଷିତ ହୋଇଥିଲା ।

# ଗଞ୍ଜାମ ଜିଲ୍ଲା ମାଟ୍ରିକ ପରୀକ୍ଷାରେ ପାସହାର ୯୮.୨୫ ଶତକଡ଼ା

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଶନିବାର ଅପରାହ@ ୪ଟାରେ ବୋର୍ଡ ପକ୍ଷରୁ ଫଳ ଘୋଷଣା କରାଯିବା ପରେ ଛାତ୍ର ଛାତ୍ରୀଙ୍କ ସଫଳତା ଉପରେ ସମସ୍ତଙ୍କ ନଜର ରହିଥିଲା । ଚଳିତବର୍ଷ ମାଟ୍ରିକ ବାର୍ଷିକ ପରିକ୍ଷା ଫେବୃଆରୀ ୧୯ ତାରିଖ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ପରୀକ୍ଷା ହୋଇଥିଲା । ଗଞ୍ଜାମ ଜିଲ୍ଲାରେ ୬୩୮ ସ୍କୁଲ ୪୪ ହଜାର ୨ ଶହ ୬ ଜଣ ଫର୍ମ ପୂରଣ କରି ଥିଲେ । ୫୨୨ ଜଣ ପରିକ୍ଷା ଦେଇ ନଥିଲେ । ମୋଟ ୪୨ ହଜାର ୯ ଶହ ୧୮ ଜଣ ମୋଟ ୪୨ ହଜାର ୯ ଶହ ୧୮ ଜଣ ପାସ ହାର ୯୮.୨୫ ଶତ କଡ଼ା ରହିଛି । ମୋଟ ୪୨ ହଜାର ୯ ଶହ ୧୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଏ -୧ ରେ ୩୦୪ ଜଣ, ଏ -୨ ରେ ୧୪୮୦, ବି-୧ରେ ୩୭୦୪, ବି-୨ରେ ୭୪୪୩, ସି ରେ ୧୧୨୦୧, ଡିରେ ୧୨୧୧୮ ଓ ଇ ୬୬୬୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୭ ଶହ ୬୬ ଜଣ ପରିକ୍ଷାର୍ଥୀ ଫେଲ ହୋଇ ଥିବା ଜଣାପଡିଛି । ବାଳକ ୨୧ ହଜାର ୬ ଶହ ୧୧ ଓ ବାଳିକା ୨୧ ହଜାର ୩ ଶହ ୭ ଜଣ ମୋଟ ୪୨ ହଜାର ୯ ଶହ ୧୮ ଜଣ ରହି ଥିବା ଜଣାପଡିଛି ।

## ୧୦ମ ଶ୍ରେଣୀ ବୋର୍ଡ଼ ପରୀକ୍ଷା
# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଏ-୧ ରେ ପ୍ରଥମ



ବ୍ରହ୍ମପୁର, (ସବ୍ୟୁ): ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡପରୀକ୍ଷା ଫଳାଫଳରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଗତ ୩୩ ବର୍ଷ ଧରି ୧୦୦% ଫଳାଫଳ ରଖି ଆସୁଥିବା ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବର୍ଷ ମଧ ୧୦୦% ରଖି ରାଜ୍ୟରେ ସୁନାମ ଅର୍ଜନ କରିଛନ୍ତି। ଚଳିତ ବର୍ଷ ମୋଟ ୩୪୧ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେଇଥିଲେ। ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ୧ ଗ୍ରେଡ୍ ଅର୍ଥାତ୍ ୯୦% ରୁ ଉଦ୍ଧ୍ୱର୍ରେ ୯୮ ଜଣ, ଏ-୨ ଗ୍ରେଡ୍ ଅର୍ଥାତ୍ ୮୦%ରୁ ଉଦ୍ଧ୍ୱର୍ରେ ୧୬୧ଜଣ, ବି-୧ ଗ୍ରେଡ୍ ଅର୍ଥାତ୍ ୭୦%ରୁ ଉଦ୍ଧ୍ୱର୍ରେ ୫୬ ଜଣ, ବି-୨ ଗ୍ରେଡ୍ ଅର୍ଥାତ୍ ୬୦%ରୁ ଉଦ୍ଧ୍ୱର୍ରେ ୨୨ଜଣ ଏବଂ ସି-ଗ୍ରେଡ୍ ଅର୍ଥାତ୍ ୫୦%ରୁ ଉଦ୍ଧ୍ୱର୍ରେ ୩ ଜଣ ଓ ଡି-୧ ଗ୍ରେଡ୍‌ରେ ଜଣେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟରେ ରେକର୍ଡ ସୃଷ୍ଟି କରିଛନ୍ତି।

ସୁମିତ କୁମାର ଦାଶ ଓ ଅଙ୍କିତା ସାହୁ ମୋଟ ୫୮୨ ମାର୍କ (୯୭%) ରଖି ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଏ. ଅଶୁତୋଷ ସରାବ, ଅର୍ଚ୍ଚିତା ଆଚାର୍ଯ୍ୟ, ଶ୍ରୀୟା ଜ୍ୟୋତିର୍ମୟୀ ପାଢ଼ୀ ୫୮୦ ମାର୍କ (୯୬.୬୬%), ତୃତୀୟ ସ୍ଥାନରେ ପ୍ରିୟଦର୍ଶିନୀ ଗୌଡ଼ ୫୭୬ ମାର୍କ (୯୬%), ଚତୁର୍ଥ ସ୍ଥାନରେ ସ୍ମୃତି ରଂଜନ ତ୍ରିପାଠୀ ୫୭୩ ମାର୍କ (୯୫.୫%), ପଞ୍ଚମ ସ୍ଥାନରେ ସୌରଭ ଗୌଡ଼ ୫୭୦ ମାର୍କ (୯୫%), ଷଷ୍ଠ ସ୍ଥାନରେ ଆଦ୍ୟାଶା ଦାସ ୫୬୮ ମାର୍କ (୯୪.୬୬%), ସପ୍ତମ ସ୍ଥାନରେ ଅଭିଲାଷ ପାତ୍ର, ଶୁଭଶ୍ରୀ ନାହକ ୫୬୭ ମାର୍କ (୯୪.୫%), ଅଷ୍ଟମ ସ୍ଥାନରେ ଆଦ୍ୟାଶା ନାହାକ ୫୬୫ ମାର୍କ (୯୪.୧୬%), ନବମ ସ୍ଥାନରେ ଶ୍ରେୟାଶ୍ରୀ ସାହୁ ୫୬୪ ମାର୍କ (୯୪%), ଦଶମ ସ୍ଥାନରେ ଅଭିଷେକ ପଟ୍ଟନାୟକ ୫୬୩ ମାର୍କ (୯୩.୮୩%) ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ଶ୍ରୀ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ, ବାସନ୍ତି ବେହେରା, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ମମତା ପାଣିଗ୍ରାହୀ, ଡ. ହରିକୃଷ୍ଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିକୃଷ୍ଣ ପାଢ଼ୀ, ସୁଦର୍ଶନ ପାଢ଼ୀ ତଥା ନିମନ୍ତ୍ରିତ ସଦସ୍ୟ ରାଜେନ୍ଦ୍ର ଡାକୁଆ ଓ କେ. ଭେଙ୍କଟ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଶ୍ରୀ ଉମାଧବ ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମସ୍ତ କୃତି ଶିଶୁ ଭାଇ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ସଫଳତାର ଚର୍ଚ୍ଚିତ ନାମ ପିସିସି ଗ୍ରୁପ୍ ଏବଂ ସାଇ ବିଦ୍ୟାମନ୍ଦିର



ବାରିପଦା, (ସବ୍ୟୁ) : ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଆନୁକୂଲ୍ୟରେ ୨୦୨୫-୨୬ ଶିକ୍ଷା ବର୍ଷର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଫଳ ପ୍ରକାଶିତ ହୋଇଛି । ଏଥିରେ ମୟୂରଭଞ୍ଜର ମୌଳିକ ଓ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିବା ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲକରି ଜିଲ୍ଲା ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର ଅମ୍ଳାନ ପରିଚୟ ସୃଷ୍ଟି କରିଛନ୍ତି । ମୋଟ ୧୩୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସତ୍ୟ ରଞ୍ଜନ ସାହୁ ସର୍ବାଧିକ ୫୮୦ ନମ୍ବର ରଖି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେହିପରି ସାଇଜିତ ମହାନ୍ତି ୫୭୬, ସତ୍ୟଜିତ ବେହେରା ୫୭୫, ଗିରିଜା ଶଙ୍କର ଧଳ ୫୭୦, ଓମ ପ୍ରକାଶ ନାୟକ ୫୭୦ ଏବଂ ହିତାଂଶୁ ସାହୁ ୫୬୯ ନମ୍ବର ରଖି ଅନୁଷ୍ଠାନର ଗର୍ବ ଓ ଗୌରବକୁ ଅକ୍ଷୁଣ୍ଣ ରଖିଛନ୍ତି । ଏମାନଙ୍କ ବ୍ୟତୀତ ୫୪୦ ରୁ ୫୬୮ ମଧ୍ୟରେ ୪୩ଜଣ ଅପୂର୍ବ ସଫଳତା ହାସଲ କରିଛନ୍ତି । ୯୦ % ରୁ ଅଧିକ ୪୯ଜଣ, ୮୦ % ରୁ ଅଧିକ ୫୬ଜଣ ୭୦% ରୁ ଅଧିକ ୨୧ଜଣ, ୬୦% ରୁ ଅଧିକ ୮ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସମଗ୍ର ଜିଲ୍ଲାରେ ୯୦%ରୁ ଅଧିକ ୧୪୬ଜଣ ଛାତ୍ରଛାତ୍ରୀ ଥିବାବେଳେ କେବଳ ସାଇ ବିଦ୍ୟା ମନ୍ଦିରରୁ ୪୯ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ମାର୍କ ରଖିଛନ୍ତି ।

ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଶିକ୍ଷା ବିଭାଗୀୟ ମୁଖ୍ୟ ବିଶ୍ୱେନ୍ଦୁ ଦାସ, ପ୍ରଧାନ ଶିକ୍ଷକ ରାଜୀବ ଗାନ୍ଧୀ, ସି.ଇ.ଓ ଚିତ୍ତରଞ୍ଜନ ରାଉତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ଅଭ୍ୟର୍ଥନା ପୂର୍ବକ ସେମାନଙ୍କ ଆଦର୍ଶ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଆଜିର ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମକର୍ତ୍ତା ମାନଙ୍କୁ ହୃଦୟରୁ ସାଧୁବାଦ ଜଣାଇଛନ୍ତି । ଏଥିସହିତ ଅନୁଷ୍ଠାନ ପ୍ରତି ଭରସା, ବିଶ୍ୱାସ ଓ ଆସ୍ଥା ପ୍ରକଟ କରିଆସୁଥିବା ଅଭିଭାବକ ମାନଙ୍କୁ ହୃଦୟରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଭଞ୍ଜ ମାଟି ମା'ର ପୁଣ୍ୟକୋଳରେ ଆଜକୁ ୧୮ ବର୍ଷ ତଳେ ଜନ୍ମ ନେଇଥିବା ଏଇ ଛୋଟ ଦ୍ରୁମଟି ଆଜି ଅଖଣ୍ଡ ଜ୍ଞାନର କାନନ କେଦାରରେ ପରିପୂର୍ଣ୍ଣ । ଓଡିଆ ମାଧ୍ୟମ ପ୍ରଥମରୁ ଦ୍ୱାଦଶ, ଇଂରାଜୀ ମାଧ୍ୟମ ନର୍ସରୀ ରୁ ଦ୍ୱାଦଶ, କ୍ରାସ୍ କୋର୍ସ ଯଥା ନିଟ୍, ଓ.ୟୁ.ଏ.ଟି, ଜେଇ ମେନ, ନାଇଜର, ଆଇଜର୍ ଆଦି ଗୁଣାତ୍ମକ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ସମୃଦ୍ଧ ସାଇ ବିଦ୍ୟା ମନ୍ଦିର । ଇଚ୍ଛକୋଟୀର, ଦକ୍ଷ ତଥା ଅଭିଜ୍ଞ ଶିକ୍ଷକ, ଶିକ୍ଷିକା, ଅଧ୍ୟାପକ, ଅଧ୍ୟାପିକାଙ୍କ ଦିବାରାତ୍ର ଶିକ୍ଷାଦାନ ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ନିର୍ମାଣରେ ସହାୟକ ହୋଇ ଆସୁଅଛି । ସାପ୍ତାହିକ, ମାସିକ,ଏବଂ ଭିଏସ୍‌ଟି ପରୀକ୍ଷା ଦ୍ୱାରା ସେମାନଙ୍କ ମାନସିକ ଦକ୍ଷତାରେ ଅଭିବୃଦ୍ଧି ତତସହିତ ନିର୍ଦ୍ଦେଶକ ମହୋଦୟଙ୍କ ତତ୍ତ୍ୱାବଧାନ ଓ କର୍ମ ଚଞ୍ଚଳ ମନୋଯୋଗ ଦ୍ୱାରା ଏହି ସଫଳତାର ରଥ ଆଗକୁ ବଢି ଚାଲିଛି ବୀରଦର୍ପରେ । ତ୍ୟାଗ, ତିତିକ୍ଷା, କର୍ତ୍ତବ୍ୟ ପରାୟଣତା, ପରୋପକାର ଓ ଛାତ୍ର ବତ୍ସଳତା ଭଳି ଜ୍ଞାନ ସୁମନ ସଦା ପ୍ରସ୍ଫୁଟିତ ସାଇ ବିଦ୍ୟା ମନ୍ଦିର ଜ୍ଞାନ ଅଗଣାରେ । ଅଭିଭାବକ ମାନଙ୍କ ହୃଦୟ ତଥା ମାନସ ପଟ୍ଟରେ ବିରାଜିତ ଏହାର ଉନ୍ନତ ମାନର ଶିକ୍ଷା ଶୈଳୀ ।

ଏମାଟିର ପରମ୍ପରା, ସଂସ୍କୃତି, ଭୌଗଳିକ ଚିତ୍ର ଓ ଐତିହାସିକ ଭିତ୍ତିଭୂମିକୁ ପାଥେୟ କରି ସାଇ ବିଦ୍ୟା ମନ୍ଦିରର ହସର ସୁରୁଜ ସଫଳତାର ମୁରୁଜ ବୁଣିଦେଉ ଅଗଣିତ ଛାତ୍ରଛାତ୍ରୀଙ୍କ ହୃଦୟ କାନନରେ । ଗୁଣର ଗାରିମାରେ ପୂର୍ଣ୍ଣ ହେଉ ଭଞ୍ଜଭୂମି । ଏହାହିଁ ଈଶ୍ୱରଙ୍କଠାରେ କାମନା ।

## ଶ୍ରମିକ ଦିବସରେ ୬ଦଫା ଦାବି ନେଇ ଚଣ୍ଡିଖୋଲ ପ୍ରେସ କ୍ଲବର

# କଳାବ୍ୟାଜ ପରିଧାନ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଚଣ୍ଡିଖୋଲ, (ସବ୍ୟ) : ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦୀର୍ଘ ଦିନଧରି ରହିଥିବା ୬ଦଫା ସମ୍ବଳିତ ନାର୍ଯ୍ୟ ଦାବି ପୁରଣରେ ସରକାରଙ୍କ ଚରମ ଉଦାସୀନତା ପ୍ରତିବାଦରେ ରାଜ୍ୟବ୍ୟାପି ସାମ୍ବାଦିକ ମାନଙ୍କ ଧାରଣା ବିକ୍ଷୋଭ ଓ କଳାବ୍ୟାଚ ପରିଧାନ ପରି ଚରମ ଆନ୍ଦୋଳନ ଚାଲିଛ । ଦେଶର ୨୦ଟି ରାଜ୍ୟପରି ଆମ ରାଜ୍ୟରେ ବରିଷ୍ଠ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ ୧୫ ହଜାର ଟଙ୍କା ପେନସନ ପ୍ରଦାନ, କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ, ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବିମା ଯୋଜନାରେ ହୀତାଧିକାରୀ ସାମ୍ବାଦିକଙ୍କ ସହ ସେମାନଙ୍କ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ କରାଯିବା ସହ ୬ଟି ନ୍ୟାୟସଂଗତ ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ସମେତ ରାଜ୍ୟର ଅନ୍ୟାନ୍ୟ ସଂଘ ଗୁଡିକ ବାରମ୍ବାର ବିଭିନ୍ନ ସ୍ତରରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଦ୍ୱାରା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ସରକାର କଥା ଦେଇ ବାରମ୍ବାର ସେହି କଥାକୁ ଭୁଲିଯିବାର ଅଭିନୟ କରୁଛନ୍ତି । ଯାହାକୁ ପ୍ରତିବାଦ କରି ଏପ୍ରିଲ ୨୯ ତାରିଖ ଦିନୟୁଜେଏ ଆହ୍ୱାନରେ ସମଗ୍ର ରାଜ୍ୟରେ ଜିଲ୍ଲାପାଳ ମାନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ପ୍ରତିବାଦ ସଭା ସହିତ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନମୟ ପୂର୍ବକ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହିତ ମେ ୧ ତାରିଖ ଶ୍ରମିକ ଦିବସରଜ ଉତ୍ସବ ପାଳନ ନକରି ଉକ୍ତ ଦିନରେ ସମସ୍ତ ସାମ୍ବାଦିକ କଳାବ୍ୟାଚ ପରିଧାନ କରି ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତ ।

ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ସର୍ବ ପୁରାତନ ପ୍ରେସକ୍ଲବ ଚଣ୍ଡିଖୋଲ ପକ୍ଷରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇ ସମସ୍ତ ସାମ୍ବାଦିକ କଳାବ୍ୟାଚ ପରିଧାନ କରି ଦିନ ତମାମ ସମସ୍ତ ସଭାସମିତିରେ ଯୋଗଦେବା ସାଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଲିଖିତ ୬ଦଫା ସମ୍ବଳିତ ଦାବିପତ୍ରକୁ ଦର୍ପଣ ତହସିଲଦାର ମାନସକୁମାର ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ ପ୍ରେସକ୍ଲବ ସଭାପତି ବେଣୁଧର ପଣ୍ଡା, ସମ୍ପାଦକ ହେମଶକୁମାର ଜେନା, କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, ସଂଯୋଜକ ସଂଜୟକୁମାର ସ୍ୱାଇଁ, ଉପସଭାପତି ସମରେନ୍ଦ୍ର ମାହାଲା, ପ୍ରଶାନ୍ତ ଜେନା, ପ୍ରଶନ୍ନକୁମାର ବିଶ୍ୱାଳ, ଶିବରାମ ସାହୁ, ପ୍ରତାପକେଶରି ରାଉତରାୟ, ସେକ ସବିର ଉଦ୍ଦିନ, ମହେଶ୍ୱର ରାଉତ, ଗୋଲାମ ଆରିଫ, ଭାରଣଭୂଷଣ ପଣ୍ଡା,ଅଜିତ ମିଶ୍ର, ବେଦପ୍ରକାଶ ନାୟକ, ଅଜୟ ସାମଲ, ରଶ୍ମିରଞ୍ଜନ ବିଶ୍ୱାଳ, ଚିନ୍ମୟ ପୃଷ୍ଟି ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ବିଶାଳ ଚାଷୀ ସମାବେଶ



ନିଶ୍ଚିନ୍ତକୋଇଲି ,(ସବ୍ୟ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ କୁଳିଆସ୍ଥିତ ଆର.ଏମ୍.ସି. ପଡିଆରେ ଏକ ବିଶାଳ ଚାଷୀ ସମାବେଶ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ଓଡିଶା ସରକାରଙ୍କ ସମବାୟ ବିଭାଗ ଏବଂ ନିୟନ୍ତ୍ରୀତ ବଜାର କମିଟି କେନ୍ଦୁପାଟଣା ଆନୁକୂଲ୍ୟରେ ଏକ ମାର୍କେଟ କମ୍ପ୍ଲେକ୍ସର ଶୁଭ ଶିଳାନ୍ୟାସ ଉଭୟ ମନ୍ତ୍ରୀ ଓ ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।

ଚଳିତ ଖରିଫ ଋତୁରେ ମାହାଙ୍ଗା ଅଂଚଳର ଚାଷୀମାନେ ପର୍ଯ୍ୟାପ୍ତ ପରିମାଣର ଧାନ ମଣ୍ଡିରେ ବିକ୍ରି କରିଥିବାରୁ ଖୁବ୍ ଶୀଘ୍ର ମାହାଙ୍ଗାରେ ରାଇସ୍ ମିଲ୍ ପ୍ରତିଷ୍ଠା କରାଯିବାକୁ ମନ୍ତ୍ରୀ ପ୍ରକାଶ କରିଥିଲେ। ସମାବେଶରେ କଟକ ଜିଲ୍ଲା ଡିଆରସିଏସ୍ ସୁପ୍ରିୟା ସ୍ୱାଇଁ ଚାଷୀମାନଙ୍କୁ କୃଷକ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦେବା ସହ କୃଷି ସଂପର୍କୀୟ ବିଭିନ୍ନ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କଟକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍‌ସିତା ମିଶ୍ର ଉପସ୍ଥିତ ଥିଲେ। ନିୟନ୍ତ୍ରୀତ ବଜାର କମିଟି କେନ୍ଦୁପାଟଣାର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବ୍ଲକ ଉପାଧକ୍ଷ ନୃସିଂହ ମିଶ୍ର, ପୂର୍ବତନ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ପୂର୍ବତନ ସରପଂଚ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ଜ୍ଞାନରଂଜନ ରାଉତ, ପ୍ରକାଶ ରଂଜନ ସାମଲ, କୈଳାସ ଚନ୍ଦ୍ର ବେହେରା, ଅଶୋକ ସାହୁ ପ୍ରମୁଖଙ୍କ ସମେତ ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ ଓ ଯୁବଚାଷୀ ଯୋଗଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ର ଶେଖର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକାଶ ପାଇଛି ମାଟ୍ରିକ ପରୀକ୍ଷା ଫଳ

## ନାଉଗାଁ ବ୍ଲକରୁ ୭ ଜଣ ଏ୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ

ନାଉଗାଁ,(ସବ୍ୟ) : ରାଜ୍ୟର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ନାଉଗାଁ ବ୍ଲକର ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ଫଳାଫଳ ପ୍ରଦର୍ଶନ କରିଛନ୍ତି । ଏହି ବ୍ଲକରୁ ମୋଟ ୭ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ଼ ହାସଲ କରିଛନ୍ତି । ନାଉଗାଁ ହାଟ ହାଇସ୍କୁଲରୁ ସର୍ବାଧିକ ୫ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ଼ ହାସଲ କରିଥିବା ବେଳେ ଅଲଣାହାଟ ହାଇସ୍କୁଲ ଓ ଅଙ୍ଗେଶ୍ୱରପଡା ହାଇସ୍କୁଲରୁ ପ୍ରତ୍ୟେକରୁ ୧ ଜଣ କରି ଏହି ସଫଳତା ଅର୍ଜନ କରିଛନ୍ତି । ନାଉଗାଁ ହାଟ ହାଇସ୍କୁଲର ଗାୟତ୍ରୀ ପୋଲାଇ ୬୦୦ରୁ ୫୭୬ ନମ୍ବର (୯୬%) ରଖି ଜିଲ୍ଲାରେ ଟପ୍ପର ହୋଇ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି । ତାଙ୍କ ପଛରେ ଆଦ୍ୟାଶା ସେଠି ୬୦୦ରୁ ୫୫୫ ନମ୍ବର ହାସଲ କରି ଉଲ୍ଲେଖନୀୟ ସଫଳତା ପାଇଛନ୍ତି । ଅଲଣାହାଟ ହାଇସ୍କୁଲର ପ୍ରୀତିଜିଜ୍ଞାସା ଦାସ ୬୦୦ରୁ ୫୪୪ ନମ୍ବର ରଖିଥିବା ବେଳେ, ନାଉଗାଁ ହାଟ ହାଇସ୍କୁଲର ତନୁଶ୍ରୀ ଶିଶୁ , ବିଶ୍ୱମ୍ବର ପାଢ଼ୀ ଓ ଆର୍ ସୃଷ୍ଟିରାଜ ପ୍ରତ୍ୟେକ ୬୦୦ରୁ ୫୪୦ ନମ୍ବର ହାସଲ କରିଛନ୍ତି । ସେହିପରି ଅଙ୍ଗେଶ୍ୱରପଡା ହାଇସ୍କୁଲର ଅନାମିକା ବରାଳ ମଧ୍ୟ ୫୪୦ ନମ୍ବର ରଖି ସଫଳତା ଅର୍ଜନ କରିଛନ୍ତି । ଏହି ସଫଳତା ପାଇଁ ଛାତ୍ରଛାତ୍ରୀମାନେ ଅଭିଭାବକ ଓ ଶିକ୍ଷକମାନଙ୍କ ଠାରୁ ଶୁଭେଚ୍ଛା ପାଉଛନ୍ତି ।

## ମହାନଦୀ ସୁରକ୍ଷା ଓ ଜଳ ଅଧିକାରକୁ ନେଇ ସାଲେପୁର ଠାରେ ତେଜିଲା ଜନ ଆନ୍ଦୋଳନ




ସାଲେପୁର ,(ସବ୍ୟ) :ଓଡ଼ିଶାର ଜୀବନରେଖା ମହାନଦୀର ସୁରକ୍ଷା ଓ ଜଳ ଅଧିକାରକୁ ନେଇ ସାଲେପୁର ବ୍ଲକ ରଟିଲୋ ଗ୍ରାମ ପଞ୍ଚାୟତରେ ମହାନଦୀ ସୁରକ୍ଷା ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ଏହି ଆନ୍ଦୋଳନରେ ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥିଙ୍କ ସହ ସ୍ଥାନୀୟ ଅଞ୍ଚଳର ଚାଷୀ, ଯୁବକ ଓ ବୁଦ୍ଧିଜୀବୀମାନେ ଏକାଠି ହୋଇ ସ୍ୱର ଉତ୍ତୋଳନ କରିଛନ୍ତି । ମହାନଦୀର ମୁଣ୍ଡ ଉପରେ ଛତିଶଗଡ଼ ସରକାରଙ୍କ ବେଆଇନ ବ୍ୟାରେଜ ନିର୍ମାଣ ଯୋଗୁଁ ନଦୀରେ ଜଳସ୍ତର ହ୍ରାସ ପାଉଥିବା ଓ ଚିରସ୍ରୋତା ମହାନଦୀ ଶୁଖିଲା ପଡ଼ିଥିବା ନେଇ ଗଭୀର ଚିନ୍ତା ପ୍ରକଟ କରାଯାଇଛି । ଏହାର ପ୍ରଭାବ ସିଧାସଳଖ ଓଡ଼ିଶାର ଚାଷ କାର୍ଯ୍ୟ ସହ ଚାଷୀଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିଥିବା ଦେଖା ଯାଇଛି ।ଯଦି ଏଭଳି ପରିସ୍ଥିତି ଲାଗି ରୁହେ ଆଗାମୀ ଦିନ ରେ ମହାନଦୀ ତାର ଅସ୍ତି ହରାଇ ବସିବ ବୋଲି ସାରା ଓଡ଼ିଶାରେ ସ୍ୱର ଉଠିଲାଣି । ମହାନଦୀର ସ୍ୱଚ୍ଛ ଜଳଧାରା ବନ୍ଦୀ ଅବସ୍ଥାରେ ରହିଛି । ଟ୍ରିବ୍ୟୁନାଲର ଅନ୍ତରିଣ ରାୟକୁ ନେଇ ଓଡିଶାର ଜନସାଧାରଣ ଅସନ୍ତୋଷ ପ୍ରକାଶ କରିବା ସହ ଛତିଶଗଡ଼ର ଯେତିକି ମହାନଦୀ ଉପରେ ଅଧିକାରୀ ଅଛି ଓଡିଶାର ମଧ୍ୟ ସେତିକି ଅଧିକାରୀ ଅଛି ବୋଲି କହିଛନ୍ତି । ଛତିଶଗଡ଼ ସରକାର ମହାନଦୀର ଜଳ ଧାରାକୁ ବନ୍ଦ କରିବା ଫଳରେ ଏପ୍ରିଲ ମାସରୁ ଓଡ଼ିଶାରେ ମହାନଦୀ ସମେତ ସମସ୍ତ ଶାଖାନଦୀ ପୁରା ଶୁଷ୍କ ଅବସ୍ଥାରେ ପଡି ରହିଛି । ଯାହାର ପ୍ରଭାବ ଏବେ ଜନ ଜୀବନ ଉପରେ ସିଧା ସଳଖ ପ୍ରଭାବ ପକାଇଛି । ଆଜିର ଆନ୍ଦୋଳନରେ ସମସ୍ତେ ତୁରନ୍ତ କେନ୍ଦ୍ର ସରକାର ମହାନଦୀ ଜଳ ବଣ୍ଟନ ପକ୍ରିୟାକୁ ସଠିକ ଭାବରେ ସମାଧାନ କରି ଓଡିଶାକୁ ତାର ହକ ପ୍ରଦାନ କରନ୍ତୁ । ନଚେତ ଆଗାମୀ ଦିନରେ ଆନ୍ଦୋଳନ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ବୋଲି କଂଗ୍ରେସ ନେତା ହରିବନ୍ଧୁ ଶତପଥୀଙ୍କ ସମେତ ଆନ୍ଦୋଳନକାରୀ ମାନେ ପ୍ରତିକ୍ରିୟା ଦେଇଛନ୍ତି ।

## ନାବାଳିକା ଉଦ୍ଧାର, ପୋଲିସ ପଞ୍ଝାରେ ଅପହର୍ତ୍ତା

ପାଣିକୋଇଲ,(ସବ୍ୟ) : ପାଣିକୋଇଲି କଲେଜ ପଡିଆ ନିକଟରେ ଭଡାରେ ରହୁଥିବା ଜଣେ ନାବଳିକା (୧୧) ବର୍ଷ ଅପହରଣ ହେବା ନେଇ ଶୁକ୍ରବାର ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ପକ୍ଷରୁ ତପିରତା ପ୍ରକାଶ ପାଇଥିଲା। ପୁଲିସ ସିସିଟିଭି ଆଧାରରେ ଖୋଳତାଡ କରିବା ପରେ ଉକ୍ତ ନାବାଳିକା ଜଣଙ୍କ ଏକ ସାଇକେଲ ଜଣେ ଯୁବକ ସହ ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଏନେଇ ପୁଲିସ ବିଭିନ୍ନ ଦିଗକୁ ଅଧାର କରି ତଦନ୍ତ ଆରମ୍ଭ କରିଥିଲା।

ବହୁଖୋଜାଖୋଜି ପରେ ଉକ୍ତ ନାବାଳିକା ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଂଚଳରେ ଥିବା ଜଣାପଡିଥିଲା। ଏକ ଦେକାନ ନିକଟରେ ଛିଡା ହୋଇ କାନ୍ଦୁଥିବା ବେଳେ ତାକୁ ସେଠାକାର ଲୋକ ଦେଖି ତା ଠାରୁ ସୂଚନା ପାଇ ପାଣିକୋଇଲି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳେ ପହଂଚି ଉକ୍ତ ନାବାଳିକାକୁ ଉଦ୍ଧାର କରିଥିଲା। ଏନେଇ ଏକ ମାମଲା ୧୪୮/୨୬ ରୁଜୁ କରିଥିଲା। ନାବାଳିକା କୁ ଉଦ୍ଧାର ପରେ ସ୍ୱଧାର ଗୃହରେ ରଖିଥିଲା। ଉକ୍ତ ନାବାଳକ ଜଣଙ୍କ ନାବଳିକା ନେଇ ଧାମନଗର ଠାରେ ଛାଡି କେଉଁ ଆଡେ ଉଭାନ ହୋଇଯାଇଥିଲା। ଫଳରେ ନିରୁପାୟ ହୋଇ ଝିଅଟି କାନ୍ଦୁଥିଲା। ହେଲେ ନାବାଳିକାକୁ ଉଦ୍ଧାର କରିବା ପରେ ଅପହର୍ତା ଟେର ପୁଲିସ ପାଇନଥିଲା। ହେଲେ ତଦନ୍ତକୁ ଅଧିକ କ୍ରିୟାଶିଳ କରି ପୁଲିସ ତା ନିକଟରେ ପହଂଚିଥିଲା। ଧାମନଗର ଅଂଚଳରୁ ତାକୁ ଧରି ଆଣିବା ପରେ ଅଟକ ରଖି ତଦନ୍ତ ଜାରି ରଖିଛି।

# ୟୁଜେଏ ପକ୍ଷରୁ କଳାବ୍ୟାଜ ପରିଧାନ




ବ୍ୟାସନଗର, (ଜିପ୍ର): ରାଜ୍ୟ ଉକିଳ ସାମ୍ବାଦିକ ସଂଘ ନିଷ୍ପତିକ୍ରମେ ବିଶ୍ୱ ଶ୍ରମିକ ଦିବସ ପରିପ୍ରେକ୍ଷୀରେ ସମଗ୍ର ରାଜ୍ୟ ରେ ସାମ୍ବାଦିକ ମାନେ କଳାବ୍ୟାଚ ପରିଧାନ କରି ବିକ୍ଷୋଭ ପଦର୍ଶନ କରିଛନ୍ତି । ଏହି ଅବସରରେ ସଂଘର ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପଦର୍ଶନ କରାଯାଇଥିଲା । ବ୍ୟାସନଗର ସହର ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତି ନିକଟରେ ସମସ୍ତ ସାମ୍ବାଦିକ ଏକତ୍ରିତ ହୋଇଥିଲେ । ପ୍ରଥମେ ଉକିଳ ମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭ୍ୟମାନେ କଳାବ୍ୟାଚ ପରିଧାନ କରିଥିଲେ । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

ପ୍ରତିବାଦ ସଭାରେ ଗତ ୨୯ ତାରିଖରେ ମୁଖ୍ୟ ମନ୍ତ୍ରୀଙ୍କ ଉଦେଶ୍ୟ ରେ ପ୍ରଦାନ କରାଯାଇଥିବା ୬ଦଫା ଦାବୀ ପୂରଣ ନେଇ ସ୍ଲୋଗାନ ଦିଆଯାଇଥିଲା । ରାଜ୍ୟ ସରକାର ଦାବିଗୁଡିକ ଯଥାଶୀଘ୍ର ପୂରଣ ନକଲେ ଆଗାମୀ ଦିନରେ ଆନ୍ଦାଳନକୁ ଆହୁରି ତୀବ୍ରତର କରାଯିବବୋଲି ବକ୍ତବ୍ୟ ପ୍ରକାଶ ପାଇଥିଲା ।

ପ୍ରତିବାଦ ସଭାରେ ବରିଷ୍ଠ ସଭ୍ୟ ଅଭିମନ୍ୟୁ ମିଶ୍ର, ଜାତୀୟ କାଯ୍ୟକାରୀ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଉପସଭାପତି ପ୍ରଦୀପ ଜେନା, କାର୍ଯ୍ୟ କାରୀ କମିଟି ସଭ୍ୟ ପ୍ରଦ୍ୟୁମ୍ନ ବୋଇତାଇ, ସୁଦିପ ମିଶ୍ର, ସୁଜିତ ମଲ୍ଲିକ, ପ୍ରଶାନ୍ତ ପାତ୍ର, ଭାଗିରଥି ବାରିକ, ଦିନେଶ ପରିଡା, ଜିତେନ୍ଦ୍ର ରାଉତ, ଆଶୁତୋଷ ମହାନ୍ତି, ପ୍ରହଲାଦ ଦେଓ, ପ୍ରମୋଦ ପାତ୍ର, ଦୁଷ୍ମନ୍ତ ଘଡ଼ାଇ, ବିପ୍ଳବ ବିଜୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଭାଇରଲ ହେଲା ଜିଲ୍ଲାପାଳଙ୍କ ତାଗିଦ, ନଳଭେଡୀକୁ ପହଁଚିଲା ପାଣି

ପାରାଦୀପ,( ଜି . ପ୍ର) ଦୀର୍ଘ ବର୍ଷ ଧରି ଏମାନେ ପାଉନଥିଲେ ପାଣିପାଣି ଟୋପାଏ ପାଇଁ ଅନେକ ଦୂର ଗରା, ମାଠିଆ , ବାଲଫି ଧରି ଯିବାକୁ ମଧ୍ୟ ପଡୁଥିଲା।ପ୍ରଶାସନକୁ ଗୁହାରି କରି କରି ଥକି ମଧ୍ୟ ଯାଇଥିଲେ। ଭାଇରାଲ ହେଲା ଜିଲ୍ଲାପାଳଙ୍କ ତାଗିଦ , ଆଉ ଏବେ ଗାଁକୁ ଗଲା ପାଣି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଜନ ଶୁଣାଣୀରେ ପାଣି ପାଇଁ ଅଭିଯୋଗ ଆଣି ଆସିଥିବା ମହିଳାଙ୍କୁ ଜିଲ୍ଲାପାଳ ଚୁପ ପାଟି ବନ୍ଦ କର , ଫାଲତୁ କଥା କୁହନାହିଁ ବୋଲି କହିବା ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିବା ବେଳେ ଗଣମାଧ୍ୟମର ଶିରୋନାମା ପାଲଟିଛି। ଏରସମା ବ୍ଲକର ଗଡବିସୁନୁପୁର ପଂଚାୟତ ନଳଭେଡି ଗ୍ରାମର ଓ୍ୱାର୍ଡ ନମ୍ବର ୧୨ରୁ ଓ୍ୱାର୍ଡ ମେମ୍ବର ପ୍ରତିମା ଭୂମୀଙ୍କ ସହ କିଛି ମହିଳା ଆସିଥିଲେ। ଏରସମା ବ୍ଲକ ଆଗରେ ଗରା ,ମାଠିଆ, ବାଲଫି ଧରି ଧାରଣାରେ ମଧ୍ୟ ବସିଥିଲେ। ଜଗତସିଂହପୁର ଜିଲାପାଳ ଜେ ସୋନୁଆଲ ଏହି ଖବର ଜାଣିବାପରେ ମହିଳାମାନଙ୍କୁ ଡାକି ଘଟଣା ବୁଝିବା ବେଳେ ମହିଳା ଓ ଜିଲ୍ଲାପାଳଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ଆରମ୍ଭ ହୋଇଥିଲା।ଘଟଣାରେ ଜିଲ୍ଲାପାଳ ମହିଳା ମାନଙ୍କୁ ଚୁପ , ପାଟି ବନ୍ଦ କର ବୋଲି ଏକ ଭିଡିଓ ଏବେ ଭାଇରାଲ , ଏବେ ନଳଭେଡି ଗ୍ରାମକୁ ପହଂଚିଛି ପାଣି। ଏହି ଗ୍ରାମର ପ୍ରାୟ ୪୦୦ଲୋକ ବସବାସ କରୁଥିବା ବେଳେ ଏହି ଅଞ୍ଚଳଟି ସମ୍ପୂର୍ଣ୍ଣ ଲୁଣା ଅଂଚଳ। ନଳକୂପ ଖୋଳିଲେ ସେଠାରେ ଲୁଣି ପାଣି ବାହାରିବା ନିଶ୍ଚିତ।ଗ୍ରାମରେ ଲୋକମାନେ ବର୍ଷ ବର୍ଷ ଧରି ପାଣି ପାଇଁ ଅନ୍ୟ ପଞ୍ଚାୟତକୁ ଯାଉଥିବା ବେଳେ ତିନି ବର୍ଷ ହେବ ବସୁଧା ଯୋଜନାରେ ଏହି ଗ୍ରାମକୁ ପାଣି ସପ୍ଲାଇ କରାଯାଇଥିଲା।



ଦେବୀ ନଦୀ ନାଉଗାଁ ଦେବୀଦଳ ଠାରୁ ପାଣି ଆସି ବାଲିକୁଦା ବ୍ଲକ ଆମ୍ବଶାଳ ଦେଇ ସେଠାରେ ବିଶୋଧନ ହେବାପରେ ପାଣି ଖଟି କୋଳଦା ଶାନ୍ତିମୁନି ଗ୍ରାମରେ ଥିବା ପାଣି ଟାଙ୍କିକୁ ପାଣି ଆସୁଛି।

୬ ଲକ୍ଷ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ଟାଙ୍କିରୁ ଗଡ ବିସୁନୁପୁର , ଖଟି କୋଳଦା , ଚଷାପଡା ,ନଳଭେଡୀ , ବଉଳିଆ , ବଉଳପୁର ,ଦୁର୍ଗାପୁର , ଖଟିଡ଼ିଅ , ବିଷୋନାଥପୁର , ଝୁଣ ଘେରି , ଆମ୍ବିକି , କୀଆଦା , ଆନନ୍ଦପୁର , ଗୋପାଳପୁର , କଙ୍କଣ , ବାଘ , ଚାଉଳିଆ , ହାତୀଆପାଳ , ଗଙ୍ଗାଦେବୀ ଆଦି ଗ୍ରାମକୁ ପାଣି ସପ୍ଲାଇ କରାଯାଉଛି। ହେଲେ ନଳଭେଡୀ ଗାଁ ଶେଷ ମୁଣ୍ଡରେ ଏହା ପହଂଚିବା ମୁସ୍କିଲ।ଘଟଣା ପରଠାରୁ ଏବେ ଜିଲ୍ଲା ପ୍ରଶାସନ ସକ୍ରିୟ ହୋଇ ଉଠିଥିବା ବେଳେ ପ୍ରତି ଘର ପାଖରେ ପାଣି ପହଂଚିଛି। ଲଇନ କାଟିଗଲେ ପାଣି ଯୋଗାଣରେ ସମସ୍ୟା ଉପୁଜୁଥିବା ବେଳେ ଅନେକ ନୂତନ ସଂଯୋଗ ମଧ୍ୟ ଏବେ କରାଯାଉଛି। ଗ୍ରାମକୁ ଭଲ ରାସ୍ତା ଟିଏ ନଥିବା ବେଳେ ଲୋକେ କେବଳ ପାଣି ନୁହେ ଅନେକ ସମସ୍ୟା ମଧ୍ୟରେ ଯୁଝି ହେଉଥିବା ଦେଖିବାକୁ ମିଳିଛି।ଲୁଣା ପାଣି ପିଇ ଅନେକ ଲୋକଙ୍କ ଦାନ୍ତ ଖରାପ ହେଉଥିବା ବେଳେ ଅନେକଙ୍କ ମୁଣ୍ଡରୁ ଚୁଟି ମଧ୍ୟ ଉପୁଡି ଗଲାଣି।ଅନେକ ଲୋକଙ୍କ ଦେହରେ ଚର୍ମ ରୋଗ ବ୍ୟାପୁଥିବା ବେଳେ ଏବେ ପାନୀୟଜଳ ବିଭାଗ କର୍ମଚାରୀ ସେହି ଗ୍ରାମରେ ଡେରା ପକାଇଥିବା ଦେଖିବାକୁ ମିଳିଛି। ପିଢ଼ି ପିଢ଼ି ଧରି ଟୋପାଏ ପାଣି ପାଇଁ ସଂଘର୍ଷ କରି ଆସୁଥିବା ଏହି ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରୁ ତାଗିଦ ଶୁଣନ୍ତୁ ପଛେ , ଏବେ ସେମାନଙ୍କ ପାଖରେ ପାଣି ପହଂଚି ସାରିଛି।ଅନେକ ଲୋକଙ୍କ ଘର ପାଖକୁ ରାସ୍ତା ନଥିବା ବେଳେ ପାଣି ସଂଯୋଗ ମଧ୍ୟ ଆଜିବି ଅପହଞ୍ଚ।ଭୌଗଳିକ ଦୃଷ୍ଟିରୁ ଗ୍ରାମର ଲୋକମାନେ ଆବୁଡ଼ା ଖାବୁଡ଼ା ପରି ନିଜ ନିଜ ଗୃହ ନିର୍ମାଣ କରୁଥିବା ବେଳେ ସେମାନଙ୍କ ପାଖକୁ ପାଣି ଯୋଗାଇବାରେ ଅନେକ ସମସ୍ୟା ମଧ୍ୟ ରହିଛି। ଅଞ୍ଚଳଟି ସମ୍ପୂର୍ଣ୍ଣ ଲୁଣା ଅଂଚଳ ହୋଇଥିବା ବେଳେ ମଧୁର ପାଣି ଟୋପାଏ ପାଇଁ ସେମାନେ ସର୍ବଦା ଡହଳବିକଳ।କେବଳ ପାଣି ସମସ୍ୟା ନୁହଁ , ଏହି ଲୋକମାନଙ୍କର ରାସ୍ତା , ଓ ବିଦ୍ୟୁତ ସମସ୍ୟା ସମାଧାନ କରିବା ନିହାତି ଜରୁରୀ।

## ସ୍କଲାର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବାର୍ଷିକ ଉତ୍ସବ 'ଦ ସ୍କଲାରିଆନ ଫେଷ୍ଟ-୨୦୨୬'




ଜଗତସିଂହପୁର, (ସବ୍ୟ): ଜଗତସିଂହପୁର ସଦର ସ୍ଥିତ ସ୍କଲାର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଦ ସ୍କଲାରିଆନ ଫେଷ୍ଟ-୨୦୨୬ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।

ଶିକ୍ଷାବିତ ତଥା ବିଦ୍ୟାଳୟର ଉପଦେଷ୍ଟା ଶରତ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ ।ପାରିପାରିବ ସଂସ୍କାର ଓ ବିଦ୍ୟାଳୟର ପ୍ରଭାବ ଯୋଗୁ ପିଲାଟିଏ ଭବିଷ୍ୟତରେ ସୁନାଗରିକ ହୋଇଥାଏ ବୋଲ ଶ୍ରୀ ଦାସ କହିଥିଲେ ।

ମୁଖ୍ୟବକ୍ତା ଭାବରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗ ଦେଇ କହିଲେ ଯେ ଶିକ୍ଷା ହେଉଛି ସମାଜର ଆଲୋକବର୍ତ୍ତିକା । ଉତ୍ତମ ଶିକ୍ଷା ଉତ୍ତମ ନାଗରିକ ତିଆରି କରିବାରେ ସହାୟକ ହୋଇଥାଏ । ସମ୍ମାନନିୟ ଅତିଥି ଭାବରେ ମଣ୍ଡଳ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ପତି ଯୋଗ ଦେଇ କହିଲେ ଯେ କୋମଳମତି ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତରନିହିତ ଗୁଣାବଳୀର ପରିସ୍ଫୁଟନ କରିବା ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କର ଗୁରୁ ଦାୟିତ୍ୱ ବୋଲି କହିଥିଲେ ।

ଅନ୍ୟତମ ସମ୍ମାନନୀୟ ଅତିଥି ଭାବରେ ବର୍ଷିଆନ ରାଜନେତା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବିଶିଷ୍ଟ ସମାଜସେବୀ ନଟବର ବାରିକ ଯୋଗ ଦେଇ ବିଦ୍ୟାଳୟରେ ନୀତି ନୈତିକତାର ଶିକ୍ଷା ଦିଆଯିବା ସହିତ ଈଶ୍ୱରୀୟ ଭାବଧାରା, ପାରିବାରିକ ସଂସ୍କାର ଆଦି ଶିକ୍ଷା ଦିଆଯିବାର ଆଶ୍ୟକତା ରହିଛି ବୋଲି କହିଥିଲେ । ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ମାନସ କୁମାର କାନୁନଗୋ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାକ୍ତନ ଶିକ୍ଷକ ନରେନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଅମରିତା ଦିବ୍ୟଦର୍ଶନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ମୃଣାଳିନୀ ମହାନ୍ତି,ଏଲିନା ଆଚାର୍ଯ୍ୟ, ସ୍ୱାଗତିକା ଦାସ, ସୁଚିସ୍ମିତା ପାଢ଼ୀ, ତୃଷ୍ଣା କୁମାରୀ ପରିଡା, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଶୁଭସ୍ମିତା ପାତ୍ର, ଅମରିତା ଦିବ୍ୟଦର୍ଶିନୀ ବିଶ୍ୱାଳ, ରେସମା ରାଉତରାୟ ,ବସନ୍ତ ଓଝା ପ୍ରମୁଖ ପରିଚାଳନା କରିଥିଲେ ।

## ରେଙ୍ଗାଲୀ କେନାଲରେ ଗାଧୋଇବା ବେଳେ ପାଣିରେ ବୁଡି ଜଣଙ୍କର ମୃତ୍ୟୁ

ବଅଁରପାଳ, (ସବ୍ୟ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମ ନିକଟ ଦେଇ ଯାଇଥିବା ରେଙ୍ଗାଳି ଦକ୍ଷୀଣ କେନାଲରେ ଗାଧୋଉଥିବା ବେଳେ ଆଜି ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ହେଲେ ଲିଙ୍ଗରାକଟା ଗ୍ରାମର ସୁଧାଂଶୁ ଶେଖର ଜେନା । ମୃତକଙ୍କ ଭାଇର ଲିଖିତ ଅଭିଯୋଗ ଅନୁଯାୟୀ ଆଜି ଦିନ ୧୨ ଘଟିକା ବେଳେ ବୁଢ଼ାପଙ୍କ ଗ୍ରାମ ନିକଟ ଦେଇ ଯାଇଥିବା କେନାଲରେ ସୁଧାଂଶୁ ଗାଧୋଉଥିବା ବେଳେ କୌଣସି କାରଣ ବଶତଃ ସେ ବୁଡ଼ି ଯାଇଥିଲେ । କେନାଲର ଅନ୍ୟ ପାଖରେ ଗ୍ରାମବାସୀ ବ୍ୟକ୍ତି ଜଣଙ୍କ ଦୀର୍ଘ ସମୟ ଧରି ପାଣିରୁ ନ ବାହାରିବାରୁ ପୋଲିସ ଓ ଦମକଳବାହିନୀ ଙ୍କୁ ସୂଚନା ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ବଅଁରପାଳ ଦମକଳ ବାହୀନି ଓ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ମୃତକଙ୍କ ପରିବାର ଲୋକଙ୍କୁ ପୋଲିସ ଖବର ଦେବା ପରେ ମୃତକଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଚିହ୍ନଟ କରିଥିଲେ । ବଅଁରପାଳ ପୋଲିସ ମୃତଦେହ ଜବତ କରି ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ।

# ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର

କେନ୍ଦ୍ରାପଡ଼ା, (ସବ୍ୟ) : ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, କେନ୍ଦ୍ରାପଡା ଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହାକାଳପଡ଼ା ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପରିଷଦ ସଭାପତି ଲିଲିତା ଦାସ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଯୋଗଦାନ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂ ସମସ୍ତଙ୍କୁ ଶିବିରକୁ ସ୍ୱାଗତ ଭାଷଣ ସହିତ ସଭାକୁ ସମ୍ବୋଦିତ କରିଥିଲେ ଓ କନିଷ୍ଠ ନାରାୟଣ, ସହକାରୀ ଶ୍ରମ ଅଧିକାରୀ, ଗରଦପୁର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଏହା ସହ ସହକାରୀ ଶ୍ରମ ଅଧିକାରୀ, କେନ୍ଦ୍ରାପଡା ଅଶୋକ କୁମାର ମୁର୍ମୁ, ସହକାରୀ ଶ୍ରମ ଅଧିକାରୀ ,ପଟ୍ଟାମୁଣ୍ଡାଇ, ଆଶୁତୋଷ ପଟେଲ, ସହକାରୀ ଶ୍ରମ ଅଧିକାରୀ, ଆଳି,ଏସ ଡି କିରଣ କୁମାର ଓ ସହକାରୀ ଶ୍ରମ ଅଧିକାରୀ, ମାର୍ଶାଘାଇ, ଜ୍ୟୋତି ରଞ୍ଜନ ପରିଡ଼ା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ସହାୟତା ରାଶି ୧୮୪ ଜଣ ନିର୍ମାଣ ଶ୍ରମିକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଏତି ବ୍ୟତୀତ ୨୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏତି ବ୍ୟତୀତ ୨୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

ସେହିପରି ଓଡ଼ିଆ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନ ୨୦ ଜଣ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୩୦୦ ଜଣ ନିର୍ମାଣଏବଂ ଅଣସଂଗଠିତ ଶ୍ରମିକ, ଟ୍ରେଡୟୁନିଅନର କର୍ମକର୍ତ୍ତା, ମିଡିଆ କର୍ମୀ ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଉପସ୍ଥିତି ଥିଲେ ।

## କାଳବୈଶାଖୀର ତାଣ୍ଡବ, ଝଡ ତୋଫାନରେ ବ୍ୟାପକ କ୍ଷତି

ଧର୍ମଶାଳା,(ସବ୍ୟ) : ଧର୍ମଶାଳା ଅଂଚଳରେ ଆଜି ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ଝଡ ତୋଫାନ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ଆଜି ଅପରାହ୍ନରେ ଅନ୍ଧାରିଆ ହୋଇ ମେଘ ଘୋଟି ଆସିବା ସହିତ ବର୍ଷା ବିଜୁଳି ସାଙ୍ଗକୁ ଖୁବ ଜୋରରେ ପବନ ବୋହିଥିଲା। ଏହି ପବନରେ ଅନେକ ସ୍ଥାନରେ ଗଛ ଉପୁଡିପଡିବା ସହ ବିଦ୍ୟୁତ ଖୁଂଟ ଗୁଡିକ ଉପୁଡି ପଡିଛି। ସେହିପରି କେତେକ ସ୍ଥାନରେ ଚାଳଛପର ଓ ଅଜବେଷ୍ଟ ଉଡିଯାଇଛି। ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ତେବେ ଏହି ଝଡ ତୋଫାନରେ କେଉଁଠି ବଡଧରଣର ଅଘଟଣ ଘଟିନଥିବା ବେଳେ ଜାରକା ବିଦ୍ୟୁତ ବିଭାଗ ଅଧିନରେ ରହିଥିବା ଅଂଚଳ ଗୁଡିକରେ ବିଦ୍ୟୁତ ଆସିବା କଷ୍ଟକର ହୋଇଛି। ବିଭାଗୀୟ କର୍ମଚାରୀମାନଙ୍କ ଅହେତୁକ ଅବହେଳା ଯୋଗୁ ଲୋକେ ଆଜି ବିଦ୍ୟୁତ ପଇବା କଷ୍ଟକର ହୋଇପଡିଛି। ଏଥିପ୍ରତି ଉପରିସ୍ଥ ଅଧିକାରୀ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।



ରଘୁନାଥପୁର ହୁରାସାହିସ୍ଥିତ ଚନ୍ଦନପୋଖରୀରେ ପ୍ରଭୁ ରାଧାମୋହନଙ୍କ ଚାପଖେଳ

# ‘ମନେ ମନେ’ : ଓଡ଼ିଆ ସାହିତ୍ୟର ପ୍ରଥମ ମନସ୍ତାତ୍ତ୍ୱିକ ଉପନ୍ୟାସ



ଭାସ୍କର ପରିଚ୍ଛା

ଓଡ଼ିଶାର ସାମାଜିକ ଓ ସାହିତ୍ୟିକ ଇତିହାସରେ ଏଭଳି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏକାଧିକ କ୍ଷେତ୍ରରେ ନିଜ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ବୈଷ୍ଣବ ଚରଣ ଦାସ ସେହିପରି ଏକ ଅସାଧାରଣ ବ୍ୟକ୍ତିତ୍ୱ– ଯିଏ ଗୋଟିଏ ପଟେ ଦୃଢ଼ ପ୍ରଶାସକ ଭାବେ ପରିଚିତ । ଅନ୍ୟପଟେ ଜଣେ ସମ୍ବେଦନଶୀଳ ସାହିତ୍ୟିକ ଓ କଳାପ୍ରେମୀ ଭାବେ ତାଙ୍କର ଅବଦାନ ଅମଳିନ ।




୧୦ ସେପ୍ଟେମ୍ବର ୧୮୯୯ରେ ଭଦ୍ରକ ସହରର ବଙ୍କସାହିରେ ତାଙ୍କ ଜନ୍ମ । ପିତା ପ୍ୟାରୀମୋହନ ପଟ୍ଟନାୟକ ଓ ମାତା ଶାରଦା ଦେବୀ । ପାରିବାରିକ ପରମ୍ପରାରେ ଏକ ଆଧ୍ୟାତ୍ମିକ ଭାବନା ଦୃଶ୍ୟମାନ ହୁଏ–ପିତାଙ୍କ ଇଚ୍ଛାନୁଯାୟୀ ସମସ୍ତ ପୁଅ ‘ପଟ୍ଟନାୟକ’ ପଦବୀକୁ ପରିତ୍ୟାଗ କରି ‘ଦାସ’ ପଦବୀ ଗ୍ରହଣ କରନ୍ତି, ଯାହା ଭଗବାନଙ୍କ ପ୍ରତି ସମର୍ପଣ ଓ ସେବାଭାବର ପ୍ରତୀକ । ବୈଷ୍ଣବ ଚରଣ ତାଙ୍କ ପିତାମାତାଙ୍କ ଦ୍ୱିତୀୟ ପୁତ୍ର ଥିଲେ ଓ ସାନବାପା ଗୌରମୋହନଙ୍କ ପୋଷ୍ୟପୁତ୍ର ଭାବେ ଲାଳିତ ପାଳିତ ହୋଇଥିଲେ ।

ଶିକ୍ଷା ଜୀବନରୁ ସେ ମେଧାବୀ ଓ ସଚେତନ ଛାତ୍ର ଭାବେ ପରିଚିତ ଥିଲେ । ଭଦ୍ରକ ହାଇସ୍କୁଲରୁ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରି କଟକର ରେଭେନ୍ସା କଲେଜରେ ଉଚ୍ଚ ଶିକ୍ଷା ଅର୍ଜନ କଲେ । ସେ ଇଂରାଜୀ ଓ ଓଡ଼ିଆ ଭାଷା ଓ ସାହିତ୍ୟରେ ଏମ୍.ଏ. ଡିଗ୍ରୀ ଲାଭ କରିଥିଲେ, ଯେତେବେଳେ କି ଏହିପରି ଦୁଇଟି ବିଷୟର ଗଭୀର ଅଧ୍ୟୟନ ଅତ୍ୟନ୍ତ ଦୁର୍ଲଭ ଥିଲା । ଛାତ୍ର ଜୀବନରେ ସେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ, ଯାହା ତାଙ୍କ ଚିନ୍ତାଧାରାରେ ଜାତୀୟ ଚେତନାର ପ୍ରଭାବ ପ୍ରକାଶ କରୁଛି ।




୧୯୨୩ ମସିହାରେ ବୈଷ୍ଣବ ଚରଣ ବିହାର–ଓଡ଼ିଶା ପୋଲିସ୍ ବିଭାଗରେ ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ୍ ଭାବେ କଟକରେ ଯୋଗଦେଲେ । ସେଠାରୁ ଆରମ୍ଭ ହେଲା ତାଙ୍କର ଦୀର୍ଘ ଓ ସଫଳ ପ୍ରଶାସନିକ ଯାତ୍ରା । ନିଜ କର୍ତ୍ତବ୍ୟନିଷ୍ଠା, ନୀତିନିଷ୍ଠା ଓ ପ୍ରଶାସନିକ କୌଶଳ ଦ୍ୱାରା ସେ ଧୀରେ ଧୀରେ ଉଚ୍ଚ ପଦବୀକୁ ଉନ୍ନୀତ ହୋଇ ୧୯୫୩ ମସିହାରେ ଇନ୍ସପେକ୍ଟର ଜେନେରାଲ, ପୋଲିସ୍ ଭାବେ ଦାୟିତ୍ୱ ଗ୍ରହଣ କଲେ । ଏହି ପଦବୀରେ ପହଞ୍ଚିବାରେ ସେ ପ୍ରଥମ ଓଡ଼ିଆ ଥିବାରୁ ଏହା ତାଙ୍କ ଜୀବନର ଏକ ଐତିହାସିକ ସଫଳତା ଭାବେ ଗଣନା କରାଯାଏ ।

ତାଙ୍କର ପ୍ରଶାସନିକ ପ୍ରତିଭାର ଅନ୍ତର୍ଜାତୀୟ ପରିଚୟ ମଧ୍ୟ ମିଳିଥିଲା । ୧୯୩୭ ମସିହାରେ ଲଣ୍ଡନରେ ସମ୍ରାଟ୍ ଷଷ୍ଠ ଜର୍ଜଙ୍କ ରାଜାଭିଷେକ ଅବସରରେ ଭାରତୀୟ ପୋଲିସ୍ ବାହିନୀ ପକ୍ଷରୁ ତାଙ୍କୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ କରାଯାଇଥିଲା । ସେଠାରେ ଯୋଗଦେଇ ସେ ବକିଂହାମ୍ ପ୍ୟାଲେସରୁ ସମ୍ମାନ ପାଇଥିଲେ– ଏହା ତାଙ୍କ ପ୍ରଶାସନିକ ଦକ୍ଷତାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ।

ବୈଷ୍ଣବ ଚରଣଙ୍କ ବ୍ୟକ୍ତିତ୍ୱ କେବଳ ପ୍ରଶାସନରେ ସୀମିତ ନଥିଲା । ପିଲାଦିନରୁ ତାଙ୍କର ସଂଗୀତ ଓ କଳା ପ୍ରତି ଗଭୀର ଆକର୍ଷଣ ଥିଲା । ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ସହ ସେ ସଂଗୀତ ଶିକ୍ଷା ଗ୍ରହଣ କରିଥିଲେ, ଯାହା ତାଙ୍କର ସାହିତ୍ୟ ଓ କଳାବୋଧକୁ ଅଧିକ ସୁଦୃଢ଼ କରିଥିଲା । ସେ ଉତ୍କଳ ନୃତ୍ୟ ସଂଗୀତ କଳା, କଳାବିକାଶ କେନ୍ଦ୍ର ଓ ଆକାଶବାଣୀ କଟକ ପରି ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ସହ ବି ଜଡିତ ଥିଲେ । ଆକାଶବାଣୀର ‘ଅଡିସନ୍ ବୋର୍ଡ’ର ସଦସ୍ୟ ଭାବେ ସେ କଳାକାରମାନଙ୍କୁ ପ୍ରୋତ୍ସାହନ ଦେଉଥିଲେ ଏବଂ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ଭାବେ ଓଡ଼ିଶାର ସାଂସ୍କୃତିକ ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ୧୯୧୯ ମସିହାରେ ‘ଉତ୍କଳ ସାହିତ୍ୟ’ ପତ୍ରିକାରେ ତାଙ୍କର ‘ଆଜି’ କବିତା ପ୍ରକାଶ ପାଇଥିଲା– ଏହା ଥିଲା ତାଙ୍କର ସାହିତ୍ୟ ଯାତ୍ରାର ଶୁଭାରମ୍ଭ । ପରେ ମୁକୁର, ବାରୁଣୀ, ଡଗର ପରି ପତ୍ରପତ୍ରିକାରେ ସେ ବହୁ କବିତା, ଗୀତିକବିତା ଓ ଗଳ୍ପ ପ୍ରକାଶ କରିଥିଲେ । ସେ ‘ସବୁଜ ଗୋଷ୍ଠୀ’ ସହ ଜଡିତ ଥିଲେ, ଯେଉଁ ଗୋଷ୍ଠୀ ଓଡ଼ିଆ ସାହିତ୍ୟରେ ନବଚେତନାର ଏକ ଧାରା ସୃଷ୍ଟି କରିଥିଲା । ସେହି ଗୋଷ୍ଠୀର ଉପନ୍ୟାସ ‘ବାସନ୍ତୀ’ରେ ସେ ଶେଷ ଅଧ୍ୟାୟ ରଚନା କରିଥିଲେ ।

## ପୁନରାବଲୋକନ–୧୦

ତାଙ୍କ ସାହିତ୍ୟ ସୃଷ୍ଟିମାନଙ୍କ ମଧ୍ୟରେ ‘ମନେ ମନେ’ ଉପନ୍ୟାସ ସବୁଠାରୁ ଉଲ୍ଲେଖନୀୟ । ୧୯୨୫–୨୬ ମଧ୍ୟରେ ଲେଖାଯାଇଥିବା ଏହି ଉପନ୍ୟାସ ୧୯୨୭ ମସିହାରେ ପ୍ରକାଶିତ ହୋଇଥିଲା । ଏହା ଚାରିଟି ଖଣ୍ଡରେ ବିଭକ୍ତ– ‘ମେରା ଭାଇରେ’, ‘ଠକ’, ‘ଠକ ରଣ’ ଓ ‘ମନେ ମନେ’ । ଉପନ୍ୟାସରେ ଚରିତ୍ରମାନଙ୍କର ମନୋବୃତ୍ତି, ଆଭ୍ୟନ୍ତରୀଣ ସଂଘର୍ଷ ଓ ମାନସିକ ପ୍ରତିକ୍ରିୟାର ଅତ୍ୟନ୍ତ ସୂକ୍ଷ୍ମ ଓ ସଜୀବ ଚିତ୍ରଣ ଦେଖିବାକୁ ମିଳେ । ଏହି କାରଣରୁ ଏହାକୁ ଓଡ଼ିଆ ସାହିତ୍ୟର ପ୍ରଥମ ମନସ୍ତାତ୍ତ୍ୱିକ ଉପନ୍ୟାସ ଭାବେ ସ୍ୱୀକୃତି ମିଳିଛି । ଆଧୁନିକ ଓଡ଼ିଆ ଉପନ୍ୟାସର ବିବର୍ତ୍ତନ ଧାରାରେ ଏହା ଥିଲା ଦଶମ ଉପନ୍ୟାସ । ନୀଲୁ, କନକ, ରଙ୍ଗି ଓ ନିଧିବାବୁ ପରି ଚରିତ୍ରମାନଙ୍କ ମନର ଦ୍ୱନ୍ଦ୍ୱ ଓ ଅନ୍ତର୍ଦ୍ୱନ୍ଦ୍ୱ ଏହାକୁ ଗଭୀର ଭାବେ ପ୍ରଭାବଶାଳୀ କରିପାରିଛି ।

ଦୀର୍ଘ ଦିନର ବ୍ୟବଧାନ ପରେ ୨୦୨୩ରେ ଏହି ଉପନ୍ୟାସର ପୁନଃମୁଦ୍ରଣ କରିଥିଲେ ବ୍ଲାକ ଇଗଲ ବୁକ୍ସ । ଆନନ୍ଦର କଥା ଯେ, ଏହି ଉପନ୍ୟାସର ଇଂରାଜୀ ଅନୁବାଦ ସମ୍ଭବ ହୋଇ ପାରିଥିଲା । ୨୦୦୮ରେ ରୂପାନ୍ତର ପକ୍ଷରୁ The World Within ଶୀର୍ଷକରେ ‘ମନେ ମନେ’ ଉପନ୍ୟାସର ଅନୁବାଦ କରାଯାଇଥିଲା ଓ ଏହାକୁ ଅନୁବାଦ କରିଥିଲେ ସ୍ନେହପ୍ରଭା ଦାସ ।

୯ ନଭେମ୍ବର ୧୯୫୮ରେ ବୈଷ୍ଣବ ଚରଣ ଦାସଙ୍କ ଦେହାନ୍ତ ଘଟିଥିଲା । କିନ୍ତୁ ତାଙ୍କର ସ୍ମୃତି ଓ କାର୍ଯ୍ୟ ଓଡ଼ିଆ ସାହିତ୍ୟ ଓ ପ୍ରଶାସନରେ ଆଜି ମଧ୍ୟ ଜୀବନ୍ତ ହୋଇ ରହି ଆସିଛି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,**
**ମୋ–୯୩୩୭୫୦୮୫୯୨**

# ପାଦପ



ମାନସ ଦାସ

ଆମ ଗ୍ରହଣରେ ଆତଯାତ କରୁଥିବା ଚରିତ୍ରମାନଙ୍କ ମଧ୍ୟରେ କିଛି ହାତ ଗଣତି ମଣିଷ ଥାଆନ୍ତି, ଯେଉଁମାନଙ୍କ ପ୍ରତିବିମ୍ବକୁ ଜୀବନ ଅବା ମୃତ୍ୟୁ ମଳିନ କରିପାରେ ନାହିଁ । ପ୍ରାପ୍ତିରେ ହେଉ ବା ଅପ୍ରାପ୍ତିରେ ହେଉ, ସୁଖରେ ହେଉ ବା ବିଷାଦରେ ହେଉ, ସେପରି ବ୍ୟକ୍ତିର ମୁଖମଣ୍ଡଳ ଥାଏ ସଜ ଫୁଟା ଫୁଲ ପରି ପ୍ରସନ୍ନ ।

ଗତବର୍ଷ ମେ ବାର ତାରିଖରେ ଭୋରରୁ ଗାଡ଼ି ଚଳେଇ, ଯେତେବେଳେ ପୁରୀ ଶଙ୍ଖ ନାଭିରେ ପହଞ୍ଚିଲି – ସବୁଦିନ ପାଇଁ ଶୋଇ ଯାଇଥିବା ଗୁରୁ ବଳରାମ ଦାସଙ୍କୁ ଦର୍ଶନ କରିବା ସମୟରେ, ମୋର ଏହି କଥା ହିଁ ମନେ ହୋଇଥିଲା ।



ପଞ୍ଜୁରୀ ଶୂନ୍ୟ କରି ପକ୍ଷୀ ଉଡ଼ି ଯାଇଥିଲା ଅନେକ ଆଗରୁ । କିନ୍ତୁ ଆଞ୍ଜୁଳାଏ ଜହ୍ନ ଆଲୁଅ ପରି କିମ୍ବା ଗୋଟିଏ ସୁଫି କବିତାର ସୂକ୍ଷ୍ମ ବିସ୍ତୃତ ବିସ୍ମୟ ପଂକ୍ତି ପରି ସେ ମୁହଁ ଉପରୁ ମୁଁ ଆଖି ଉଠାଇ ପାରୁ ନଥିଲି । ଏକ ଅଦ୍ଭୁତ ଶୂନ୍ୟବୋଧରେ ମୋ ହୃଦୟ ଛଳଛଳ ହୋଇ ଯାଇଥିଲା ।

ମୋତେ ଆପଣାର ଭାବି ଅନ୍ତରଙ୍ଗ ଭାବରେ ସ୍ନେହ କରୁଥିବା, ସ୍ୱଳ୍ପ ମଣିଷମାନଙ୍କ ମଧ୍ୟରୁ, ଜଣକୁ ଛଡ଼ାଇ ନେଇଥିଲା ମହାକାଳ । ଆପଣାର ଆତ୍ମୀୟଙ୍କ ବିଚ୍ଛେଦ – ଆଃ କେତେ ବେଦନାଦାୟକ ।

ସାର୍‌ଙ୍କ ପ୍ରଥମ ଅଧ୍ୟାପନା ସୁନ୍ଦରଗଡ କଲେଜରେ ଆରମ୍ଭ ହୋଇଥିଲା ବେଳେ ମୁଁ ତାର ଦୁଇବର୍ଷ ପରେ ବିଜ୍ଞାନ ପ୍ରଥମ ବର୍ଷ ଶ୍ରେଣୀରେ ଯୋଗ ଦେଇଥିଲି ।

ଦୀର୍ଘ ଚଉବନ ବର୍ଷର ସମ୍ପର୍କ ମଧ୍ୟରେ ସାରଙ୍କୁ ମୁଁ ଘନିଷ୍ଠ ଭାବେ ଦେଖିବାକୁ ସୁଯୋଗ ପାଇଥିଲି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁବେଳେ ପ୍ରାୟ ଧଳା ସାର୍ଟ ଓ କଳା ବା ବ୍ଲୁ ରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧି, ଆଖିରେ କଳା ଚଷମା ଦେଇ– ବଳରାମ ସାର ତାଙ୍କର ସହକର୍ମୀ ଓ ଛାତ୍ରମାନଙ୍କ ନିକଟରେ ଏକ ଶାଳୀନ ଓ ପରିଚ୍ଛନ୍ନ ବ୍ୟକ୍ତିତ୍ୱର ଛବି ଛାଡ଼ି ଯାଇଥିଲେ ।

ସେ କେବଳ ଆଭରଣରେ ନୁହେଁ ଆଭ୍ୟନ୍ତରରେ, ଆଚରଣରେ, କାର୍ଯ୍ୟଶୈଳୀରେ ଏବଂ ଚିନ୍ତନରେ ମଧ୍ୟ ଏକ ପରିଚ୍ଛନ୍ନ ବ୍ୟକ୍ତିତ୍ୱ ଥିଲେ ।

ତାଙ୍କର ଚେହେରାର ଭବ୍ୟତା ପ୍ରଜ୍ଞା ଏବଂ ସ୍ନେହପୂର୍ଣ୍ଣ କଥନ ଶୈଳୀ ଦ୍ୱାରା ସମସ୍ତଙ୍କୁ ଆପଣାର କରି ପାରୁଥିଲେ ସେ ।

ବଳରାମ ସାରଙ୍କ ସଂଭ୍ରାନ୍ତ ସମ୍ବେଦନଶୀଳ ହୃଦୟ ତଳେ ଅନ୍ତର୍ମୁଖୀ ଆଧ୍ୟାତ୍ମିକତାର ଏକ ଅନାବିଳ ପ୍ରଚଣ୍ଡ ସ୍ରୋତ ଥିଲା, ଯାହା ତାଙ୍କର ଗଳ୍ପ କବିତାମାନଙ୍କରେ ଝଙ୍କୃତ ହେଉଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅନୁରାଗ ଓ ସମର୍ପଣ ଭାବ ସର୍ବବିଦିତ ଥିଲା ।

ସେଥିପାଇଁ ସେ କେବଳ ପୁରୀ ସର୍ବୋଦୟ ନଗରରେ ଶଙ୍ଖନାଭି ଗୃହରେ ଅବସ୍ଥାନ କରୁନଥିଲେ ବରଂ ଶେଷ ନିଃଶ୍ୱାସ ତ୍ୟାଗ ପରେ ସ୍ୱର୍ଗଦ୍ୱାରରେ ଶରୀରର ବିସର୍ଜନ କରିବାର ଇଚ୍ଛାକୁ ମଧ୍ୟ ପୂରଣ କରିଥିଲେ ।

ଆତ୍ମପ୍ରଚାର ଓ ଆତ୍ମପ୍ରଶସ୍ତି ଠାରୁ ଅନେକ ଦୂରରେ ରହି ବଳରାମ ଦାସଙ୍କ ସାରସ୍ୱତ ପ୍ରତିଭା ସମ୍ମାନର ସହ ବିକଶିତ ହୋଇଥିଲା । ପ୍ରାୟ ବାର ଖଣ୍ଡ କବିତା, ଗଳ୍ପ ଓ ଆଲୋଚନା ପୁସ୍ତକ ବ୍ୟତୀତ ଓଡ଼ିଆ ଗୀତି କବିତାର ଅଭ୍ୟୁଦୟ ଓ ସାମ୍ପ୍ରତିକ ସ୍ଥିତିକୁ ନେଇ ଲେଖିଥିବା ସନ୍ଦର୍ଭ ବହୁଦିନ ପର୍ଯ୍ୟନ୍ତ ଓଡ଼ିଆ ଗୀତିକବିମାନଙ୍କୁ ପ୍ରବୁଦ୍ଧ କରିବ ।

ବଳରାମ ଦାସଙ୍କ ସବୁଠାରୁ ବିଶେଷ ଅବଦାନ ହେଲା କବି, ଗାଳ୍ପିକ ଓ ଗ୍ରନ୍ଥକାରଙ୍କୁ ତିଆରି କରିବା । ତାଙ୍କର ସ୍ନେହପୂର୍ଣ୍ଣ ତତ୍ତ୍ୱାବଧାନରେ ଶହେରୁ ଅଧିକ କବି ଗାଳ୍ପିକ ଓଡ଼ିଆ ସାହିତ୍ୟକୁ ମହିମାମଣ୍ଡିତ କରିଛନ୍ତି ।

ଏକାଅଶୀ ବର୍ଷ ବୟସରେ ବଳରାମ ଦାସଙ୍କ ହଠାତ୍ ଦେହାବସାନ ପୁରୀ ସ୍ଥିତ ତାଙ୍କର ପ୍ରିୟଜନମାନଙ୍କୁ ଶୋକାକୁଳ କରିଦେଇଥିଲା ।

ଭକ୍ତ ବଳରାମ ତାଙ୍କ ଆରାଧ୍ୟଙ୍କ ପଦ୍ମ ପୟରରେ ନିଶ୍ଚୟ ଲୀନ ହୋଇଯାଇ ଥିବେ । ସେ ଆମ ପାଇଁ ପାଦପ ସଦୃଶ ଥିଲେ । ଆଜି ତାଙ୍କର ପ୍ରଥମ ପୁଣ୍ୟ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।

**(ସାହିତ୍ୟିକ ବଳରାମ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ)**

**ଚୌଧୁରୀ ବଜାର, କଟକ**

# ତିନୋଟି ଖସଡ଼ା ଚିତ୍ର

ସୀତାକାନ୍ତ ତ୍ରିପାଠୀ

ନା’ ଆଉ ଏ ସମ୍ପର୍କକୁ ବେଶୀ ଦିନ ବଞ୍ଚେଇ ରଖି ହେବ ନାହିଁ । ଯିଏ ମୋ ଶ୍ରଦ୍ଧା, ଭଲ ପାଇବା ଆଉ ଭାବପ୍ରବଣତାକୁ ବୁଝିପାରିଲା ନାହିଁ ସିଏ ମୋର କି ବନ୍ଧୁ ! ତାକୁ ଆଜି ସକାଳୁ ବ୍ୟସ୍ତ ହୋଇ ଚାରି ପାଞ୍ଚ ଥର କଲ୍ କରି ସାରିଲିଣି । ସିଏ ତ ମୋବାଇଲ୍ ଉଠାଇଲା ନାହିଁ ଶେଷରେ କହୁଛି କଣ ନା’ ମୋର କିଏ କଣ ମରି ହଜି ଗଲେ ନା କଣ ଏତେ ଥର ଫୋନ କରୁଛୁ ? ମନେ ମନେ ଭାବୁଥିଲି ଆଠ ଦିନ ତଳେ ତାକୁ ମୋ ବାପାଙ୍କ ଶ୍ରାଦ୍ଧରେ ପ୍ରସାଦ ସେବନ ପାଇଁ ଆମ କଲୋନୀ ପାଖ ଜଗନ୍ନାଥ ମନ୍ଦିରକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲି । ସିଏ କାଳେ ଭୁଲି ଯାଇଥିବ ବୋଲି ଭାବି ଆଜି ସକାଳୁ କଲ୍ କରିବାଟା କଣ ମୋର ଭୁଲ ଥିଲା! ମନର ଦୁଃଖକୁ ମନରେ ମାରି ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ବେଳକୁ ଦେଖିଲି ମୋ ବନ୍ଧୁ ଜଣକ ମନ୍ଦିରର ମୁଖ୍ୟ ଦୁଆର ମୁହଁରେ ଛିଡ଼ା ହୋଇଛି । ଆଉ ସିଏ ମୋତେ ଦେଖି ପକେଇ ଦଉଡ଼ି ଆସି କୁଣ୍ଢେଇ ପକେଇ କହିଲା ଆରେ ଗୌତମ ! ତୋର କଣ କିଛି ଅସୁବିଧା ହେଲା? ଏତେ ବିଳମ୍ବ କାହିଁକି କଲୁ ! ତୋର ଏତେ କାମ ଭିତରେ ମୁଁ ତ କିଛି ସାହାଯ୍ୟ କରି ପାରୁନି ଓଲଟି ତୁ କଣ କରୁଛୁ ନା ମୋତେ କଲ୍ କରି ମନେ ପକାଉଛୁ ! ତା’ ହେଲେ ମୁଁ ତୋର କି ବନ୍ଧୁ କହିଲୁ?

* * * * * * * * * * * * *

ଆଜି ସତ୍ୟକଳ୍ପ ବାବୁଙ୍କର ଅବସରକାଳୀନ ସଭାଟି ଲୋକାରଣ୍ୟ । ଦୀର୍ଘଦିନ ଧରି କାମ କରିବା ଭିତରେ ତାଙ୍କ ଦ୍ୱାରା ଉପକୃତ ହୋଇଥିବା ଲୋକେ ଏକ ସଭାର ଆୟୋଜନ କରିଛନ୍ତି । ସଭା ଚାଲିଥିବାବେଳେ ସନିଆଁ ଆସି ଆୟୋଜକମାନଙ୍କୁ କହିଲା ଆଜ୍ଞା! ସାର୍‌ଙ୍କର ଏହି ବିଦାୟକାଳୀନ ସଭାରେ ମୋର କିଛି କରିବାର ଅଛି । ଉପସ୍ଥିତ ଆୟୋଜକ ଏବଂ ଅତିଥିବୃନ୍ଦ ଭାବିଲେ ଲୋକଟି ସାର୍‌ଙ୍କ ପାଖରେ ମୂଳଠୁଁ କାମ କରି ଆସିଛି ଆଜିର ଏ ବିଦାୟ ଅବସରରେ ତା ମନ କେତେ ଦୁଃଖ ହେଉଥିବ ! ତାକୁ ଟିକେ କହିବାକୁ ସୁଯୋଗ ଦେଇଦେଲେ କଣ ଅସୁବିଧା ? ବେଦ କଣ ଅଶୁଦ୍ଧ ହୋଇଯିବ...? ଲୋକ ଜଣକ ଧୀରେ ଧୀରେ ଷ୍ଟେଜ ଉପରକୁ ଉଠିଲା । କିନ୍ତୁ ଏ କଣ’? ଲୋକଟି ହାତରେ ଧରିଥିବା ଏକ ଛୋଟ ପ୍ୟାକେଟରୁ ଜୋତାର ମାଳଟିକୁ ବାବୁଙ୍କ ବେକରେ ଓହଳାଇ ଦେଇ କହିଲା, ଆଜ୍ଞା ! କହିଲେ ଦେଖି, ଆପଣମାନଙ୍କୁ ଆଉ କଣ ବେଶୀ ବୁଝାଇବାର ଆବଶ୍ୟକତା ଅଛି ?

* * * * * * * * * * * * *

ଏବେ ତୁମକୁ ସ୍ଥିର ନିଷ୍ପତ୍ତି ନେବାକୁ ପଡିବ । ଘରେ ମୁଁ ରହିବି ନହେଲେ ତୁମ ମା’ ରହିବେ । ସ୍ତ୍ରୀଙ୍କ ଠାରୁ ଏ କଥା ପଦକ ଶୁଣି ଦନେଇ ବାବୁ କାହାକୁ କଣ କହିବେ ଆଉ ନ୍ୟାୟଦେବେ ବୋଲି ଭାବି ଦୋ ଦୋ ପାଞ୍ଚ ମନରେ ଅସରନ୍ତି କୋହ ଆଉ ଆଖିରେ ଆଖିଏ ଲୁହକୁ ଚାପି ରଖି ଧାଇଁଲେ ବାପାଙ୍କ ପାଖକୁ କାଳେ ତାଙ୍କ ଠାରୁ କିଛି ଉତ୍ତର ମିଳି ଯିବ । ହେଲେ ଏ କଣ ! ବାପାଙ୍କ କୋଳରେ ମା’ ତ’ ଶାନ୍ତିରେ ଚିରନିଦ୍ରା ଯାଇଛି !

**ଅର୍ଣ୍ଣପାଳ,ଭଦ୍ରକ,ମୋ–୯୭୭୮୭୬୪୩୯୪**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରାପ୍ତ ପତ୍ରିକା

***ପତ୍ରିକାର ନାମ– ଜୟଦେବ ଲହରୀ ରସାମୃତ–୨୦୨୬***
***ସମ୍ପାଦକ– ଡା. ଦୀନବନ୍ଧୁ ମହାରଣା***
***ପ୍ରକାଶକ– ଭକ୍ତକବି ଜୟଦେବ ସାଂସ୍କୃତିକ ପରିଷଦ***
***୧୧୧,୧୧୨ ମ୍ୟୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସ,***
***ଓ.ଏମ୍.ପି. ଛକ, କଟକ–୩***
***ପତ୍ରିକାର ମୂଲ୍ୟ– ୧୦୦ ଟଙ୍କା***

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗୀତଗୋବିନ୍ଦ ରଚେତା ଶ୍ରୀଜୟଦେବଙ୍କ ଜନ୍ମ ଜୟନ୍ତୀ ଉତ୍ସବରେ ପ୍ରକାଶ ପାଇଛି ‘ଜୟଦେବ ଲହରୀ ରସାମୃତ–୨୦୨୬’ । ଜୟଦେବ ସାଂସ୍କୃତିକ ପରିଷଦ କଟକ ପକ୍ଷରୁ ୪୬ତମ ଭକ୍ତକବି ଜୟଦେବ ଜୟନ୍ତୀ ଅବସରରେ ପ୍ରକାଶିତ ‘ଜୟଦେବ ଲହରୀ ରସାମୃତ–୨୦୨୬’ରେ ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଶୁଭେଚ୍ଛା ବାର୍ତ୍ତା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜାତୀୟ ମାନବାଧିକାର କମିଶନ, ନୂଆଦିଲ୍ଲୀର ସଦସ୍ୟ ଡ. ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀଙ୍କ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ସ୍ଥାନିତ ହୋଇଛି । ଏହା ସହ ରାଜ୍ୟର କିଛି ବିଶିଷ୍ଟ ବ୍ୟକ୍ତିଙ୍କ ମତ ମଧ୍ୟ ପତ୍ରିକାର ଶ୍ରୀ ବୃଦ୍ଧି କରିପାରିଛି । ପତ୍ରିକାର କଳେବର ବୃଦ୍ଧି ହୋଇଛି ବର୍ତ୍ତମାନର ଅନେକ ବରିଷ୍ଠ ତଥା ଯୁବ ଲେଖକଙ୍କ ଆଲେଖ୍ୟରେ । ‘ଗୀତଗୋବିନ୍ଦରେ ବୈଷ୍ଣବ ଭାବନା’ ହେଉ ବା ‘ରାଧା–ମାଧବ ରସ ଓ ଗୀତଗୋବିନ୍ଦ’ ‘ପ୍ରକୃତିର ଉପାସକ କବି ଜୟଦେବ ହେଉ ବା ‘ଦାର୍ଢ୍ୟତା ଭକ୍ତିରେ କବି ଜୟଦେବ’, ‘ପ୍ରେମ–ଭକ୍ତି–ଶୃଙ୍ଗାରର କବି ଜୟଦେବ’, ‘ଜୟଦେବ ଓ ଗୀତଗୋବିନ୍ଦ’, ‘ପ୍ରେମଭକ୍ତି କାବ୍ୟ ଗୀତଗୋବିନ୍ଦ’ ତଥା ‘ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ବେଶ, ‘ମେଘନାଦ ପାଚେରୀ’, ‘ଶ୍ରୀମନ୍ଦିରର ନିର୍ମାଲ୍ୟ ମଣ୍ଡପ’ ଭଳି ଅନେକ ବଳିଷ୍ଠ ଲେଖାରେ ସମୃଦ୍ଧ ହୋଇଛି ପତ୍ରିକାଟି । ଏହି ଗୋଟିଏ ପତ୍ରିକାରେ ପାଠକମାନେ ଜୟଦେବଙ୍କ ଜୀବନଚରିତ, ଗୀତଗୋବିନ୍ଦ ସହ ଶ୍ରୀମନ୍ଦିରର ଅନେକ ପୂଜାବିଧି, ବିଭିନ୍ନ ମଣ୍ଡପ, ଅରୁଣ ସ୍ତମ୍ଭ ଆଦି ବିଷୟରେ ଅନେକ ତଥ୍ୟ ପାଇପାରିବେ । ବାସ୍ତବିକ ଏକ ସୁନ୍ଦର ପରିକଳ୍ପନା ସମ୍ପାଦକ ଡାକ୍ତର ଦୀନବନ୍ଧୁ ମହାରଣାଙ୍କର । ଏହା ପାଠକଙ୍କ ଆଦୃତି ଲାଭ କରିବ ବୋଲି ଆମର ବିଶ୍ୱାସ ।




(ଅଳକା)

ଏ ସପ୍ତାହର କବିତା ଦୁଇଟି

## ଅଜଣା ଆଲୋକ



ହର ମୋହନ ଦାଶ

ଅଜଣା ଆଲୋକେ ଭାସି ଭାସି ଯାଏ
ଅନ୍ତରେ ଭରା ପୁଲକ,
ନିରବ ସ୍ୱପନ ଚୁପି ଚୁପି ଆସେ
ପଡେନା ଆଖିର ପଲକ ।
କାହାର ଡାକରେ ଜଗାଏ କମ୍ପନ
ହୃଦୟ ହୁଏ ଅଧୀର,
ଅନୁଭବ ରାସେ ରହସ୍ୟ ଘେରରେ
ଆନନ୍ଦ ଭାବ ଅପାର ।
ନିର୍ମଳ ଛାୟାକୁ ଛୁଇଁ ଛୁଇଁ ଯାଏ
ଛାୟା ଲାଗେ ଆପଣାର,
ଅଜଣା ଏ ସ୍ୱର୍ଶ ଚିତ୍ତ ମୋହି ନିଏ
ପ୍ରୀତି ପ୍ରେମ ଉପହାର ।
ବିଷାଦ କାଳିମା ଲୁହ ହୋଇ ଝରେ
ହସର ବହେ ଜୁଆର,
ନୂତନ ଆଶାର ନବୀନ କିରଣେ
ରଙ୍ଗେ ଭରା ଏ ମନ୍ଦିର ।
ତୁହି ମୋର ଆଶା ଶାଶ୍ୱତ ପ୍ରଭାତ
ଆତ୍ମାର ନିତ୍ୟ ଝଙ୍କାର,
ଭରସା କରି ମୁଁ ଚାଲେ ନିଶି ଦିନ
ନିରବ ସାଥି ମୋହର ।

**ଭଦ୍ରକ , ମୋ–୯୯୩୦୮୭୫୮୪୦**

## ସଂପର୍କର ନୀଡ଼

ଡ.ମନୋରଞ୍ଜନ ବିଷୋୟୀ

କେତେବେଳେ
ସ୍ୱପ୍ନକୁ ଡର ତ
ଆଉ କେତେବେଳେ
ସତ୍ୟକୁ ଡର,
ବେଳେବେଳେ
ଅତୀତକୁ ଡର,
ପାଟି ଫିଟିଲେ
କାଳେ ଭାଙ୍ଗିଯିବ
ସଂପର୍କର ନୀଡ଼ ।
ତେଣୁ ଚାଲିଯାଉଛି
ତୁମଠାରୁ ଅନେକ ଦୂର
ପାରିବ ଯଦି
ମତେ ଭୁଲିଯିବାକୁ
ପ୍ରୟାସ କର ।
ଆଉ ଖୁସିରେ ଗଢ଼
ନିଜ ସଂସାର ନୀଡ଼
କାରଣ ସେ ନୀଡ଼ରେ
ଥିବାଯାଏଁ
ତୁମେ ସଭିଙ୍କର
ସେ ନୀଡ଼ରୁ
ବାହାରିଗଲେ
ତୁମେ ଆଉ ନୁହଁ କାହାର ।
ଏବେ ବନ୍ଧ୍ୟା ପାଲଟି
ଯିବାକୁ ଦିଅ
ସମସ୍ତ ସ୍ୱପ୍ନକୁ ଆମର ।
ଅନ୍ୟର ସ୍ୱପ୍ନକୁ
ଏବେ ତୁମେ
ନିଜ ସ୍ୱପ୍ନ କର ।
ଆଉ ସେ ସ୍ୱପ୍ନକୁ
ସତ କରିବାକୁ
ଆପ୍ରାଣ ଉଦ୍ୟମ କର ।

**ଦାମୋଦରପୁର, ଗଞ୍ଜାମ**
**ମୋ–୮୮୯୫୧୪୧୭୨୭**



# ହିଣ୍ଡାଲକୋ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ପକ୍ଷରୁ ଏକ ବିଶାଳ ସ୍ୱାସ୍ଥ୍ୟ ଶିବର ସ୍ଥାନୀୟ ମହମ୍ମଦପୁର କମ୍ୟୁନିଟି ସେଣ୍ଟର ଠାରେ ହୀରାକୁଦ ହିଣ୍ଡାଲକୋର ୟୁନିଟ ହେଡ ଶ୍ରୀଯୁକ୍ତ ସୁମିତ ମୁଖାର୍ଜୀଙ୍କ ପରାମର୍ଶ କ୍ରମେ ଅଞ୍ଚଳର ସ୍ୱାସ୍ଥ୍ୟ ସୁରକ୍ଷା ସୁବିଧା ନିମନ୍ତେ ଅନୁଷ୍ଠିତ ହୋଇଛି । ଏହି



ଶିବିରକୁ, ହିଣ୍ଡାଲକୋ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସ୍ମେଲଟର ପ୍ଲାଣ୍ଟ ହେଡ ଶ୍ରୀଯୁକ୍ତ ପ୍ରତାପ ସାହୁ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ପ୍ରବୀଣ ଯାଦବ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର, ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ଆନନ୍ଦ ଚକ୍ରବର୍ତ୍ତୀ, ଆନୁଷ୍ଠାନିକ ଭାବେ ମା ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ଏବଂ ଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ ଓ ମାନବ ସମ୍ବଳ ମୁଖ୍ୟ ଶ୍ରୀଯୁକ୍ତ ବିଶ୍ୱାସ ସିନ୍ଧେ ହିଣ୍ଡାଲକୋ, ହୀରାକୁଦ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ମହିଳା, ଯୁବକଙ୍କ ର ଉନ୍ନତି ସହ ସଂସ୍କୃତି ରକ୍ଷା ପାଇଁ କାମ କରୁଅଛି ଏବଂ ଆଗକୁ ମଧ ଏହା ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ ଓ ଏହି କାର୍ଯ୍ୟ କ୍ରମରେ ସ୍ମେଲଟର ପ୍ଲାଣ୍ଟ ହେଡ ଶ୍ରୀଯୁକ୍ତ ପ୍ରତାପ ସାହୁ ଉପସ୍ଥିତ ଜନସାଧାରଣ ଏହି ସ୍ୱାସ୍ଥ୍ୟ ଶିବିରର ଲାଭ ନେବାପାଇଁ ମତ ପ୍ରକାଶ କରିଥିଲେ ଓ ଏହି ଅଞ୍ଚଳରେ ଏହିଭଳି ଉନ୍ନତି ମୂଳକ କାର୍ଯ୍ୟକ୍ରମ ଆହୁରି ତ୍ୱରାନ୍ୱିତ କରିବେ ବୋଲି ମତ ପ୍ରକାଶ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ମାନ୍ୟଗଣ ବ୍ୟକ୍ତି, କୁଞ୍ଜ ବନଚୋର, ରାଜେନ୍ଦ୍ର ମାହାକୁଡ, ଶ୍ରୀ ଗଜେନ୍ଦ୍ର ମାହାକୁଡ, ଦୀପକ ଭୋଇ, ଜ୍ଞାନ ରଞ୍ଜନ ସାହୁ, ପ୍ରଦୀପ ବଗର୍ତି, ରାହାସ ନାଗ, ଗୋବିନ୍ଦ ମାହାକୁଡ, ଇତ୍ୟାଦି ବହୁ ଗ୍ରାମବାସୀ ଯୋଗଦେଇଥିଲେ । ଏଥିପାଇଁ ଗ୍ରାମବାସୀ ହିଣ୍ଡାଲକୋର ଏହି ମହତ୍ କର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଆନ୍ତରିକବ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ୧୭୯ ଜଣ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ହିଣ୍ଡାଲକୋ ସ୍ୱାସ୍ଥ୍ୟ ସେବା ବିଭାଗର ଡ଼ଃ ପ୍ରବୀଣ ଯାଦବଙ୍କ ନେତୃତ୍ୱରେ ଡ଼ଃ ପଦ୍ମାଳୟା ମିଶ୍ର, ଡ଼ଃ ପୂଜା ଶ୍ରୀବାସ୍ତବ, ଡ଼ଃ ହିମାଂଶୁ ନାୟକ, ଡ଼ଃ ସୁମିତ କୁମାର ଓ ଡ଼ଃ ଅଭିଷେକ କୁମାର ପ୍ରଭୃତି ଅଭିଜ୍ଞ ଡାକ୍ତରୀ ଦଳ ବହୁବିଧ ରୋଗର ଚିକିତ୍ସା କରିବା ସହ ରୋଗୀ ମାନଙ୍କୁ ଆବଶ୍ୟକ ଔଷଧ ବିତରଣ କରାଯାଇଥିଲା । ସିଏସଆର ବିଭାଗର ପରିଚାଳକ ଶ୍ରୀ ଆନନ୍ଦ ଚକ୍ରବର୍ତ୍ତୀ, ଶ୍ରୀମତୀ ଜୟଶ୍ରୀ ରାଓ, ସନ୍ତୋଷ ତ୍ରିପାଠୀ, ମିଳନ କୁମାର ସାହୁ, ହିଣ୍ଡାଲକୋ ସାସ୍ଥ୍ୟ ବିଭାଗ କର୍ମଚାରୀ ଗଣ ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଏବଂ ହଁସ ଫାଉଣ୍ଡେସନର ପ୍ରକଳ୍ପ ସଂଯୋଜକ ଶ୍ରୀ ଚନ୍ଦ୍ର ଶେଖର, ଶ୍ରୀ ସୌରଭ ନାୟକ ପ୍ରଭୃତି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଧକୋଟା ଠାରେ ଶ୍ରମ ଦିବସ ପାଳନ

ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ବ୍ଲକ ଅନ୍ତର୍ଗତ ଧାକୋଟା ପଞ୍ଚାୟତ ଧକୋଟା ଠାରେ ଶ୍ରମ ଦିବସ ପାଳନ କରାଯାଇଛି । ମୁଖ୍ୟ ଅତିଥି ବରିଷ୍ଠ ବିଜେପି ନେତା ତଥା ସରକାରୀ ଓକିଲ ବିଚିତ୍ର କୁମାର ଚକ୍ର କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ପଞ୍ଚାୟତ ବିଜେପି ନେତା ଓ ସଭାପତି ସୁଦର୍ଶନ ମହାନ୍ତ ସଭା ପରିଚାଳନା କରି ଥିବା ବେଳେ ମୁଖ୍ୟବକ୍ତା ବରିଷ୍ଠ ବିଜେପି ନେତା ପଦ୍ମ ଲୋଚନ ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପୂର୍ବତନ ସରପଞ୍ଚ ବିନୟ ପାତ୍ର ବରିଷ୍ଟ ନେତା ରବୀନ୍ଦ୍ର ନାହାକ କବିନ୍ଦ୍ର ପାତ୍ର ବିର ଭଦ୍ର ପାତ୍ର ଛବିଳ ନାଇକ ପ୍ରମୁଖ ଯୋଗାଦଇଥିଲେ ।

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ

# ଲଗାତାର ୧୯ ବର୍ଷ ଧରି କିସ୍‌ର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ସମଗ୍ର ଓଡ଼ିଶାରେ ପାସ୍ ହାର ୯୫.୩୩% ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍) ର ଫଳାଫଳ ଶତ ପ୍ରତିଶତ ହୋଇଛି । କିସ୍ ଆରମ୍ଭରୁ ଲଗାତାର ୧୯ ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି । ଚଳିତ ବର୍ଷ ସ୍କୁଲ୍‌ର ମୋଟ ୨୦୩୧ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୫୦ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କିସ୍ ଛାତ୍ରୀ ସୁଚେତା ସୋରେନ୍ ସର୍ବାଧିକ ୫୬୮ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି । ଏହା ସହିତ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୧୩୧ ଜଣ



ଛାତ୍ରଛାତ୍ରୀ ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି । ସେଥିମଧ୍ୟରୁ ୪୬ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି । କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ସାମନ୍ତ କହିଛନ୍ତି, କିସ୍‌ର ଏହି ଛାତ୍ରଛାତ୍ରୀମାନେ ହେଉଛନ୍ତି ଶିକ୍ଷା କ୍ଷେତ୍ରରେ ସେମାନଙ୍କ ବଂଶର ପ୍ରଥମ ପିଢ଼ି । କିସ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ସେମାନଙ୍କ ମୂଳଦୁଆକୁ ଦୃଢ଼ କରିପାରିଛି । ସେଥିପାଇଁ ପ୍ରତିବର୍ଷ କିସ୍ ଏହି ସଫଳତା ପାଇପାରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏଥିପାଇଁ ଶ୍ରୀ ସାମନ୍ତ କିସ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ଗ୍ରାମାଞ୍ଚଳ ସ୍କୁଲ କଲରାବାଙ୍କ ଉଚ୍ଚବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ସ୍ନେହାଶିଷ ମହାପାତ୍ର ସର୍ବାଧିକ ୫୪୦ ନମ୍ବର ରଖି ସ୍କୁଲ୍ ଟପର ହୋଇଛନ୍ତି । ଶ୍ରୀ ସାମନ୍ତ

### ଜିନ୍ଦଲ ଷ୍ଟେନ୍‌ଲେସ୍ ହିସାର୍ ଏବଂ ଯାଜପୁର ୟୁନିଟ୍ ଆଇଏମ୍‌ସିକୁ

# ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍, ଦେଶର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦକାରୀ କମ୍ପାନୀ ସମ୍ମାନଜନକ ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତା ପୁରସ୍କାର (ଆରବିଏନକ୍ୟୁଏ) ୨୦୨୫ ରେ ସମ୍ମାନିତ ହୋଇଛି । ଏହି ସମ୍ମାନ ପରିଚାଳନାରେ ଉତ୍କର୍ଷତା, ଗୁଣବତା ପ୍ରଣାଳୀ ଏବଂ କାର୍ଯ୍ୟଦକ୍ଷତା ଭିତିକ ଉତ୍ପାଦନ ପାଇଁ ଏକ ମାନଦଣ୍ଡ ଭାବରେ ଏହାର ସ୍ଥିତିକୁ ଆହୁରି ମଜଭୁତ କରିଛି । ଏପ୍ରିଲ ୩୦, ୨୦୨୬ ରେ ମୁମ୍ବାଇରେ ଆଇଏମସି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି, ଯେଉଁଠାରେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। କମ୍ପାନୀର ହିସାର ୟୁନିଟ୍ ଅପରେସନ୍ ବର୍ଗରେ ଉତ୍କର୍ଷତା ପ୍ରମାଣପତ୍ର ସହିତ ଟ୍ରଫି ହାସଲ କରିଛି। ବ୍ୟବସାୟରେ ଉତ୍କର୍ଷତା ଏବଂ କାର୍ଯ୍ୟଦକ୍ଷତାରେ ନିରନ୍ତର ଅଗ୍ରଗତିର ପ୍ରତିଫଳନ ସ୍ୱରୂପ, ଯାଜପୁର ୟୁନିଟ୍ "ଉତ୍ପାଦନ" ବର୍ଗରେ ଉତ୍କର୍ଷତା ଟ୍ରଫି ୨୦୨୫ ହାସଲ କରିଛି । ଯାହାକି କାରଖାନାକୁ ସ୍ୱୀକୃତି ଦେବାର କ୍ରମାଗତ ଦ୍ୱିତୀୟ ବର୍ଷ ରୂପେ ଏକ ରେକର୍ଡ ସୃଷ୍ଟି କରିଛି। ନେତୃତ୍ୱ, ରଣନୀତି, ଗ୍ରାହକ ଧ୍ୟାନ, ପରିଚାଳନା ଏବଂ ବ୍ୟବସାୟ ଫଳାଫଳ ସହିତ ପ୍ରମୁଖ ମାନଦଣ୍ଡରେ ଆଇଏମସି ଆରବିଏନକ୍ୟୁଏ ଟ୍ରଷ୍ଟର ବୋର୍ଡ ଅଫ୍ ଏକ୍ସାମିନର୍ସ ଦ୍ୱାରା ପରିଚାଳିତ ଏକ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି ।

ଏ ସମ୍ପର୍କରେ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, "ଏହି ସ୍ୱୀକୃତି ଜିନ୍ଦଲ ଷ୍ଟେନଲେସ୍ ପାଇଁ ଏକ ଗର୍ବିତ ମୁହୂର୍ତ। ଯାହା ଆମର କାର୍ଯ୍ୟକ୍ଷେତ୍ରରେ ଦୃଢ଼ ବ୍ୟବସ୍ଥା, ଅନୁଶାସନ ଏବଂ ପ୍ରଦର୍ଶନ ସଂସ୍କୃତି ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଏ । ଆମେ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ସାମର୍ଥ୍ୟ ଗଠନ ଉପରେ ଧ୍ୟାନ ଦେଉଛୁ ଯାହା ସମସ୍ତ ଅଂଶୀଦାରୀଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରେ ।

### କାନ୍ଧ ଅସ୍ତ୍ରୋପଚାରରେ ଆର୍ଥୋସ୍କୋପିକ

# ବାଇଓଲୋଜିକାଲ ଅଗମେଣ୍ଟେସନ ପଦ୍ଧତି : ଡ. ସାର୍ଥକ ପଟ୍ଟନାୟକଙ୍କ ସଫଳତା

ଭୁବନେଶ୍ୱର, (ସବ୍ୟୁ): ମିନିମାଲି ଇନଭାସିଭ ଅସ୍ଥିଶଲ୍ୟ ଚିକିତ୍ସା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି । ଡ.ସାର୍ଥକ ପଟ୍ଟନାୟକ ଭୁବନେଶ୍ୱରର ଜଣେ ଅଗ୍ରଣୀ ଅସ୍ଥିଶଲ୍ୟ ଓ କ୍ରୀଡ଼ା ଔଷଧ ବିଶେଷଜ୍ଞ ମାନବ ଡରମାଲ ଆଲୋଗ୍ରାଫ୍ଟ ବ୍ୟବହାର କରି ଏକ ଜଟିଳ ଅର୍ଥୋସ୍କୋପିକ କାନ୍ଧ ଅପୂରଣୀୟ ରୋଟେଟର କଫ ବିୟର ସଫଳତାର ସହ ସଂପାଦନ କରିଛନ୍ତି, ଯାହା ପୂର୍ବ ଭାରତରେ ଏହାର ପ୍ରଥମ ପ୍ରକ୍ରିୟା ଅଟେ ।



ଏହି ଅସ୍ତ୍ରୋପଚାର ଗୁରୁତର ରୋଟେଟର କଫ ବିୟରରେ ପୀଡ଼ିତ ଜଣେ ୬୪ ବର୍ଷିୟ ରୋଗୀଙ୍କ ଉପରେ କରାଯାଇଥିଲା । ବର୍ତ୍ତମାନ ଚିକିତ୍ସା ପଦ୍ଧତିରେ କାନ୍ଧ ପ୍ରତିସ୍ଥାପନ ଚିକିତ୍ସା ବିକଳ୍ପ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ । ଡ. ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ଏହି ସ୍ୱତନ୍ତ୍ର ପ୍ରକ୍ରିୟାରେ ଛିଡ଼ି ଯାଇଥିବା ଟେଣ୍ଡନର ଅର୍ଥୋସ୍କୋପିକ ମରାମତି ଅନ୍ତର୍ଭୁକ୍ତ ଥିଲା, ଯାହା ସଂରଚନାତ୍ମକ ସମର୍ଥନକୁ ବୃଦ୍ଧି କରିବା ଏବଂ ପ୍ରାରମ୍ଭିକ ଓସିଓ ଇଂଟିଗ୍ରେସନ ଦ୍ୱାରା ଦ୍ରୁତ ଆରୋଗ୍ୟକୁ ପ୍ରୋତ୍ସାହିତ କରିବା ଲାଗି ମାନବ ଡରମାଲ ଆଲୋଗ୍ରାଫ୍ଟ ସହ ସଶକ୍ତ ଏବଂ ବୃଦ୍ଧି କରାଯାଇଥିଲା ଏବଂ ଏହା ଦ୍ୱାରା ସମଗ୍ର ଖଞ୍ଜା ସଂରକ୍ଷଣ କରାଯାଇଥିଲା ।

ଏହି ପଦ୍ଧତି କାନ୍ଧ ଅସ୍ତ୍ରୋପଚାରରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶକୁ ପ୍ରତିନିଧିତ୍ୱ କରେ ବିଶେଷ କରି ଖରାପ ଟିସୁ ବା ବଡ଼ ସମସ୍ୟା ଥିବା ରୋଗୀଙ୍କ ପାଇଁ । ଏ ସଂପର୍କରେ ଡ.ପଟ୍ଟନାୟକ କହିଛନ୍ତି ଯେ ମାନବ ଡରମାଲ ଆଲୋଗ୍ରାଫ୍ଟ ସହ ଅର୍ଥୋସ୍କୋପିକ ଜୈବିକ ବୃଦ୍ଧି ଆମପାଇଁ ଏକ ଚ୍ୟାଲେଂଜ ଥିଲା । କ୍ଷତିଗ୍ରସ୍ତ ଟିସୁର ମରାମତିକୁ ସୁଦୃଢ଼ କରିବା ଦ୍ୱାରା ଆରୋଗ୍ୟ ସମ୍ଭାବନା ଓ କାର୍ଯ୍ୟକାରୀତାକୁ ଉନ୍ନତ କରିବ । ଆଭାନା ମାନବ ଡରମାଲ ଆଲୋଗାଫ୍ଟକୁ ଯଥା ସମୟରେ କାର୍ଯ୍ୟକାରୀ କରି ଏହି ଐତିହାସିକ କେସକୁ ସମର୍ଥନ କରିଥିବାରୁ ଗର୍ବିତ ବୋଲି ଆଭାନା ମେଡିକାଲ ଡିଭାଇସ ପ୍ରା ଲିମିଟେଡର ପରାଚାଳନା ନିର୍ଦ୍ଦେଶକ ପି ସୁନ୍ଦରରାଜନ କହିଛନ୍ତି ।

## ସମାଜସେବୀ ଚନ୍ଦନ ତ୍ରିପାଠୀଙ୍କୁ କଳିଙ୍ଗ ଭାରତୀ ସେବା ସମ୍ମାନ



କଟକ, (ସ୍ୱପ୍ର): ସମାଜକଲ୍ୟାଣ କାର୍ଯ୍ୟରେ ରୁଚି ରଖିଥିବା ବିଶିଷ୍ଟ ସମାଜସେବୀ ଓ ଉଦ୍ୟୋଗପତି ଚନ୍ଦନ କୁମାର ତ୍ରିପାଠୀଙ୍କୁ ମିଳିଛି କଳିଙ୍ଗ ଭାରତୀ ସେବା ସମ୍ମାନ । ଶ୍ରମିକ ଦିବସରେ ଆୟୋଜିତ ଏହି ଭବ୍ୟ ସମାରୋହରେ କଳିଙ୍ଗ ଭାରତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ଚିତ୍ତରଞ୍ଜନ ପାଢ଼ୀଙ୍କ ପୌରାହିତରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦଘାଟନ ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ତରୁଣ କୁମାର ସାହୁ, ସଭାପତି ବିଶିଷ୍ଟ ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକ, ମୁଖ୍ୟଅତିଥି ସମାଜସେବୀ ହେମନ୍ତ ଭରଦ୍ୱାଜ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ଡ. ବୈଜୟନ୍ତି ମିଶ୍ର, ବରଷ୍ଠ ଶିକ୍ଷକ ଉପେନ୍ଦ୍ର ସେନାପତି, ପ୍ରଧାନ ଆଚାର୍ଯ୍ୟ ରସ୍ମି ଅଞ୍ଜଳି ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କୁ ଅଙ୍ଗବସ୍ତ୍ର, ଉପଢୌକନ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ । ସୂଚନାଯୋଗ୍ୟଯେ, ଚନ୍ଦନ କୁମାର ତ୍ରିପାଠୀ ଓଡ଼ିଶାର ଜଣେ ପରିଚିତ ଉଦ୍ୟୋଗପତି ଓ ପ୍ରସିଦ୍ଧ କାଚ ଶୋରୁମ୍ ଗ୍ଲାସ୍ ଏଣ୍ଡ୍ ଗ୍ଲାସ୍‌ର ମାଲିକ । ଶ୍ରୀ ତ୍ରିପାଠୀ ସମାଜସେବା ସହିତ ଜଣେ ନିୟମିତ ରକ୍ତଦାତା ହିସାବରେ ବେଶ୍ ପରିଚିତ ।

## ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ଜଟଣୀ, (ସବ୍ୟୁ): ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ଉତ୍କଳ ଶ୍ରମିକ ସଂଗଠନ ଓ ସିଟି କେୟାର ହସ୍ପିଟାଲ ମିଳିତ ଆନୁକୁଲ୍ୟରେ ଏକ ମେଗା ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରକୁ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ ଉଦଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ବିଜେଡ଼ି ନେତା ଅନନ୍ତ ଶତପଥୀ ଓ ସମାଜସେବୀ ସୀତାକାନ୍ତ ଶତପଥୀ, ରମେଶ କୁମାର ଦାସ ଓ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଦିନ ଶ୍ରମିକ ମାନେ ନିଜ ନିଜର କର୍ମକ୍ଷେତ୍ରରେ କାର୍ଯ୍ୟକରି ପାରିଶ୍ରମିକ ଅର୍ଥରେ ନିଜର ପରିବାର ପ୍ରତିପୋଷଣ କରୁଥିବା ସ୍ଥଳେ ଆଜିର ଏହି ମହାନ ଦିବସରେ ରକ୍ତଦାନ ଭଳି ଏକ ମହତ୍ କାର୍ଯ୍ୟ କରି ସମାଜକୁ ଏକ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି ଓ ବର୍ତ୍ତମାନ ସମୟରେ ଶ୍ରମିକ ମାନଙ୍କର ସମସ୍ୟା ବଢ଼ିବାରେ ଲାଗିଛି, ଦିନକୁ ଦିନ ବାହାର ରାଜ୍ୟର ଶ୍ରମିକ ସେମାନଙ୍କ ର ଜୀବନ ଜୀବିକା ଉପରେ ପ୍ରଭାବ ପକାଉଛନ୍ତି ଯାହାକୁ ନେଇ ଆଗାମୀ ଦିନରେ ଉତ୍କଳ ଶ୍ରମିକ ସଂଗଠନ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିବା ସହିତ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଖୋଲା ଚେତାବନୀ ଦେଇଛନ୍ତି ।

# ଓଡିଶା ଗ୍ରାମୀଣ ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ଓଡିଶା ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଅବସରରେ ୦୧ ମଇ ୨୦୨୬ ତାରିଖରେ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ମହତ୍ତ୍ୱପୂର୍ଣ୍ଣ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା । ଆଞ୍ଚଳିକ ପ୍ରବନ୍ଧକ ଆଶିଷ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନେତୃତ୍ୱରେ ଆୟୋଜିତ ଏହି ଶିବିର ସ୍ଥାନୀୟ ଅଞ୍ଚଳରେ ଜନସେବାର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି । ଏହି ଶିବିରରେ ମୋଟ ୧୧୦ ଜଣ ସ୍ଥାନୀୟ ବାସିନ୍ଦା ଓ ଗ୍ରାହକ ସକ୍ରିୟ ଭାବେ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଜିଲ୍ଲାର ପ୍ରସିଦ୍ଧ ଚିକିତ୍ସକ ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ ସ୍ୱୟଂ ଉପସ୍ଥିତ ରହି ପ୍ରତ୍ୟେକ ହିତାଧିକାରୀଙ୍କ ରକ୍ତଚାପ, ଶର୍କରା ସ୍ତର ଓ ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ । କେବଳ ପରୀକ୍ଷା ନୁହେଁ, ସେ ଆବଶ୍ୟକୀୟ ଚିକିତ୍ସା ସମ୍ପର୍କୀୟ




ପରାମର୍ଶ, ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଔଷଧ ସେବନ ସମ୍ବନ୍ଧୀୟ ସଠିକ ନିର୍ଦ୍ଦେଶ ମଧ୍ୟ ପ୍ରଦାନ କରିଥିଲେ । ବ୍ୟାଙ୍କ କେବଳ ଆର୍ଥିକ ସେବା ଭିତରେ ସୀମିତ ନ ରହି ସାମାଜିକ ଦାୟିତ୍ୱବୋଧ ସହ ଜନସ୍ୱାସ୍ଥ୍ୟ ସଚେତନତା ଦିଗରେ କାମ କରୁଥିବାରୁ ସ୍ଥାନୀୟ ଲୋକମାନେ ଏହି ପଦକ୍ଷେପକୁ ଭୂରିଭୂରି ପ୍ରଶଂସା କରିଛନ୍ତି । ଏହି ପ୍ରକାର କାର୍ଯ୍ୟକ୍ରମ ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ସହ ବ୍ୟାଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ଆହୁରି ମଜବୁତ କରିଛି ।

# ୨୮ ଲକ୍ଷର ବ୍ରାଉନସୁଗର ଜବତ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୨୬.୫୪ ଗ୍ରାମ ଓଜନ ବ୍ରାଉନ୍‌ସୁଗର ଜବତ କରି ଭରତପୁର ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି । ସେମାନେ ବ୍ରାଉନ୍‌ସୁଗର କାରବାର କରୁଥିବା ପୋଲିସ ଖବର ପାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ସେମାନଙ୍କୁ ଗିରଫ କରିବାରେ ସମର୍ଥ ହେଲା । ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୨୬.୫୪ ଗ୍ରାମ ବ୍ରାଉନସୁଗର ମିଳିଲା ବୋଲି ପୋଲିସ କହିଛି । ସେମାନେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ୍‌ସୁଗର ଆଣି ଭରତପୁର ଥାନା ଅଞ୍ଚଳରେ ବିକ୍ରି କରନ୍ତି ବୋଲି ପୋଲିସରେ କହିଛନ୍ତି । ଗିରଫ ଚାରି ଅଭିଯୁକ୍ତ ହେଲେ, ରାଜେନ୍ଦ୍ର ନାୟକ (୨୦), ଅମରଜିତ ପ୍ରଧାନ (୩୦), ଗୌତମ ପ୍ରଧାନ (୨୬), ପ୍ରଭାସିନୀ ନାୟକ (୪୦) । ଏହି ବ୍ରାଉନ୍‌ସୁଗର କାରବାର ର୍‍ୟାକେଟ୍ ଗିରଫ ପ୍ରଭାସିନୀଙ୍କ ମାଧ୍ୟମରେ ଭଲ କାରବାର କରୁଥିଲେ । କାରଣ ଜଣେ ମହିଳା ବ୍ରାଉନ୍‌ସୁଗର କାରବାର କଲେ ପୋଲିସ ସହଜରେ ବିଶ୍ୱାସ କରିବ ନାହିଁ ।



### ଅରୁନ୍ଧତୀ ଜୁଏଲର୍ସ ରାଉରକେଲା, ବରଗଡ଼, କଟକ ଓ ଭବାନୀପାଟଣା ଶାଖାର ବାର୍ଷିକ ଉତ୍ସବ

# ଫ୍ଲାଟ୍ ୫୦% ଅଫରର ବଡ଼ ଘୋଷଣା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ସର୍ବବୃହତ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ 'ଅରୁନ୍ଧତୀ ଜୁଏଲର୍ସ' ନିଜର ୨୫ ବର୍ଷର ସ୍ୱର୍ଣ୍ଣିମ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି । ଗତକାଲି (ମଇ ୨ ତାରିଖ) ଅରୁନ୍ଧତୀର ରାଉରକେଲା ଶାଖା ତାର ଚତୁର୍ଥ ବାର୍ଷିକୀ ଖୁବ୍ ଧୁମ ଧାମରେ ରେ ପାଳନ କରିଛି । ସେହିପରି ମଇ ୩ ତାରିଖ ଦିନ ବରଗଡ଼ ଶାଖାର ସପ୍ତମ ବାର୍ଷିକୀ ଉତ୍ସବ, ମଇ ୬ ତାରିଖ ଦିନ କଟକ ଶାଖାର ଦ୍ୱିତୀୟ ବାର୍ଷିକୀ ଉତ୍ସବ ଏବଂ ମଇ ୧୨ ତାରିଖ ଦିନ ଭବାନୀପାଟଣା ଶାଖାର ପନ୍ଦର ତମ ବାର୍ଷିକୀ ଉତ୍ସବକୁ ଅତ୍ୟନ୍ତ ଜାକଜମକର ସହ ପାଳନ କରାଯାଉଛି । ଓଡିଶାବାସୀଙ୍କ ଅତୁଟ ବିଶ୍ୱାସ ଓ ଅଜସ୍ର ଭଲପାଇବାକୁ ବଜାୟ ରଖି, ଅରୁନ୍ଧତୀ ଜୁଏଲର୍ସ ଘୋଷଣା କରିଛି ଏ ବର୍ଷର ସର୍ବଶ୍ରେଷ୍ଠ 'ଆନିଭରସାରି ମେଗା ଅଫର '। ଏହି ବିଶେଷ ଅଫର୍



ମାଧ୍ୟମରେ ସମସ୍ତଙ୍କୁ ପ୍ରତ୍ୟେକ ଏକ୍ସକ୍ଲୁସିଭ୍‌ର ସୁନା, ହୀରା ଏବଂ ରୁପା ଗହଣାର ଗଢ଼ାମଜୁରୀ ଉପରେ ସିଧାସଳଖ ଫ୍ଲାଟ୍ ୫୦% ଅଫର ବିଶାଳ ରିହାତି ପ୍ରଦାନ କରାଯାଉଛି । ସୁନା ଗହଣାର କ୍ରମାଗତ ଦରବୃଦ୍ଧି ଭିତରେ ଏଭଳି ଏକ ଅନନ୍ୟ ଅଫର ଗ୍ରାହକଙ୍କ ପାଇଁ ଏକ ବଡ଼ ଉପହାର ସଦୃଶ ହୋଇଛି । ଏହି ଆନନ୍ଦ ଉଲ୍ଲାସର ମୁହୂର୍ତ୍ତରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସମଗ୍ର ଓଡ଼ିଶାବାସୀଙ୍କୁ ନିଜର କୃତଜ୍ଞତା ଜଣାଇ କହିଛନ୍ତି, "ଏକ ବ୍ରାଣ୍ଡ୍ ଭାବରେ ଅରୁନ୍ଧତୀର ପରିଚୟ କେବଳ ଗହଣାରେ ସୀମିତ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଶାବାସୀଙ୍କ ଅତୁଟ ଭରସାର ପ୍ରତୀକ । ଦୀର୍ଘ ୨୫ ବର୍ଷ ଧରି ଆପଣମାନେ ଆମକୁ ଯେଉଁ ନିରନ୍ତର ସ୍ନେହ,ଶ୍ରଦ୍ଧା ଓ ଆଶୀର୍ବାଦ ଦେଇଆସିଛନ୍ତି, ତାହା ହିଁ ଆମର ଅସଲ ପୁଞ୍ଜି । ଆପଣଙ୍କ ଏହି ଦୃଢ଼ ବିଶ୍ୱାସ ହିଁ ଆମକୁ ନିରନ୍ତର ସର୍ବଶ୍ରେଷ୍ଠ ସେବା ପ୍ରଦାନ କରିବାକୁ ପ୍ରେରଣା ଯୋଗାଉଛି । ଆଗାମୀ ଦିନରେ ଆମେ ଆହୁରି ଅନେକ ନୂତନ କଳାକୃତି ଭରା ଡ଼ିଜାଇନ ଏବଂ ମେଗା ଅଫର୍ ଆମେ ଆପଣମାନଙ୍କ ପାଇଁ ଆଣିବାର ନିରନ୍ତର ପ୍ରୟାସ ଜାରିରଖିବୁ ।


# ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ଏନ୍‌ଏସ୍‌ଏସ୍ ଦ୍ୱାରା ଜଳଛତ୍ର

ଭୁବନେଶ୍ୱର (ସବ୍ୟୁ): ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍ସିଲ୍‌ର ଏନ୍‌ଏସ୍‌ଏସ୍ ଦ୍ୱାରା ଆୟୋଜିତ ଜଳଛତ୍ର କାର୍ଯ୍ୟକ୍ରମ ସମାଜସେବା



ଓ ମାନବତାର ଏକ ଉତ୍କୃଷ୍ଟ ଉଦାହରଣ । ତୀବ୍ର ଗ୍ରୀଷ୍ମ ତାପରେ ଛାତ୍ରଛାତ୍ରୀ, ଯାତ୍ରୀ, କର୍ମଚାରୀ ଓ ସାଧାରଣ ଲୋକଙ୍କୁ ଶିତଳ ପାଣି ପ୍ରଦାନ କରିବା ପାଇଁ ଏନ୍‌ଏସ୍‌ଏସ୍ ସେବକମାନେ ନିଷ୍ଠାର ସହ ଏହି କାର୍ଯ୍ୟରେ ଯୋଗଦେଇଛନ୍ତି । ଏହି ଜଳଛତ୍ର କାର୍ଯ୍ୟକ୍ରମ ଏନ୍‌ଏସ୍‌ଏସ୍ ର "ନଟ୍ ମି ବଟ୍ ୟୁ" ମନ୍ତ୍ରକୁ ପ୍ରାୟୋଗିକ ରୂପ ଦେଇଥାଏ । ସେବକମାନେ ଶୃଙ୍ଖଳା, ଦାୟିତ୍ୱବୋଧ ଓ ସମାଜ ପ୍ରତି ସମର୍ପଣର ଉତ୍କୃଷ୍ଟ ପରିଚୟ ଦେଇଛନ୍ତି । ଏହା କେବଳ ପାଣି ବଣ୍ଟନ ନୁହେଁ, ବରଂ ପ୍ରେମ, ସହଯୋଗ ଓ ସେବାର ବାର୍ତ୍ତା ପ୍ରସାର କରିଥାଏ ।

ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍ସିଲ୍‌ର ଏନ୍‌ଏସ୍‌ଏସ୍‌ର ଏହି ପଦକ୍ଷେପ ଯୁବପିଢ଼ି ପାଇଁ ପ୍ରେରଣାଦାୟକ. ବର୍ତ୍ତମାନ ସମୟରେ ତାପମାତ୍ରା ବଢୁଥିବାରୁ ଜଳଛତ୍ରର ଆବଶ୍ୟକତା ଅଧିକ ବଢ଼ିଛି । ତେଣୁ ପ୍ରତ୍ୟେକ ଲୋକଙ୍କୁ ସମ୍ଭବ ହେଲେ ଏହି ମହତ୍ କାର୍ଯ୍ୟରେ ଅଂଶ ନେବା ଉଚିତ । ଜଳଛତ୍ର ହେଉଛି ମାନବତାର ଏକ ଶିତଳ ସ୍ୱର୍ଶ, ଯାହା ତାପରେ ଆଶାର ଛାୟା ଦେଇଥାଏ ।ଜଳଛତ୍ର ହେଉଛି ଓଡ଼ିଶାର ଏକ ସୁନ୍ଦର ସାମାଜିକ ପରମ୍ପରା, ଯାହା ଗ୍ରୀଷ୍ମ ଋତୁରେ ଲୋକମାନଙ୍କୁ ଶିତଳ ପାଣି ପ୍ରଦାନ କରିବା ପାଇଁ ଆୟୋଜିତ ହୁଏ । ଏହା କେବଳ ପାଣି ବଣ୍ଟନର ବ୍ୟବସ୍ଥା ନୁହେଁ, ବରଂ ସେବା, ଦୟା ଓ ମାନବତାର ଜୀବନ୍ତ ପ୍ରତୀକ ଅଟେ । ଗ୍ରୀଷ୍ମର ତୀବ୍ର ତାପରେ ଯାତ୍ରୀ, ଶ୍ରମିକ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ଜଳଛତ୍ରରୁ ପାଣି ପିଇ ଶାନ୍ତି ଅନୁଭବ କରନ୍ତି ।

### ଖୋର୍ଦ୍ଧାରେ ପାସ୍‌ହାର ୯୭.୧୭ ପ୍ରତିଶତ

# ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀ ଆଗରେ

ଖୋର୍ଦ୍ଧା, (ସବ୍ୟୁ):: ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଦ୍ୱାରା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୨୦୨୬ ଫଳା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାର ୩୩୮ ବିଦ୍ୟାଳୟ ୨୮୧୯୨ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବାବେଳେ ୨୭୧୫୮ଜଣ ପରୀକ୍ଷା ଦେଇଥିଲେ । ଫଳାଫଳ ୯୭.୧୭ ପ୍ରତିଶତ ରହିଛି । ସେଥିରୁ ଛାତ୍ର ୧୩୩୩୮ଜଣ ରହିଥିବାବେଳେ ଛାତ୍ରୀ ସଂଖ୍ୟା ୧୩୭୭୫ ଅଛନ୍ତି । ୨୪୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବାବେଳେ ଚଳିତ ବର୍ଷ ୭୯୨ଜଣ ପରୀକ୍ଷାରେ ଫେଲ ହୋଇଛନ୍ତି । ଚଳିତ ବର୍ଷ ଏ-୧ ରେ ୧୮୨, ଏ-୨ ରେ ୧୦୭୮, ବି-୧ ରେ ୨୫୪୬, ବି-୨ ରେ ୪୮୩୮, ସି ରେ ୫୭୮୭, ଡି ରେ ୭୧୩୬, ଇ ରେ ୪୫୯୧ଜଣ ରହିଛନ୍ତି । ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାର ୯୭ଟି ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ ରହିଛି । ଚଳିତ ବର୍ଷ ଜିଲ୍ଲାର ଏକାଧିକ ସରକାରୀ ଉଚ୍ଚ ବିଦ୍ୟାଳୟର ଫଳାଫଳ ଉତମ ରହିଛି । ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲାର ୫୫ ସରକାରୀ ବିଦ୍ୟାଳୟର ୭୭ଜଣ ରହିଛନ୍ତି । ଏନେଇ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଛା ଜଣାଇଛନ୍ତି । ଚଳିତ ବର୍ଷ ବିଭଗତ ବର୍ଷର ସମସ୍ତ ରେକର୍ଡ କୁ ପଛରେ ପକାଇ ସରକାରୀ ବିଦ୍ୟାଳୟର ଏ-୧ ରେ ଏକାଧିକ ଛାତ୍ରଛାତ୍ରୀ ରହିଛନ୍ତି । ଏଥିସହିତ ଜିଲ୍ଲାରେ ଆଂଚଳିକ ନୋଡାଲ ହାଇସ୍କୁଲ, ଇଟିପୁର ର ପରୀକ୍ଷାର୍ଥୀ ସର୍ବାଧିକ ନଂ ରଖି ଜିଲ୍ଲାରେ ୧ନଂ ରେ ରହିଛନ୍ତି । ସମସ୍ତ ଛାତ୍ରଛାତ୍ରୀଙ୍କା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ବେଙ୍ଗଲରେ ୧୫ ବୁଥରେ ରି-ପୋଲିଂ



**କୋଲକାତା:** ପଶ୍ଚିମବଙ୍ଗର ୨ଟି ବିଧାନସଭା ଅନ୍ତର୍ଗତ ୧୫ଟି ପୋଲିଂ ଷ୍ଟେସନରେ ସାନି ମତଦାନ ଆଜି ଆରମ୍ଭ ହୋଇଛି। ୨୪ ପ୍ରଗଣା ଜିଲ୍ଲାର ୨ଟି ଆସନର ୧୫ଟି ବୁଥରେ ଲୋକମାନେ ସକାଳ ୭ଟାରୁ ଭୋଟ ଦେବା ଆରମ୍ଭ କରିଛନ୍ତି। ମତଦାନ ସନ୍ଧ୍ୟା ୬ଟା ଯାଏ ଜାରି ରହିବ। ଏହି ବୁଥ ଗୁଡ଼ିକରେ ଇଭିଏମ ଟାମ୍ପରିଂ ଭଳି ସାଂଘାତିକ ଅଭିଯୋଗ ଆସିଥିଲା। ଅଭିଯୋଗର ଯାଞ୍ଚ କରି ଭାରତୀୟ ନିର୍ବାଚନ କମିଶନ ଡାଇମଣ୍ଡ ହାର୍ବର ଓ ମଗ୍ରାହାଟ ପଶ୍ଚିମ ଆସନର ୧୫ଟି ବୁଥରେ ରି-ପୋଲିଂ ନିର୍ଦ୍ଦେଶ ଦେଇଥିଲେ। ତଥାପି

## ସନ୍ଧ୍ୟା ୫ଟା ସୁଦ୍ଧା ୮୬.୯୦% ମତଦାନ

ଫାଲ୍ଟା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବୁଥ ଟାମ୍ପରିଂ ଅଭିଯୋଗ ଉପରେ ଏଯାଏ ନିର୍ବାଚନ କମିଶନ କୌଣସି ସାନି ମତଦାନର ନିଷ୍ପତ୍ତି ନେଇ ନାହାନ୍ତି। ତେବେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ମଗ୍ରାହାଟର ୧୧ଟି ଡାଇମଣ୍ଡର ହାର୍ବରର ୪ଟି ବୁଥରେ ଭୋଟିଂ ଆରମ୍ଭ ହୋଇଛି। ଏପ୍ରିଲ ୨୯ ଦ୍ୱିତୀୟ ପର୍ଯ୍ୟାୟ ବେଙ୍ଗଲ ନିର୍ବାଚନ ସମୟରେ ଇଭିଏମ ଟାମ୍ପରିଂର ୭୭ଟି ଅଭିଯୋଗ ନିର୍ବାଚନ କମିଶନଙ୍କ ପାଖରେ ପହଞ୍ଚିଥିଲା। ଇଭିଏମରେ ଥିବା ଦଳୀୟ ବଟନ ଉପରେ କେଉଁଠି ଟେପ ମରାଯାଇଥିଲା ତ ଆଉ କେଉଁଠି ଅଠା, କେଉଁଠି କାଳୀ ଓ ଆଉ କେଉଁଠି ଅତର ବୋଳା ଯାଇଥିବା କୁହାଯାଇଥିଲା। ଫାଲ୍ଟାରୁ ସର୍ବାଧିକ ୩୨ଟି ଅଭିଯୋଗ ଆସିଥିବା ବେଳେ ଡାଇମଣ୍ଡ ହାର୍ବରରୁ ୨୯ଟି, ମଗ୍ରାହାଟରୁ ୧୩ଟି ଓ ବଜ ବଜରୁ ୩ଟି ଇଭିଏମ ହେରଫେର ଅଭିଯୋଗ ସାମ୍ନାକୁ ଆସିଥିଲା। ଏହାକୁ ବିଚାରକୁ ନେଇ ନିର୍ବାଚନ କମିଶନ ଶୁକ୍ରବାର ସାନି ମତଦାନର ନିର୍ଦ୍ଦେଶ ଦେଇଥିଲେ। ଏପ୍ରିଲ ୨୯ରେ ରାଜ୍ୟର ୧୪୨ଟି ଆସନ ପାଇଁ ମତଦାନ ହୋଇଥିଲା। ଏହି ପର୍ଯ୍ୟାୟରେ ଭୋଟିଂ ହାର ରେକର୍ଡ ୯୨% ରହିଥିଲା। ଏହାପରେ ଆସିଥିବା ଏକଜିଟ ପୋଲ ରେଜଲ୍ଟ ଆସିଥିଲେ ହେଁ ରାଜ୍ୟରେ କିଏ ସରକାର ଗଠନ କରିବ, ତା'କୁ ନେଇ ସସପେନ୍ସ ଜାରି ରହିଛି। କାରଣ କିଛି ସର୍ଭେ ସଂସ୍ଥା ବିଜେପି ସପକ୍ଷରେ ଜନାଦେଶ ଯିବ ବୋଲି କହିଥିବା ବେଳେ ଆଉ କିଛି ଟିଏମସି ପୁଣି ସରକାର ଗଠନ କରିବ ବୋଲି କହିଛନ୍ତି। ଦୁଇ ଦଳ ମଧ୍ୟ ଏକଜିଟ ପୋଲକୁ ନେଇ ଉତ୍ସାହିତ ରହିଛି। ଉଭୟ ବିଜେପି ଓ ଟିଏମସି ରାଜ୍ୟରେ ସରକାର ଗଠନ ପାଇଁ ଦମ୍ଭୋକ୍ତି କରିଛି। କିନ୍ତୁ ଏକଥା ମେ' ୪ ତାରିଖରେ ଜଣାପଡ଼ିବ। କାରଣ ମେ' ୪ରେ ଭୋଟ ଗଣତି ସହ ରେଜଲ୍ଟ ବିଧିବଦ୍ଧ ଭାବେ ପ୍ରକାଶ ପାଇବ।

# ୨୪ ପରଗଣା, ଫାଲଟାରେ ବିଜେପି-ତୃଣମୂଳ ସମର୍ଥକ ମୁହାଁମୁହିଁ

**କୋଲକାତା:** ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପରଗଣାରେ ୧୫ଟି ବୁଥରେ ପୁନଃନିର୍ବାଚନ ଚାଲିଥିବା ବେଳେ ଶନିବାର ତୃଣମୂଳ କଂଗ୍ରେସ ଓ ବିଜେପି ସମର୍ଥକ ମୁହାଁମୁହିଁ ହୋଇଥିବା ଅଧିକାରୀମାନେ କହିଛନ୍ତି। ତୃଣମୂଳ ସମର୍ଥକ ସେମାନଙ୍କୁ ଭୋଟ ଦେବାକୁ ଛାଡୁନଥିବା ବିଜେପି ସମର୍ଥକମାନେ କହିଛନ୍ତି। କେତେକ ଭିଜୁଆଲ୍ରେ ଉଭୟ ପକ୍ଷର ଲୋକମାନେ ଅରାଜକତା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ଫାଲଟା ନିର୍ବାଚନ ମଣ୍ଡଳୀରେ ତୃଣମୂଳ କଂଗ୍ରେସ କର୍ମୀ ଧମକ ଦେଉଥିବା ଅଭିଯୋଗରେ ବିଜେପି ସମର୍ଥକ ପ୍ରତିବାଦ କରିଛନ୍ତି। ଶନିବାର ଦକ୍ଷିଣ ୨୪ ପରଗଣାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୫ଟି ବୁଥରେ ସାନି ମତଦାନ ଚାଲିଛି। ମଗ୍ରହାଟ ପଶ୍ଚିମର ୧୧ଟି ପୋଲିଂ ଷ୍ଟେସନ ଓ ଡାଇମଣ୍ଡ ହାର୍ବରର ୪ଟି ପୋଲିଂ ଷ୍ଟେସନରେ ଆଜି ସକାଳ ମତଦାନ ଆରମ୍ଭ ହୋଇଥିଲା। ତେବେ ନିର୍ବାଚନରେ ବ୍ୟାପକ ଅନିୟମିତତା ଅଭିଯୋଗରେ ନିର୍ବାଚନ ଆୟୋଗ ଏହି ବୁଥଗୁଡ଼ିକରେ ସାନି ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଭୋଟ ଗଣତି ହେବାକୁ ଥିବାବେଳେ ଏହାପୂର୍ବରୁ ଫାଲଟାରେ ଲୋକମାନେ ତୃଣମୂଳ କଂଗ୍ରେସ କର୍ମୀ ଧମକ ଦେଉଥିବା ଅଭିଯୋଗ କରି ପ୍ରତିବାଦ କରିଛନ୍ତି। ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ତୃଣମୂଳ କଂଗ୍ରେସର ଇସ୍ରାଫିଲ୍ ଚୌକିଦାର ସମସ୍ତଙ୍କୁ ଘର ପୋଡ଼ି ଦେବା ତଥା ରକ୍ତପାତ ଘଟାଇବାକୁ ଧମକ ଦେଇଛନ୍ତି। ମହିଳା ଜଣକ କହିଛନ୍ତି, ଆମେ ତୃଣମୂଳ କଂଗ୍ରେସକୁ ଭୋଟ ଦେଇଥିବାବେଳେ ସେମାନେ ଆମକୁ ଆକ୍ରମଣ କରୁଛନ୍ତି, ତୃଣମୂଳ କର୍ମୀଙ୍କୁ ଗିରଫ କରାଯାଉ ବୋଲି ମହିଳା ଜଣକ ଦାବି କରିଛନ୍ତି। ନିର୍ବାଚନ ଆୟୋଗଙ୍କଠାରୁ



ଅପରାହ୍ଣ ୩ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ ମଗରାହାଟ ପଶ୍ଚିମରେ ୭୨.୫ ପ୍ରତିଶତ ଏବଂ ଡାଇମଣ୍ଡ ହାର୍ବରରେ ୭୨.୩୬ ପ୍ରତିଶତ ମତଦାନ ହୋଇଛି। ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ ରଖାଯାଇଥିବା ଷ୍ଟ୍ରଙ୍ଗ ରୁମ୍ରେ ଅନିୟମିତତା ହୋଇଥିବା ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି। ଖୁଦିରାମ ଅନୁଶୀଳନ କେନ୍ଦ୍ରର ଜଣେ ରିଟର୍ଣ୍ଣିଂ ଅଫିସରଙ୍କ ବିରୋଧରେ ତୃଣମୂଳ କଂଗ୍ରେସ ଅଭିଯୋଗ ଦାଖଲ କରିଛି, ଯେଉଁଥିରେ ପୋଷ୍ଟାଲ୍ ବାଲଟ୍ କଭରଗୁଡ଼ିକୁ ଅନଧିକୃତ ଭାବରେ ସଜଡ଼ା ଯାଉଥିବା ଅଭିଯୋଗ କରାଯାଇଛି।

## ଜୁନାଗଡ଼ରେ ତୀର୍ଥଯାତ୍ରୀ ବସ୍ ଓଲଟି ୨ ମୃତ, ୧୫ ଆହତ

ନୂଆଦିଲ୍ଲୀ: ଗୁଜରାଟର ଜୁନାଗଡ଼ ଜିଲ୍ଲାରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଓଲଟି ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ତୁରନ୍ତ ଜରୁରୀକାଳୀନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲା। ଆହତମାନଙ୍କୁ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ପୁଲିସ ସୂଚନା ଅନୁଯାୟୀ, ଭାବନଗରରୁ ୪୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ନେଇ ଦ୍ୱାରକା ଓ ସୋମନାଥ ପରି ଧାର୍ମିକ ସ୍ଥଳ ଯାଉଥିବା ବସ୍ ମଙ୍ଗ୍ରୋଲ ସହରର ରାହିଜ୍ ଗାଁ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହଠାତ୍ ଗୋଟିଏ ନୀଳଗାଇ ବସ୍ ଚାଲିଆସିବାରୁ ଦୁର୍ଘଟଣା ଘଟିଥିଲା। ଦୁଇଜଣ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିଚୟ ମିଳିପାରିନାହିଁ।ଆହତମାନଙ୍କୁ ଜୁନାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବସ୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଓଲଟି ପଡ଼ିଥିବା ବସ୍ ଭିତରେ ଫସି ରହିଥିବା ଯାତ୍ରୀମାନଙ୍କୁ ବାହାର କରିବା ପାଇଁ ଏକ୍ସକାଭେଟର ବ୍ୟବହାର କରାଯାଇଥିଲା।

## ଆସୁଛି ବର୍ଷା: ମେ'ରେ ସ୍ୱାଭାବିକ ଠାରୁ ଅଧିକ ଆଶଙ୍କା

**ନୂଆଦିଲ୍ଲୀ:** ଗୋଟିଏ ଅଜବ ପାଣିପାଗ ଏବେ ସାମ୍ନାକୁ ଆସିଛି। ଯେଉଁ ସମୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା କଥା ସେହି ସମୟରେ ହେବ ଅଧିକ ବର୍ଷା। ମେ' ମାସକୁ ସାଧାରଣତଃ ପ୍ରାକ ମୌସୁମୀ ଓ ଗ୍ରୀଷ୍ମ ମାସ ଭାବେ ବିବେଚନା କରାଯାଏ। କିନ୍ତୁ ଚଳିତ ବର୍ଷ ମେ' ମାସରେ ସମଗ୍ର ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ। ବିଭାଗର କହିବା କଥା ଯେ ମେ ମାସରେ ହାରାହାରି ବୃଷ୍ଟିପାତ ୧୧୦%ରୁ ଅଧିକ ରହିବାର ସମ୍ଭାବନା ରହିଛି। ଏହାର ଅର୍ଥ ପାରମ୍ପରିକ ଗ୍ରୀଷ୍ମ ପ୍ରବାହ ତୁଳନାରେ ଏଥର କିଛି ଅସ୍ୱାଭାବିକ ପାଣିପାଗ ଦେଖିବାକୁ ମିଳିବ। ୧୯୭୧ ରୁ ୨୦୨୦ର ତଥ୍ୟ ଅନୁଯାୟୀ, ମେ ମାସ ପାଇଁ LPAର ପରିମାଣ ୬୪.୧ ମିଲିମିଟର ରହିଛି। ହେଲେ ଚଳିତ ବର୍ଷ ମେ' ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ବର୍ଷାର ପରିମାଣ ବଢ଼ିବା ଯୋଗୁ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଲୋକମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ। ତେବେ ଦେଶର ସବୁ ପ୍ରାନ୍ତରେ ବର୍ଷାର ପରିମାଣ ସମାନ ରହିବ ନାହିଁ। କେଉଁଠି ଅଧିକ ବର୍ଷା ହେବ ତ ଆଉ କେଉଁଠି ସ୍ୱାଭାବିକ ଠାରୁ କମ ବର୍ଷିବ। ପୂର୍ବ, ଉତ୍ତର-ପୂର୍ବ ଓ ପୂର୍ବ ମଧ୍ୟ ଭାରତର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ଏହା କୃଷି କାର୍ଯ୍ୟ ଉପରେ ପ୍ରଭାବ ପକାଇବାର ଯଥେଷ୍ଟ ଆଶଙ୍କା ରହିଛି। ଆଇଏମଡିର କହିବା କଥା ପଶ୍ଚିମବଙ୍ଗ, ସିକିମ ଓ ଉତ୍ତର-ପୂର୍ବ ଭାରତରେ ମେ ୫ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୪୦-୬୦ କିମି ବେଗରେ ପବନ ବହିପାରେ। ଉତ୍ତର-ପଶ୍ଚିମ ସମତଳ ଅଞ୍ଚଳ ଓ ହିମାଳୟ ପାଦଦେଶରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ଆଶଙ୍କା ରହିଛି। ଅଛି। ଓଡ଼ିଶା ସମେତ ପୂର୍ବ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ମଧ୍ୟ ଏହି ସମୟରେ ଝଡ଼ବର୍ଷା ଦେଖିବାକୁ ମିଳିପାରେ।

# ବିଶିଷ୍ଟ ଗୀତିକାର ପ୍ରସୂନ୍ ଯୋଶୀ ପ୍ରସାର ଭାରତୀ ଅଧ୍ୟକ୍ଷ

**ନୂଆଦିଲ୍ଲୀ:** ହିନ୍ଦୀ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଗୀତିକାର ତଥା କବି ପ୍ରସୂନ୍ ଯୋଶୀଙ୍କୁ ପ୍ରସାର ଭାରତୀର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରସୂନ୍ଙ୍କ ନାମ ଦେଶର ସାର୍ବଜନୀନ ପ୍ରସାରକର ମୁଖ୍ୟ ଭାବେ ଘୋଷଣା କରାଯାଇଛି। ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଆଶୁତୋଷ ଗୋୱାରିକରଙ୍କୁ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ)ର ନିର୍ଦ୍ଦେଶକ ଭାବରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଦିଆଯିବାର ଦିନକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଡିସେମ୍ବରରେ ପ୍ରଶାସକ ନବନୀତ କୁମାର ସେହଗଲଙ୍କ



ଇସ୍ତଫା ପରେ ପ୍ରସାର ଭାରତୀ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା।ଯୋଶୀ ଜଣେ ପ୍ରତିଷ୍ଠିତ ସୃଜନଶୀଳ ଗୀତିକାର। ସାହିତ୍ୟ, ବିଜ୍ଞାପନ, ସିନେମା ଓ ସାର୍ବଜନୀନ ଯୋଗାଯୋଗ କ୍ଷେତ୍ରରେ ତାଙ୍କର ବ୍ୟାପକ ଅବଦାନ ରହିଛି। ଯୋଶୀ ତାଙ୍କ ପ୍ରଭାବଶାଳୀ ଆଲେଖ୍ୟ, ଗଭୀର ସାଂସ୍କୃତିକ ସମ୍ବେଦନଶୀଳତା ସମସାମୟିକ ଗଣମାଧ୍ୟମର ଦିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଶୀଙ୍କୁ ତାଙ୍କ ନୂଆ ନିଯୁକ୍ତି ନେଇ ଶୁଭେଚ୍ଛା ଜଣାଇଛନ୍ତି। ଏହାପୂର୍ବରୁ ଯୋଶୀ ଅଗଷ୍ଟ ୨୦୧୭ ମସିହାରେ ସେନ୍ସର ବୋର୍ଡ଼ (କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ) ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

# ୭୩ ଏଲ୍‌ପିଜି ବିତରକଙ୍କ ଲାଇସେନ୍ସ ନିଲମ୍ବନ: ୩୪୨ ବିତରକଙ୍କୁ ଜରିମାନା

**ନୂଆଦିଲ୍ଲୀ:** ବଦଳୁଥିବା ଭୂ-ରାଜନୀତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସରକାର। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ କଳାବଜାରୀ ଓ ବେଆଇନ ଏଲ୍ପିଜି ମହଜୁଦକାରୀଙ୍କ ବିରୋଧରେ ଚଢ଼ଉ କରାଯାଉଛି। ଏହିକ୍ରମରେ ଶୁକ୍ରବାର ସୁଦ୍ଧା ୧୭୦୦ରୁ ଅଧିକ ଚଢ଼ାଉ କରାଯାଇଛି। ସରକାରୀ ତୈଳ କମ୍ପାନୀଗୁଡିକ ଆକସ୍ମିକ ଯାଞ୍ଚକୁ ସୁଦୃଢ଼ କରି ୩୪୨ ଟି ଏଲପିଜି ବିତରକ ସଂସ୍ଥା ଉପରେ ଜରିମାନା ଲଗାଇଛନ୍ତି, ଏବଂ ଗତକାଲି ସୁଦ୍ଧା ୭୩ ଟି ଏଲପିଜି ବିତରକ ସଂସ୍ଥାକୁ ନିଲମ୍ବିତ କରିଥିବା ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଆଜି ଆୟୋଜିତ ସାମ୍ବିଦିକ ସମ୍ମିଳନୀରେ ପ୍ରଦତ୍ତ ସୂଚନା ଅନୁସାରେ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ନିଶ୍ଚିତ କରିବାକୁ ସରକାର ସମସ୍ତ ପ୍ରକାର ପ୍ରୟାସ କରୁଥିବାରୁ ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ର ଆତଙ୍କିତ କ୍ରୟରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଗୁଜବ ପ୍ରତି ସତର୍କ ରୁହି ସଠିକ୍ ସୂଚନା ପାଇଁ ସରକାରୀ ସୂତ୍ର ଉପରେ ଭରସା କରିବାକୁ ମନ୍ତ୍ରଣାଳୟ ନିବେଦନ କରିଛି। ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକମାନଙ୍କ ପାଖକୁ ଯିବାକୁ ବାରଣ କରିବାକୁ ଅନୁରୋଧ କରାଯାଇଛି। ନାଗରିକମାନଙ୍କୁ ପିଏନଜି ଏବଂ ଇଲେକ୍ଟ୍ରିକ୍ କିମ୍ବା ଇଣ୍ଡକସନ୍ କୁକ୍‌ଟପ୍ ଭଳି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ସମସ୍ତ ନାଗରିକଙ୍କୁ ବର୍ତ୍ତମାନର ପରିସ୍ଥିତିରେ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଞ୍ଚୟ କରିବା ପାଇଁ ଆବଶ୍ୟକ ପ୍ରୟାସ କରିବାକୁ ଅନୁରୋଧ କରାଯାଇଛି।

ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତିରେ ଅସନ୍ତୁଳନତା ସତ୍ତ୍ୱେ, ସରକାର ଘରୋଇ ଏଲପିଜି, ଘରୋଇ ପିଏନଜି ଏବଂ ସିଏନଜି-ପରିବହନର ୧୦୦% ଯୋଗାଣ ନିଶ୍ଚିତ କରିଛନ୍ତି। ବାଣିଜ୍ୟିକ ଏଲପିଜି ପାଇଁ ହସ୍ପିଟାଲ, ଶିକ୍ଷାନୁଷ୍ଠାନକୁ ପ୍ରାଥମିକତା ଦିଆଯାଇଛି। ଏହା ବ୍ୟତୀତ ଫାର୍ମା, ଷ୍ଟିଲ୍, ଅଟୋମୋବାଇଲ୍, ବିହନ, କୃଷି ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ଏହା ସହିତ, ୨ ଏବଂ ୩ ମାର୍ଚ୍ଚ ୨୦୨୬ ର ହାରାହାରି ଦୈନନ୍ଦିନ ଯୋଗାଣ ଆଧାରରେ ପ୍ରବାସୀ ଶ୍ରମିକମାନଙ୍କୁ ୫ କିଲୋଗ୍ରାମ ଏଫଟିଏଲ୍ ଯୋଗାଣ ମଧ୍ୟ ଦ୍ୱିଗୁଣିତ କରାଯାଇଛି। ସରକାର ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ଯୁକ୍ତିଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିସାରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି, ସହରାଞ୍ଚଳରେ ବୁକିଂ ବ୍ୟବଧାନ ୨୧ ରୁ ୨୫ ଦିନକୁ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଯୋଗାଣ ବେଳେ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଲପିଜି ଚାହିଦା ଉପରେ ଚାପ ହ୍ରାସ କରିବା ପାଇଁ କିରୋସିନି ଏବଂ କୋଇଲା ଭଳି ବିକଳ୍ପ ଜାଳେଣି ଉପଲବ୍ଧ କରାଯାଇଛି। କୋଇଲା ମନ୍ତ୍ରଣାଳୟ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କଲିଅରିଜ୍‌କୁ କ୍ଷୁଦ୍ର ଏବଂ ମଧ୍ୟମ ଗ୍ରାହକମାନଙ୍କ ମଧ୍ୟରେ ବଣ୍ଟନ ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କୋଇଲା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛି। ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କ ପାଇଁ ନୂତନ ପିଏନଜି ସଂଯୋଗ ସୁବିଧା ଯୋଗାଇବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏପ୍ରିଲ ୨୦୨୬ ମାସରୁ ବର୍ତ୍ତମାନ ସୁଦ୍ଧା ୨୨.୭୮ ଲକ୍ଷରୁ ଅଧିକ - ୫ କିଲୋଗ୍ରାମ ଏଫଟିଏଲ୍ ସିଲିଣ୍ଡର ବିକ୍ରୟ କରାଯାଇଛି। ୩ ଏପ୍ରିଲ ୨୦୨୬ ରୁ ସରକାରୀ ତୈଳ ବିପଣନ କମ୍ପାନୀ ଗୁଡିକ ୫ କିଲୋଗ୍ରାମ ଏଫଟିଏଲ୍ ସିଲିଣ୍ଡର ପାଇଁ ୯୯୮୦ ରୁ ଅଧିକ ସଚେତନତା ଶିବିର ଆୟୋଜନ କରିଛନ୍ତି, ଯେଉଁଥିରେ ୧,୭୧,୦୦୦ ରୁ ଅଧିକ - ୫ କିଲୋଗ୍ରାମ ଏଫଟିଏଲ୍ ସିଲିଣ୍ଡର ମଧ୍ୟ ବିକ୍ରୟ କରାଯାଇଛି।

## ଇରାନରେ ଅଫୁଟା ବୋମା ବିସ୍ଫୋରଣ, ୧୪ ସୈନ୍ୟଙ୍କ ମୃତ୍ୟୁ

**ତେହେରାନ / ଜଞ୍ଜାନ:** ଇରାନରୁ ଏକ ଦୁଃଖଦ ସାମରିକ ଦୁର୍ଘଟଣା ସାମ୍ନାକୁ ଆସିଛି। ଯୁଦ୍ଧ ସମୟର ଅଫୁଟା ବୋମାଗୁଡ଼ିକୁ ସଫା କରୁଥିବା ବେଳେ ଏକ ଭୟଙ୍କର ବିସ୍ଫୋରଣ ଘଟି ଇରାନର ୧୪ ଜଣ ରୋଭୋଲ୍ୟୁସନାରୀ ଗାର୍ଡ (IRGC) ପ୍ରାଣ ହରାଇଛନ୍ତି।

ଏହି ବିସ୍ଫୋରଣ ଉତ୍ତର-ପଶ୍ଚିମ ଇରାନର ଜଞ୍ଜାନ ପ୍ରଦେଶରେ ଘଟିଛି। ସେନାର ଏକ ବିଶେଷଜ୍ଞ ଦଳ ଚାଷ ଜମିରୁ ଯୁଦ୍ଧ ସମୟର ଅଫୁଟା କ୍ଲଷ୍ଟର ବୋମା ଏବଂ ଏୟାର ମାଇନ୍ସଗୁଡ଼ିକୁ ଉଦ୍ଧାର କରୁଥିଲେ। ସେହି ସମୟରେ ହଠାତ୍ ବିସ୍ଫୋରଣ ଘଟିବାରୁ ଏହି ପ୍ରାଣହାନୀ ହୋଇଛି। ଗତ ଏପ୍ରିଲ ୭ ତାରିଖରେ ଆମେରିକା ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହେବା ପରେ ଏହା ଇରାନ ସେନା ପାଇଁ ସବୁଠାରୁ ବଡ଼ କ୍ଷୟକ୍ଷତି ବୋଲି କୁହାଯାଉଛି।

୫ ବିଲିୟନ ଡଲାରର କ୍ଷତି: ଆମେରିକାର ନୌସେନା ନାକାବନ୍ଦୀ



ଯୋଗୁଁ ଇରାନ ପ୍ରାୟ ୫ ବିଲିୟନ ଡଲାରର (ପାଖାପାଖି ୪୨ ହଜାର କୋଟି ଟଙ୍କା) ତୈଳ ରାଜସ୍ୱ ହରାଇଛି।

ଅଟକିଛି ତୈଳ ଟ୍ୟାଙ୍କର: ଓମାନ ଉପସାଗରରେ ଆମେରିକୀୟ ନୌସେନାର କଟକଣା ଯୋଗୁଁ ୩୧ଟି ଟ୍ୟାଙ୍କର ଏବେ ସମୁଦ୍ର ମଝିରେ ଫସି ରହିଛି। ଏଥିରେ ପ୍ରାୟ ୫୩ ମିଲିୟନ ବ୍ୟାରେଲ୍ କଞ୍ଚା ତୈଳ ରହିଛି।

ଟ୍ରମ୍ପଙ୍କ ରଣନୀତି: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ନାକାବନ୍ଦୀକୁ ଇରାନ ବିରୋଧରେ ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି, ଯାହାଦ୍ୱାରା ଇରାନ ଶାନ୍ତି ଆଲୋଚନା ପାଇଁ ବାଧ୍ୟ ହେବ।

ଷ୍ଟୋରେଜ୍ ସମସ୍ୟା: ଇରାନରେ ତୈଳ ସାଇତି ରଖିବା ପାଇଁ ସ୍ଥାନ ଅଭାବ ହେବାରୁ ସେମାନେ ଏବେ ପୁରୁଣା ଜାହାଜଗୁଡ଼ିକୁ 'ଭସାଣ ଗୋଦାମ' (Floating Storage) ଭାବେ ବ୍ୟବହାର କରୁଛନ୍ତି।

ଇରାନ ଏକା ସାଙ୍ଗରେ ଆଭ୍ୟନ୍ତରୀଣ ସାମରିକ ଦୁର୍ଘଟଣା ଏବଂ ଆମେରିକାର ଆର୍ଥିକ ପ୍ରହାରର ସମ୍ମୁଖୀନ ହେଉଛି। ଯୁଦ୍ଧ ସମୟର ରହିଯାଇଥିବା ଏହି ଅଫୁଟା ବୋମାଗୁଡ଼ିକ ଏବେ ସାଧାରଣ ଲୋକଙ୍କ ଜୀବନ ଓ ଜୀବିକା ପାଇଁ ଏକ ବଡ଼ ବିପଦ ସୃଷ୍ଟି କରୁଛି।

# ଇରାନର ନୂତନ ପ୍ରସ୍ତାବକୁ ଟ୍ରମ୍ପଙ୍କ ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ:** ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ପୁଣି ବୃଦ୍ଧି ପାଇଛି । ଏହାରି ମଧ୍ୟରେ ଆମେରିକା ଏବଂ ଇସ୍ରାଏଲ ସହ ପୁଣି ଥରେ ଯୁଦ୍ଧ ଆରମ୍ଭ ହୋଇପାରେ । ଇରାନର ଜଣେ ସୈନ୍ୟ ଅଧିକାରୀ ମହମ୍ମଦ ଜାଫର ଆସାଦି କହିଛନ୍ତି ଯେ, ଆମେରିକା କୌଣସି ଚୁକ୍ତିନାମାକୁ ଠିକ୍ ଭାବରେ ପାଳନ କରୁନାହିଁ। ଆମେରିକୀୟ ଅଧିକାରୀଙ୍କ ବୟାନ କେବଳ ଦେଖାଣିଆ ବୋଲି ଆସାଦି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଇରାନର ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ଯଦି କୌଣସି ଆକ୍ରମଣ ହୁଏ ତେବେ ପ୍ରତିଶୋଧ ନିଆଯିବ। ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଆଲୋଚନାର ଏକ ନୂତନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଇରାନ ଏପରି ସର୍ତ୍ତ ରଖିଛି ଯାହାକୁ ସେ ଗ୍ରହଣ କରିପାରିବେ ନାହିଁ। ଇରାନର ନେତାମାନଙ୍କ ମଧ୍ୟରେ ଏକତା ନାହିଁ । ଅନ୍ୟପକ୍ଷରେ, ଟ୍ରମ୍ପ ମଧ୍ୟ ଦାବି କରୁଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଜାରି ରହିଛି, ତେଣୁ ଯୁଦ୍ଧ ବନ୍ଦ ଅଛି । ସେମାନେ ଚୁକ୍ତି କରିବାକୁ ଚାହୁଁଛନ୍ତି, କିନ୍ତୁ ମୁଁ ଏଥିରେ ସନ୍ତୁଷ୍ଟ ନୁହେଁ, ତେଣୁ ଆଗକୁ କ'ଣ ହେବ ତାହା ଆମେ ଦେଖିବୁ । ତେବେ ଇରାନର ଏହି ପ୍ରସ୍ତାବରେ କ'ଣ ତ୍ରୁଟି ରହିଛି ତାହା ଟ୍ରମ୍ପ ସ୍ପଷ୍ଟ କରି ନାହାନ୍ତି। ଟ୍ରମ୍ପ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଆମେରିକା ଏହି ଯୁଦ୍ଧ ଲଢୁଛି, କାରଣ ଆମେ ପରମାଣୁ ଅସ୍ତ୍ରଶସ୍ତ୍ରକୁ ପାଗଳଙ୍କ ହାତରେ ରଖିବାକୁ ଦେବୁନାହିଁ। ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ଅତ୍ୟନ୍ତ ଜରୁରୀ।ଇରାନରେ ୬୪ ଦିନ ହେଲା ଇଣ୍ଟରନେଟ୍ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଇଣ୍ଟରନେଟ୍ ମନିଟରିଂ ସଂଗଠନ ନେଟବ୍ଲକ୍ସ ଅନୁଯାୟୀ, ଦେଶ ପ୍ରାୟତଃ ଅନ୍ତର୍ଜାତୀୟ ନେଟୱାର୍କରୁ ବିଚ୍ଛିନ୍ନ ହୋଇଯାଇଛି। ସରକାର ବିରୋଧୀ ପ୍ରତିବାଦ ପରେ ଜାନୁଆରୀ ଆରମ୍ଭରେ ଏହି ପ୍ରତିବନ୍ଧକ ଲାଗୁ କରାଯାଇଥିଲା ଏବଂ ଫେବୃଆରୀ ଶେଷ ଭାଗରେ ଏହାକୁ ଆହୁରି କଡ଼ାକଡ଼ି କରାଯାଇଥିଲା। ଇଣ୍ଟରନେଟ୍ ବନ୍ଦ ହେବା ଫଳରେ ଦେଶରେ ବ୍ୟବସାୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି ଏବଂ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛି ।

# ଜର୍ମାନୀକୁ ବଡ଼ ଝଟକା ଦେଲେ ଆମେରିକା

**ନୂଆଦିଲ୍ଲୀ:** ଆମେରିକା ନାଟୋକୁ ଏକ ବଡ଼ ଝଟକା ଦେଇଛି। ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଯେ, ସହଯୋଗୀ ଦେଶ ଜର୍ମାନୀରୁ ୫ ହଜାର ସୈନିକ ପ୍ରତ୍ୟାହାର କରାଯିବ। ଏହି ପଦକ୍ଷେପ ଏପରି ସମୟରେ ନିଆଯାଇଛି ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଜର୍ମାନ ଚାନ୍ସେଲରଙ୍କ ମନ୍ତବ୍ୟ ଯୋଗୁଁ ୟୁରୋପରରେ ବିରୋଧୀ ସ୍ୱର ଉଠିବାରେ ଲାଗିଛି। ଟ୍ରମ୍ପ ଏବଂ ଜର୍ମାନ ଚାନ୍ସେଲରଙ୍କ ମଧ୍ୟରେ ବିତର୍କ ପରେ ପେଣ୍ଟାଗନ ଏହି ପଦକ୍ଷେପ ନେଇଛି। ସେନା ପ୍ରତ୍ୟାହାର ପ୍ରକ୍ରିୟା ଛଅରୁ ୧୨ ମାସ ମଧ୍ୟରେ ସମାପ୍ତ ହେବ। ପେଣ୍ଟାଗନର ଏହି ପଦକ୍ଷେପ ଦ୍ୱାରା ୟୁରୋପରେ ଆମେରିକୀୟ ସୈନ୍ୟ ସଂଖ୍ୟା ୨୦୨୨ ପୂର୍ବ ସ୍ତରକୁ ଫେରାଇ ଆଣାଯିବ। ୟୁକ୍ରେନରେ ରୁଷର ଆକ୍ରମଣ ପରେ, ତତ୍କାଳୀନ ରାଷ୍ଟ୍ରପତି ଜୋ ବାଇଡେନ ୟୁରୋପରେ ସୈନ୍ୟ ସଂଖ୍ୟା ବୃଦ୍ଧି କରିଥିଲେ। ତେବେ ଆମେରିକା ଏବେ ସେହି ନିଷ୍ପତ୍ତିଗୁଡ଼ିକୁ ବଦଳାଉଛି।

# ପେଟ୍ରୋଲ୍, ଡିଜେଲ୍, ଘରୋଇ ଏଲପିଜିର ଖୁଚୁରା ମୂଲ୍ୟ ଅପରିବର୍ତ୍ତିତ

**ନୂଆଦିଲ୍ଲୀ:** ପଶ୍ଚିମ ଏସିଆର ବଢୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭାରତ ସରକାର ସମନ୍ୱିତ ପ୍ରତିକ୍ରିୟା ପଦକ୍ଷେପ ମାଧ୍ୟମରେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ନିରନ୍ତରତା ସୁନିଶ୍ଚିତ କରିବାରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ନିମ୍ନଲିଖିତ ଅପଡେଟ୍ ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସହାୟତା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ରୂପରେଖ ପ୍ରଦାନ କରିଛି।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପଶ୍ଚିମ ଏସିଆର ବଢୁଥିବା ପରିସ୍ଥିତି ପରିପ୍ରେକ୍ଷୀରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ରୂପରେଖା ପ୍ରଦାନ କରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ:

ପ୍ରାଥମିକ ଭାବରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ସମସ୍ତ ପ୍ରୟାସ କରୁଥିବାରୁ ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଆତଙ୍କିତ କ୍ରୟରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକମାନଙ୍କୁ ପରିଦର୍ଶନ କରିବାରୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଛି। ନାଗରିକମାନଙ୍କୁ ପିଏନଜି ଏବଂ ବୈଦ୍ୟୁତିକ କିମ୍ବା ଇଣ୍ଡକ୍ସନ୍ କୁକଟପ୍ ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ସମସ୍ତ ନାଗରିକଙ୍କୁ ବର୍ତ୍ତମାନର ପରିସ୍ଥିତିରେ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ ପାଇଁ ଆବଶ୍ୟକ ପ୍ରୟାସ କରିବାକୁ ଅନୁରୋଧ କରାଯାଇଛି।

ସରକାରୀ ପ୍ରସ୍ତୁତି ଏବଂ ଯୋଗାଣ ପରିଚାଳନା ପଦକ୍ଷେପ

ଚଳିତ ଭୌଗୋଳିକ ରାଜନୈତିକ ପରିସ୍ଥିତି ସତ୍ତ୍ୱେ, ସରକାର ନିଶ୍ଚିତ କରିଛନ୍ତି ଯେ ଘରୋଇ ଏଲପିଜି, ଘରୋଇ ପିଏନଜି ଏବଂ ସିଏନଜି (ପରିବହନ) ପାଇଁ ୧୦୦% ଯୋଗାଣ କରାଯାଉଛି।

ବାଣିଜ୍ୟିକ ଏଲପିଜି ପାଇଁ, ହସ୍ପିଟାଲ, ଶିକ୍ଷାନୁଷ୍ଠାନକୁ ପ୍ରାଥମିକତା ଦିଆଯାଇଛି। ଏହା ବ୍ୟତୀତ, ଔଷଧ, ଇସ୍ପାତ, ଅଟୋମୋବାଇଲ, ବିହନ, କୃଷି ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ଏହା ସହିତ, ପ୍ରବାସୀ ଶ୍ରମିକଙ୍କୁ ୫ କିଲୋଗ୍ରାମ ଏଫଟିଏଲ ଯୋଗାଣ ମଧ୍ୟ ୨ ଏବଂ ୩ ମାର୍ଚ୍ଚ ୨୦୨୬ ରେ ଦୈନିକ ହାରାହାରି ଯୋଗାଣ ଉପରେ ଆଧାର କରି ଦ୍ୱିଗୁଣିତ କରାଯାଇଛି।

ସରକାର ପୂର୍ବରୁ ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି କରିବା, ସହରାଞ୍ଚଳରେ ବୁକିଂ ବ୍ୟବଧାନକୁ ୨୧ ରୁ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ଯୋଗାଣ ପାଇଁ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଅନ୍ତର୍ଭୁକ୍ତ।

ଏଲପିଜି ଚାହିଦା ଉପରେ ଚାପ କମ କରିବା ପାଇଁ କିରୋସିନି ଏବଂ କୋଇଲା ଭଳି ବିକଳ୍ପ ଇନ୍ଧନ ଉପଲବ୍ଧ କରାଯାଇଛି। କୋଇଲା ମନ୍ତ୍ରଣାଳୟ କ୍ଷୁଦ୍ର ଏବଂ ମଧ୍ୟମ ଗ୍ରାହକଙ୍କୁ ବଣ୍ଟନ ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କୋଇଲା ଯୋଗାଣ କରିବାକୁ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କୋଲିଆରିଜ୍ କୁ ନିର୍ଦ୍ଦେଶ ଦେଇଛି। ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକଙ୍କ ପାଇଁ



ନୂତନ ପିଏନଜି ସଂଯୋଗକୁ ସହଜ କରିବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି।

ଏଲପିଜିର ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ସାରା ଦେଶରେ ପ୍ରବର୍ତ୍ତନ କାର୍ଯ୍ୟ ଜାରି ରହିଛି। ଗତକାଲି, ସାରା ଦେଶରେ ୨୩୦୦ ରୁ ଅଧିକ ଚଢାଉ କରାଯାଇଥିଲା। ପିଏସୟୁ ତୈଳ ବିପଣନ କମ୍ପାନୀଗୁଡ଼ିକ ଅଚାନକ ଯାଞ୍ଚକୁ ସୁଦୃଢ଼ କରିଛନ୍ତି ଏବଂ ଗତକାଲି ପର୍ଯ୍ୟନ୍ତ ୩୪୨ ଟି ଏଲପିଜି ବିତରକଙ୍କ ଉପରେ ଦଣ୍ଡାଦେଶ ଲଗାଇଛନ୍ତି ଏବଂ ୭୩ ଟି ଏଲପିଜି ବିତରକଙ୍କୁ ନିଲମ୍ବିତ କରିଛନ୍ତି। ୩୦.୦୪.୨୦୨୬ ରେ, ୪୭ ଟି ଏଲପିଜି ବିତରକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା, ୬ ଟି ବିତରକଙ୍କ ଉପରେ ଦଣ୍ଡାଦେଶ ଦିଆଯାଇଥିଲା ଏବଂ ୧ ଟି ବିତରକଙ୍କୁ ନିଲମ୍ବିତ କରାଯାଇଥିଲା।

ଘରୋଇ ଏଲପିଜି ଯୋଗାଣ ସ୍ଥିତି: ପ୍ରଚଳିତ ଭୂରାଜନୈତିକ ପରିସ୍ଥିତି ଦ୍ୱାରା ଏଲପିଜି ଯୋଗାଣ ପ୍ରଭାବିତ ହେଉଛି। ଘରୋଇ ପରିବାରକୁ ଏଲପିଜି ଯୋଗାଣକୁ ପ୍ରାଥମିକତା ଦିଆଯାଇଛି। ଏଲପିଜି ବିତରକମାନଙ୍କରେ କୌଣସି ଡ୍ରାଏ-ଆଉଟ୍ ରିପୋର୍ଟ କରାଯାଇନାହିଁ। ଗତକାଲି ଶିଳ୍ପ ଆଧାରରେ ଅନଲାଇନ୍ ଏଲପିଜି ସିଲିଣ୍ଡର ବୁକିଂ ୯୮%କୁ ବୃଦ୍ଧି ପାଇଛି। ଡାଇଭର୍ସନକୁ ରୋକିବା ପାଇଁ ଡେଲିଭରି ପ୍ରମାଣୀକରଣ କୋଡ୍ (ଡିଏସି) ଆଧାରିତ ଡେଲିଭରି ପ୍ରାୟ ୯୩%କୁ ବୃଦ୍ଧି ପାଇଛି। ୩୦.୦୪.୨୦୨୬ରେ ପ୍ରାୟ ୪୧.୬ ଲକ୍ଷ ଏଲପିଜି ସିଲିଣ୍ଡର ବୁକିଂ ହୋଇଥିବା ବେଳେ ପ୍ରାୟ ୪୯.୮ ଲକ୍ଷ ଘରୋଇ ଏଲପିଜି ସିଲିଣ୍ଡର ବିତରଣ କରାଯାଇଥିଲା।

**ଆଇପିଏଲ ମହାସମର**

# ମୁମ୍ବାଇକୁ ଧରାଶାୟୀ କଲା ଚେନ୍ନାଇ

ଚେନ୍ନାଇ,୨।୫(ଏଜେନ୍ସି): ଚଳିତ ଆଇପିଏଲରେ ଚେନ୍ନାଇ ସୁପରକିଙ୍ଗ୍ସ ପ୍ଲେ ଅଫ୍ସ ଯୋଗ୍ୟତା ପାଇଁ ସଂଘର୍ଷ ଜାରି ରଖିଛି । ଶନିବାର ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ୮ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାଜିତ କରି ଚତୁର୍ଥ ବିଜୟ ହାସଲ କରିଛି । ଏହାକୁ ମିଶାଇ ଚେନ୍ନାଇ ମୋଟ୍ ୯ ମ୍ୟାଚରୁ ୮ ପଏଣ୍ଟ ସହ ଟେବୁଲର ସପ୍ତମ ସ୍ଥାନରେ ରହିଛି । ପରାଜିତ ମୁମ୍ବାଇ ୯ ମ୍ୟାଚରୁ ୪ ପଏଣ୍ଟ ପାଇ ନବମରେ ରହିଛି । ଏହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା । ଜବାବରେ ଚେନ୍ନାଇ ସୁପରକିଙ୍ଗ୍ସ ୧୮.୧ ଓଭରରେ ୧୬୦/୨ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା ।




ଟସ ଜିତି ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । କିନ୍ତୁ ଦଳୀୟ ସ୍କୋର ୧ ରନ୍ ବେଳେ ୱିଲଜ୍ୟାକ୍ସ ୧ ରନ୍ କରି କାମ୍ବୋଜଙ୍କ ଶିକାର ହୋଇଥିଲେ । ଏହାପରେ ରିଆନ ରିକେଲଟନ ଓ ନମନଧୀର ଦଳୀୟ ସ୍କୋର ୫୯ ପର୍ଯ୍ୟନ୍ତ ଦେଇଥିଲେ । ରିକେଲଟନ ୨୪ ବଲରୁ ୩୭ ଏବଂ ନମନ ଧୀର ୩୭ ବଲରୁ ୫୭ ରନ୍ କରିଥିଲେ । ସୂର୍ଯ୍ୟ କୁମାର ଯାଦବ ୧୨ ବଲରୁ ୨୧, ତିଲକ ବର୍ମା ୫, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୩ ବଲରୁ ୧୮, ରବିନ ମିଞ୍ଜ ୫, କ୍ରିସ ଭଗତ ଅପରାଜିତ ୩ ଓ ଟ୍ରେଣ୍ଟ ବୋଲ୍ଟ ୭ ରନ୍ କରିଥିଲେ । ମୁମ୍ବାଇ ଇନିଂସରେ ଏକମାତ୍ର ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା । ନମନ ଧୀରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ଆଶାତୀତ ପ୍ରଦର୍ଶନ ଦେଖାଇ ପାରିନଥିଲେ । ତେଣୁ ବଡ଼ ସ୍କୋର ଆଡେ ମୁହାଁଇଥିବା ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ଚେନ୍ନାଇର ଅଂଶୁଲ କାମ୍ବୋଜ ୩ଟି, ନୁର ଅହମ୍ମଦ ୨ଟି, ରାମକୃଷ୍ଣ ଘୋଷ ଓ ଜାମିନ ଓଭରଟନ ଗୋଟିଏ ଲେଖାଏଁ ୱିକେଟ ସଫଳତା ହାସଲ କରିଛନ୍ତି ।

ଚେନ୍ନାଇ ପାଇଁ ୧୬୦ ରନର ବିଜୟଲକ୍ଷ୍ୟ ସହଜ ଥିଲା । ୧୩ ରନରେ ଓପନର ସଞ୍ଜୁ ସାମସନ (୧୧ ରନ୍)ଙ୍କ ୱିକେଟ୍ ପଡିବା ସତ୍ତ୍ୱେ ଅଧିନାୟକ ରିତୁରାଜ ଗାଏକ୍ୱାର୍ଡ ସ୍ଥିତି ସମ୍ଭାଳି ଥିଲେ । ଋତୁରାଜ ଓ ଉର୍ଭିଲ ପଟେଲ ଦ୍ୱିତୀୟ ୱିକେଟ୍ ପାଇଁ ୪୯ ରନ୍ ସଂଗ୍ରହ କରିଥିଲେ । ଉର୍ଭିଲ ୧୨ଟି ବଲର ସମ୍ମୁଖୀନ ହୋଇ ୨ଟି ଲେଖାଏଁ ଚୌକା ଛକା ସହିତ ୨୪ ରନ୍ କରିଥିଲେ । କାର୍ତ୍ତିକ ଶର୍ମା ଓ ଋତୁରାଜ ଗାଏକ୍ୱାର୍ଡଙ୍କ ଯୋଡି ଆଉ ୱିକେଟ୍ ପଡିବାକୁ ଦେଇନଥିଲେ । ତୃତୀୟ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୯୮ ରନର ପାଟନରସିପ ହୋଇଥିଲା । ଋତୁରାଜ ୪୮ ବଲରୁ ୫ଟି ଚୌକା ଓ ୨ଟି ଛକା ସହାୟତାରେ ୬୭ ରନ ଏବଂ କାର୍ତ୍ତିକ ଶର୍ମା ୪୦ ବଲରୁ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୫୪ ରନ ସଂଗ୍ରହ କରିଥିଲେ । ତେଣୁ ଚେନ୍ନାଇ ୧୮.୧ ଓଭରରେ ୧୬୦/ ୨ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ବୋଲିଂରେ ମୁମ୍ବାଇର ଯଶପ୍ରୀତ ବୁମରା ଓ ଘଜନଫର ଗୋଟିଏ ସଫଳତା ହାସଲ କରିଥିଲେ ।




## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୮ | ୬ | ୧ | ୧୩ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ |
| ସନରାଇଜର୍ସ | ୯ | ୬ | ୩ | ୧୨ |
| ରାଜସ୍ଥାନ | ୧୦ | ୬ | ୪ | ୧୨ |
| ଗୁଜରାଟ | ୯ | ୫ | ୪ | ୧୦ |
| ଚେନ୍ନାଇ | ୯ | ୪ | ୫ | ୮ |
| ଦିଲ୍ଲୀ | ୯ | ୪ | ୫ | ୮ |
| କୋଲକାତା | ୮ | ୨ | ୫ | ୫ |
| ମୁମ୍ବାଇ | ୯ | ୨ | ୭ | ୪ |
| ଲକ୍ଷ୍ନୌ | ୮ | ୨ | ୬ | ୪ |

## ଆଜିର ମ୍ୟାଚ

- ସନରାଇଜର୍ସ-କୋଲକାତା
- ସ୍ଥାନ- ହାଇଦ୍ରାବାଦ
- ସମୟ- ଅପରାହ୍ଣ ୩.୩୦

* ଗୁଜରାଟ-ପଞ୍ଜାବ
* ସ୍ଥାନ - ଅହମ୍ମଦାବାଦ
* ସମୟ - ରାତି ୭.୩୦

- ପ୍ରସାରଣ - ଷ୍ଟାର ନେଟୱାର୍କ

# ନୀଳାଚଳ ଟ୍ରଫି: ପ୍ରଗତୀ-ୟୁନିଅନ ସ୍ପୋର୍ଟିଂ ଫାଇନାଲ

ଭୁବନେଶ୍ୱର,୨।୫(ସବ୍ୟୁ): ପୁରୀର ଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ୧୭ତମ ସର୍ବଭାରତୀୟ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ରବିବାର ଟାଇଟଲ ଲଢ଼େଇରେ କଟକର ୟୁନିଅନ ସ୍ପୋର୍ଟିଂ ଓ ଭୁବନେଶ୍ୱରର ପ୍ରଗତୀ ସ୍ପୋର୍ଟିଂ ମୁହାଁମୁହିଁ ହେବେ । ଦ୍ୱିତୀୟ ସେମିଫାଇନାଲରେ ପ୍ରଗତୀ ସ୍ପୋର୍ଟିଂ ୭ ୱିକେଟରେ ଦିଲ୍ଲୀର ପାଲମ ବିହାର କ୍ଲବକୁ ପରାଜିତ କରିଥିଲା । ଏହି ମ୍ୟାଚରେ ପ୍ରଗତୀ ସ୍ପୋର୍ଟିଂ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ପାଲମ ବିହାର ୩୧.୫ ଓଭରରେ ୧୧୨ ରନ୍ କରି ଅଲଆଉଟ୍ ହୋଇଥିଲା । ସୁମରନଜିତ ସିଂ ୪୦ ରନ୍ ଓ ଜିତେଶ୍ୱର ଯାଦବ ୨୦ ତଥା ବଂଶ ବଜାଜ ୧୯ ରନ୍ କରିଥିଲେ । ବୋଲିଂରେ ପ୍ରଗତୀ ସ୍ପୋର୍ଟିଂର ଅଭିଜିତ ରାଉତ ୪ଟି, ମିଳନ ସାମଲ ୪ଟି ଓ ଅଂଶୁମାନ ବେଜଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା । ଜବାବରେ ପ୍ରଗତୀ ସ୍ପୋର୍ଟିଂ ୧୪.୧ ଓଭରରେ ୧୧୩/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ଆୟୁଷ ଚାନ୍ଦ ୪୧, ଆୟୁଷ ୩୮ ଓ ଶାନ୍ତନୁ ମିଶ୍ର ୧୫ ରନ କରିଥିଲେ । ପାଲମ ବିହାରର ନିଶାନ୍ତ ନିଶିକେର ୨ ୱିକେଟ୍ ଓ ସଚିନ ଧୁଲୋ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା । ମିଳନ ସାମଲଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଜ୍ଜିବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଓଡ଼ିଶା ମୁଖ୍ୟ ଅଜିତ ରଥ ଅତିଥି ଭାବେ ଯୋଗଦେଇଥିଲେ । ଅମ୍ପାୟାର ଦେବବ୍ରତ ଦାସ ଓ ଚନ୍ଦ୍ର ମୋହନ ବରାଳ ମ୍ୟାଚ ପରିଚାଳନା କରିଥିଲେ ।




# ମହିଳା ଟି-୨୦ ବିଶ୍ୱକପ : ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ,୨।୫(ଏଜେନ୍ସି): ମହିଳା ଟି-୨୦ ବିଶ୍ୱକପ ୨୦୨୬ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି । ଚଳିତ ବର୍ଷ ଏହି ବିଶ୍ୱକପ ଇଂଲଣ୍ଡରେ ଆୟୋଜିତ ହେବ । ଜୁନ ୧୨ରେ ଆରମ୍ଭ ହୋଇ ଜୁଲାଇ ୫ରେ ଶେଷ ହେବ ବିଶ୍ୱକପ । ଜୁନ୍ ୧୪ରେ ପାକିସ୍ତାନ ମ୍ୟାଚରୁ ଭାରତ ବିଶ୍ୱକପ ଆରମ୍ଭ କରିବ । ମହିଳା ବିଶ୍ୱକପ ଏପର୍ଯ୍ୟନ୍ତ ୯ ଥର ଖେଳାଯାଇଛି । ଅଷ୍ଟ୍ରେଲିଆ ସର୍ବାଧିକ ୬ଥର ଚାମ୍ପିଅନ ହୋଇଛି । ଏହାବ୍ୟତୀତ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ଥରେ ଲେଖାଏଁ ବିଶ୍ୱକପ ଟ୍ରଫି ଜିତିଛନ୍ତି । ଭାରତୀୟ ମହିଳା ଦଳ ଚଳିତ ଟି-୨୦ ବିଶ୍ୱକପ ବିଜୟୀ ହେବାରୁ ଆଶାବାଦୀ ଅଛି । ଏହା ପୂର୍ବରୁ ୨୦୨୫ ଦିନିକିଆ ବିଶ୍ୱକପ ଦଳ ବିଜୟୀ ହୋଇଥିଲା । ଟି-୨୦ ବିଶ୍ୱକପ ପାଇଁ ଘୋଷଣା ହୋଇଥିବା ୧୫ ଜଣିଆ ଭାରତୀୟ ଦଳରୁ ପ୍ରତୀକା ରାୱଲ ବାଦ ପଡିଥିବା ବେଳେ ତାଙ୍କ ସ୍ଥାନରେ ଜସ୍ତିକା ଭାଟିଆ ସାମିଲ ହୋଇଛନ୍ତି ।

ଭାରତୀୟ ଦଳ: ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପଅଧିନାୟକ), ଶେଫାଳି ବର୍ମା, ଜେମିମା ରୋଡ୍ରିଗୁଏଜ୍ ଭାରତୀ ଫୁଲମାଳୀ, ଦିପ୍ତୀ ଶର୍ମା, ରିଚା ଘୋଷ, ଶ୍ରୀଚରଣେ, ଜସ୍ତିକା ଭାଟିଆ, ନନ୍ଦିନୀ ଶର୍ମା, ଅରୁଣଧତୀ ରେଡ୍ଡୀ, ରେଣୁକା ଠାକୁର, କାନ୍ତୀ ଗୋଡ, ଶ୍ରୀଅଙ୍କା ପାଟିଲ, ରାଧା ଯାଦବ ।

ଭାରତର ମ୍ୟାଚସୂଚୀ: ଜୁନ ୧୪- ଭାରତ ବନାମ ପାକିସ୍ତାନ, ଜୁନ ୧୭- ଭାରତ ବନାମ ନେଦରଲାଣ୍ଡସ, ଜୁନ ୨୧ -ଭାରତ ବନାମ ଦ.ଆଫ୍ରିକା, ଜୁନ ୨୫- ଭାରତ ବନାମ ବାଂଲାଦେଶ, ଜୁନ୍ ୨୮ - ଭାରତ ବନାମ ଅଷ୍ଟ୍ରେଲିଆ ।

# ଶିବମଙ୍କ ସ୍ଥାନରେ ଆମ୍ବ୍ରିସ

ନୂଆଦିଲ୍ଲୀ,୨।୫(ଏଜେନ୍ସି): ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗରେ ସନରାଇଜର୍ସ ହାଇଦ୍ରାବାଦ ଆହତ ଶିବମ ମାଭିଙ୍କ ସ୍ଥାନରେ ଅଲରାଉଣ୍ଡର ଆରଏସ ଆମ୍ବ୍ରିସଙ୍କୁ ସାମିଲ କରିଛି । ସେ ୩୦ ଲକ୍ଷ ବେସ ପ୍ରାଇସରେ ହାଇଦ୍ରାବାଦ ସହ ଜଡିତ ହୋଇଛନ୍ତି । ଚଳିତ ବର୍ଷ ଜିମ୍ବାୱେ ଓ ନାମ୍ବିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ ବିଶ୍ୱକପରେ ଆମ୍ବ୍ରିସ ଚମତ୍କାର ବୋଲିଂ କରିଥିଲେ । ସେ ଟୁର୍ଣ୍ଣାମେଣ୍ଟରେ ୧୧ ୱିକେଟ୍ ଅକ୍ତିଆର କରି ଶୀର୍ଷରେ ପହଞ୍ଚିଥିଲେ । ଦଳକୁ ଚାମ୍ପିଅନ କରାଇବାରେ ତାଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ପୂର୍ବରୁ ହାଇଦ୍ରାବାଦ ଗେରାଲ୍ଡ କୋଇଟେଜ ଓ ଦିଲସାନ ମଧୁସଙ୍କା ଦଳରେ ସାମିଲ କରିଥିଲା । ଡେଭିଡ ପାଇନଙ୍କ ସ୍ଥାନରେ କୋଇଟେଜ ଓ ବ୍ରାଣ୍ଡନ କୋର୍ଷଙ୍କ ମଧ୍ୟରେ ଦିଲସାନଙ୍କୁ ସୁଯୋଗ ମିଳିଛି । ହାଇଦ୍ରାବାଦ ଏବେ ପ୍ରବେଶ ପାଇଁ ଜୋରସୋରରେ ଉଦ୍ୟମ ଜାରି ରଖିଛି ।

# କାନାଡା କ୍ରିକେଟ ଦଳର ପ୍ରଶିକ୍ଷକ ହେଲେ ମଣ୍ଟି

ନୂଆଦିଲ୍ଲୀ,୨।୫(ଏଜେନ୍ସି): କ୍ରିକେଟ କାନାଡା ପକ୍ଷରୁ ମଣ୍ଟି ଦେଶାଇଙ୍କୁ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି । କ୍ରିକେଟ ପ୍ରଶିକ୍ଷଣ କ୍ଷେତ୍ରରେ ଦେଶାଇଙ୍କ ୨୦ ବର୍ଷର ଅଭିଜ୍ଞତା ରହିଛି । ପୂର୍ବରୁ ସେ ଆଫଗାନିସ୍ତାନ, ନେପାଳର ପ୍ରଶିକ୍ଷଣ ଦାୟିତ୍ୱରେ ରହି ପ୍ରଦର୍ଶନରେ ଉନ୍ନତି ଆଣିଥିଲେ । ସେ ମଧ୍ୟ ରାଜସ୍ଥାନ ରୟାଲ୍ସର ପ୍ରଶିକ୍ଷକ ଥିଲେ । ଦଳର ପ୍ରଦର୍ଶନରେ ଉନ୍ନତୀ ଓ ସ୍ଥିରତା ଆଣିବାକୁ ଦେଶାଇର ନିଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ନିକଟରେ ଟି-୨୦ ବିଶ୍ୱକପରେ କାନାଡା ନୈରାଶ୍ୟଜନକ ପ୍ରଦର୍ଶନ କରି ଗୋଟିଏ ବି ମ୍ୟାଚ ଜିତିପାରିନଥିଲା । ଆଗକୁ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇସିସି ଟୁର୍ଣ୍ଣାମେଣ୍ଟରେ ଥିବା ବେଳେ କାନାଡା ନିଜ ପ୍ରଦର୍ଶନରେ ଉନ୍ନତୀ ଆଣିବାକୁ ପଦକ୍ଷେପ ନେଉଛି । ଦେଶାଇଙ୍କ ନିଯୁକ୍ତି ଏହି ଯୋଜନାର ଏହି ଅଂଶ । କାନାଡା କ୍ରିକେଟ ବୋର୍ଡର ସଭାପତିର ଅରବିନ୍ଦର ଖୋଶା କହିଛନ୍ତି ଯେ, ଦେଶାଇଙ୍କ ନେତୃତ୍ୱରେ କାନାଡା ଦଳ ଅଗ୍ରଗତି କରିବ ।

# କେଟି ଗ୍ଲୋବାଲ ସ୍କୁଲରେ ରାଜ୍ୟ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର,୨।୫(ସବ୍ୟୁ):ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲରେ ୯ ବର୍ଷରୁ କମ୍ ବର୍ଗର ଚେସ୍ ପ୍ରତିଯୋଗିତା ଜାରି ରହିଛି । ୩ ଦିନିଆ ଏହି ପ୍ରତିଯୋଗିତା ରବିବାର ଶେଷ ହେବ । ଏହି ପ୍ରତିଯୋଗିତାକୁ କେଟି ଗ୍ଲୋବାଲ ଓ ମାଷ୍ଟର ଚେସ ସଂଘର ମିଳିତ ସହଯୋଗୀରେ ଆୟୋଜନ କରାଯାଇଛି । ୧୭ଟି ଜିଲ୍ଲାରୁ ୧୧୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ଏହି ପ୍ରତିଯୋଗିତା ମାଧ୍ୟମରେ ହେବ । ମୁଖ୍ୟ ଆର୍ବିଟର ଭାବେ ସନ୍ତୋଷ ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି । ତାଙ୍କୁ ସହଯୋଗୀ ପାଇଁ ସୁରୋଜ ମହାରଣା ନିୟୋଜିତ ଅଛନ୍ତି ବୋଲି ରାଜ୍ୟ ଚେସ ସଂଘର ଯୁଗ୍ମ ସମ୍ପାଦକ ଭବେଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି । ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିଙ୍କ ଖାଦ୍ୟପ୍ରେୟ ତଥା ମେଡିକାଲ ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହି ପ୍ରତିଯୋଗିତାର ସଫଳ ୫ ଜଣ ପୁଅ ଓ ୨ ଜଣ ଝିଅ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ । ପ୍ରତିଯୋଗିତାକୁ ଆକର୍ଷଣ କରିବା ପାଇଁ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ରଖାଯାଇଛି । ଗତ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ପୂର୍ବତନ ବିଜେପି ସଭାପତି ତଥା କଟକ ସଦର ପ୍ରଭାରୀ କିଶୋର କୁମାର ପଣ୍ଡା ଉପସ୍ଥିତ ରହି ପ୍ରତିଯୋଗିତାକୁ ବିଧିବଦ୍ଧ ଉଦ୍‌ଘାଟନ କରିବା ସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ । ସଂଘର ଉପସଭାପତି ସୁରେଶ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ । ଟୁର୍ଣ୍ଣାମେଣ୍ଟର ସୁପରିଚାଳନାରେ ସଂଘର ପ୍ରିୟବ୍ରତ ପଣ୍ଡା, ବିଶ୍ୱଜିତ ରାୟ ଓ ଜ୍ୟୋତି ନନ୍ଦ ସହଯୋଗ କରୁଛନ୍ତି ।



# ଉତ୍କଳ କରାଟେ ସ୍କୁଲ କଟକ ଶାଖା ର ବେଲ୍ଟ ପରୀକ୍ଷା

କଟକ,୨।୫(ସବ୍ୟୁ): ସ୍ଥାନୀୟ ଦେଉଳ ସାହି ସ୍ଥିତ ଆର ସ୍କୋୟାର୍ ସେଲିବ୍ରେଶନ ମଣ୍ଡପ ସ୍ଥିତ ଉତ୍କଳ କରାଟେ ସ୍କୁଲ, କଟକ ଶାଖା ରେ କରାଟେକା ମାନଙ୍କ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି । ଏହି ପରୀକ୍ଷା ରେ ଦେଉଳ ସାହି, ସିଡିଏ, ବକ୍ସିବଜାର, କଲ୍ୟାଣୀ ନଗର ଓ ମୁଣ୍ଡୁଳି ଶାଖାରୁ ମୋଟ ୧୨୦ ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହୋଇଛନ୍ତି । ଉତ୍କଳ କରାଟେ ସ୍କୁଲ ର ମୁଖ୍ୟ ତଥା ପ୍ରତିଷ୍ଠାତା ହାଂଶି ଡକ୍ଟର ହରି ପ୍ରସାଦ ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ ସେନସେଇ ଖାରବେଳ ମଲ୍ଲିକ,ଗୋପାଳ ଚନ୍ଦ୍ର ଦାସ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଓ ଉମାକାନ୍ତ ବେହେରା ଉକ୍ତ ପରୀକ୍ଷା ପରିଚାଳନା କରିଥିଲେ ଓ ସିନିୟର୍ କରଟେକା ଶୁଭାଶିଷ ମହାପାତ୍ର, ଶୃଷ୍ଟି ମିଶ୍ର, ପ୍ରିୟଦର୍ଶିନୀ ଦାସ ଓ ତନାଲି ମିଶ୍ର ଓ ସାଗର ସ୍ୱାଇଁ,ପରୀକ୍ଷା ପରିଚାଳନା ରେ ସହାୟତା କରିଥିଲେ ଏବଂ ଶେଷରେ ସମସ୍ତ କୃତି ଛାତ୍ର ଓ ଛାତ୍ରୀମାନଙ୍କୁ ବଲ୍ଟର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରେଡାଇଜି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# କେଉଁଠି ରହିଲା ହାର୍ଦ୍ଦିକଙ୍କ ଭୁଲ

ନୂଆଦିଲ୍ଲୀ,୨।୫(ଏଜେନ୍ସି): ଚଳିତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍ ପ୍ରବେଶ ପାଇଁ ସଂଘର୍ଷ ଜାରି ରଖିଛି । ହାର୍ଦ୍ଦିକ ପାଣ୍ଡ୍ୟା ଦଳର ନେତୃତ୍ୱ ନେବା ପରେ ମୁମ୍ବାଇର ପ୍ରଦର୍ଶନ ନୈରାଶ୍ୟ ରହିଛି । ହାର୍ଦ୍ଦିକଙ୍କ ପ୍ରଦର୍ଶନ ମଧ୍ୟ ସନ୍ତୋଷଜନକ ହୋଇନାହିଁ । ସେ ୭ଟି ମ୍ୟାଚ ଖେଳି ୧୨୮ ରନ ସହ ୪ ୱିକେଟ୍ ନେଇଛନ୍ତି । ଭାରତର ପୂର୍ବତନ ଅଫସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅଲରାଉଣ୍ଡର ହାର୍ଦ୍ଦିକଙ୍କ ବିଫଳ ହେବାର କାରଣ ଦର୍ଶାଇଛନ୍ତି । ସେ କହିଛନ୍ତି ମୁଁ ଦୀର୍ଘ ଦିନ ହାର୍ଦ୍ଦିକଙ୍କ ସହ ଖେଳିଛି । ସେ ସର୍ବଦା ଓଜନିଆ ବ୍ୟାଟ ବ୍ୟବହାର କରିଥାନ୍ତି । ବୟସ ବଢ଼ିବା ସହ ଆମ ଶରୀର ଧୀମା ହୋଇଯାଏ । ସେ ଯଦି ଅପେକ୍ଷାକୃତ ହାଲୁକା ବ୍ୟାଟ ବ୍ୟବହାର କରିବେ ତେବେ ନିଶ୍ଚିତ ଭାବେ ସଫଳ ହେବେ ବୋଲି ଅଶ୍ୱିନ ଆଶାବ୍ୟକ୍ତ କରିଛନ୍ତି । ବ୍ୟାଟ ସୁଇଂ ତାଙ୍କର ଷ୍ଟ୍ରେନ୍ଥ । ଏବେ ଏଥିରେ ବ୍ୟତିକ୍ରମ ଦେଖା ଯାଉଛି । ଅବଶ୍ୟ ମୁଁ ଭୁଲ ହୋଇପାରେ । କିନ୍ତୁ ହାର୍ଦ୍ଦିକ ମୋ କଥାକୁ ବିଚାର କରନ୍ତୁ ବୋଲି ଅଶ୍ୱିନ କହିଛନ୍ତି ।




# ଜାମିସନ ଦଣ୍ଡିତ

ନୂଆଦିଲ୍ଲୀ,୨।୫(ଏଜେନ୍ସି): ଦିଲ୍ଲୀ କ୍ୟାପିଟାଲ୍ସର ଦ୍ରୁତ ବୋଲର ଜାମିସନଙ୍କୁ ଦଣ୍ଡ ମିଳିଛି । ରାଜସ୍ଥାନ ରୟାଲ୍ସର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ବୋଲ୍ଡ କରିବା ପରେ ଜାମିସନଙ୍କ ଆଚରଣଙ୍କୁ ବିସିସିଆଇ ସହଜରେ ଗ୍ରହଣ କରିନାହିଁ । ସୂର୍ଯ୍ୟବଂଶୀଙ୍କୁ ଆଉଟ୍ କରିବା ପରେ ଜାମିସନ ତାଙ୍କ ଆଡକୁ ମାଡି ଯାଇ ତାଳି ମାରିବା ସହ ତାଙ୍କୁ ଆଖି ଦେଖାଇ ଡରାଇଥିଲେ । ସେହି ସମୟରେ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଜଣେ ଯୁବ ଖେଳାଳିଙ୍କ ପ୍ରତି ନ୍ୟୁଜିଲାଣ୍ଡର ଦ୍ରୁତ ବୋଲରଙ୍କ ଆଚରଣ ଉଚିତ ନୁହେଁ ବୋଲି ବିସିସିଆଇ କହିଛି । ଏଥିପାଇଁ ମ୍ୟାଚ ପରେ ଜାମିସନଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଛି । ସେ ଆଇପିଏଲ ଆଚରଣ ବିଧିଧାରା ୨.୫କୁ ଉଲ୍ଲଂଘନ କରିବା ଘଟଣାରେ ଦୋଷୀ ହୋଇଛନ୍ତି । ପୂରା ଘଟଣା ଶୁକ୍ରବାର ମ୍ୟାଚର ଦ୍ୱିତୀୟ ଓଭର ଘଟିଥିଲା । ଜାମିସନଙ୍କ ପ୍ରଥମ ବଲରେ ସୂର୍ଯ୍ୟବଂଶୀ ଚୌକା ମାରିଥିଲେ । ପରବର୍ତ୍ତୀ ବଲରେ ସେ ତାଙ୍କୁ ବୋଲ୍ଡ କରିଥିଲେ । ଏହାପରେ ଜାମିସନ ଆକ୍ରମଣାତ୍ମକ ଘଟଣାରେ ସୂର୍ଯ୍ୟବଂଶୀଙ୍କ ୱିକେଟ୍ ତାଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ସେ କଥା ସ୍ପଷ୍ଟ ଜଣାପଡୁଥିଲା । ଜାମିସନଙ୍କ ଏଭଳି ଆଚରଣ ସତ୍ତ୍ୱେ ସୂର୍ଯ୍ୟବଂଶୀ କିଛି କହିନଥିଲେ । ମ୍ୟାଚ ପରେ ଆଇପିଏଲ ପକ୍ଷରୁ ଜାରି ବିବୃତ୍ତିରେ ଲେଭୁଲ-୧ ଅପରାଧ ପାଇଁ ଜାମିସନଙ୍କୁ ଗୋଟିଏ ଡିମେରିଡ ପଏଣ୍ଟ ମିଳିଛି । ଆକ୍ରମଣାତ୍ମକ ଆଭିମୁଖ୍ୟ ପାଇଁ ତାଙ୍କୁ ଚେତାବନୀ ଦିଆଯାଇଛି । ଜାମିସନ ତାଙ୍କ ବିରୋଧରେ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନକୁ ସ୍ୱୀକାର କରାଯାଇଛି । ଏହି ମ୍ୟାଚରେ ଅଧିନାୟକ ରିଆନ ପରାଗ ୯୦ ରନ୍ ଓ ଡେନେଭାନ ପେରେରା ବିସ୍ଫୋରକ ୪୭ ରନ୍ ବଳରେ ରାଜସ୍ଥାନ ୨୦ ଓଭରରେ ୨୨୫ ରନ୍ କରିଥିଲା । ହେଲେ ଏହି ଲକ୍ଷ୍ୟକୁ ଦିଲ୍ଲୀ ୧୯.୧ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା । ୭୫ ରନର ଇନିଂସ ଖେଳିଥିବା ଲୋକେଶ ରାହୁଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି